# ଧରିତ୍ରୀ DHARITRI

ରାୟଗଡ଼ା, ସୋମବାର, ମେ ୨୭ /୨୦୧୯ (୧୬ ପୃଷ୍ଠା) Rayagada, Monday, May 27 / 2019 ★

୯ମ ଭାଗ ୧୦୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଅପୂର୍ବୀଙ୍କୁ ସ୍ୱର୍ଣ୍ଣ ପଦକ

ଅପୂର୍ବୀ ଚାଣ୍ଡେଲା ମ୍ୟୁନିକ୍‌ଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ୱାର୍ଲ୍ଡ କପ୍ ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୫

୦୨

## ନିକ୍‌ଙ୍କ ସହ ସାକ୍ଷାତର ବର୍ଷପୂର୍ତ୍ତି ପାଳିଲେ ପ୍ରିୟଙ୍କା

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସ ସେମାନଙ୍କ ପ୍ରଥମ ସାକ୍ଷାତର ବର୍ଷପୂର୍ତ୍ତି ପାଳନ କରିଛନ୍ତି।



# ସରକାର ଗଠନ ଦାବି ଜଣାଇଲେ ନବୀନ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଲଗାତର ୫ମ ଥର ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛନ୍ତି। ରବିବାର ବିଜେଡି ବିଧାୟକ ଦଳ ବୈଠକରେ ସର୍ବସମ୍ମତ କ୍ରମେ ନେତା ନିର୍ବାଚିତ ହେବା ପରେ ରାଜଭବନ ଗସ୍ତ କରି ନବୀନ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ କରିବା ପାଇଁ ୧୧୨ ବିଜେଡି ବିଧାୟକ ସମର୍ଥନ ପତ୍ର ହସ୍ତାନ୍ତର କରିଛନ୍ତି। ସପ୍ତାହକ ତଳେ ପଞ୍ଚଦଶ ବିଧାନସଭା ଭଙ୍ଗ ପାଇଁ ରାଜ୍ୟ କ୍ୟାବିନେଟ୍ ସୁପାରିସ କରିଥିଲା। ରାଜ୍ୟପାଳଙ୍କ ଦ୍ୱାରା ଏହା ଅନୁମୋଦିତ ହୋଇ ଷୋଡଶ ବିଧାନସଭା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବିଜେଡି ନିକଟରେ ପୂର୍ଣ୍ଣ ବହୁମତ ଥିବାରୁ ରାଜ୍ୟପାଳ ଗଣେଶୀଲାଲ ବିଜେଡି ବିଧାୟକ ଦଳ ନେତା ନବୀନଙ୍କୁ ସରକାର ଗଢ଼ିବା ପାଇଁ ବିଧିବଦ୍ଧ ଆମନ୍ତ୍ରଣ କରିଥିବା ଜଣାପଡ଼ିଛି। ଆସନ୍ତା ୨୯ ତାରିଖ ଅର୍ଥାତ୍ ବୁଧବାର ପୂର୍ବାହ୍ନରେ ନବୀନ ପଟ୍ଟନାୟକ ନିଜ ମନ୍ତ୍ରିମଣ୍ଡଳ ସହ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଜଧାନୀସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ନବୀନଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ।



ସରକାର ଗଠନ ପାଇଁ ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କୁ ୧୧୨ ବିଧାୟକଙ୍କ ତାଲିକା ପ୍ରଦାନ କରୁଛନ୍ତି।

ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍.ଏଚ୍.ଜି)ର ବହୁ ସଦସ୍ୟା ଯୋଗଦେବେ। ଇତିମଧ୍ୟରେ ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା ଏବଂ ଟ୍ୱିନ୍ ସିଟି କମିଶନର ସତ୍ୟଜିତ ମହାନ୍ତି ପ୍ରମୁଖ ଶପଥ ଗ୍ରହଣ ସ୍ଥଳ ତଥା ପ୍ରଦର୍ଶନୀ ପଡ଼ିଆର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।

୬ ନମ୍ବରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରାୟ ମଧ୍ୟାହ୍ନ ସାଢେ ୧୨ଟା ସମୟରେ ବିଜେଡି ବିଧାୟକ ଦଳ ବୈଠକ ବସିଥିଲା। ଏହା ପୂର୍ବରୁ ବିରାଟ ପୁଷ୍ପଗୁଚ୍ଛ ଦ୍ୱାରା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ସମସ୍ତ ବିଧାୟିକା/ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଗଞ୍ଜାମ ଜିଲା ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ ଦଳ ସଭାପତି ନବୀନଙ୍କୁ ବିଧାୟକ ଦଳ ନେତା ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାକୁ ଦଳର ସମସ୍ତ ସଭ୍ୟ ତଥା ବିଶେଷ ଭାବେ ୯ଜଣ ମହିଳା ବିଧାୟକ ସମର୍ଥନ ଜଣାଇଥିଲେ। ଏହା ପରେ ନବୀନ ପଟ୍ଟନାୟକ ନବ ନିର୍ବାଚିତ ବିଧାୟକମାନଙ୍କୁ ସଂକ୍ଷିପ୍ତ ଉଦ୍‌ବୋଧନ ଦେଇଥିଲେ। ୫ମ ଥର ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବୀନ କହିଥିଲେ ଯେ, ବିଜେଡି ବିଧାୟକ ଦଳର ସମସ୍ତଙ୍କ ପ୍ରତି କୃତଜ୍ଞ। ବିଜେଡି ଉପରେ ପୁନର୍ବାର ଭରସା କରି ☞ପୃଷ୍ଠା-୪

- ନବୀନ ବିଜେଡି ବିଧାୟକ ଦଳ ନେତା ନିର୍ବାଚିତ
- ରାଜ୍ୟପାଳ କଲେ ନିମନ୍ତ୍ରଣ
- ୨୯ରେ ଶପଥ ଗ୍ରହଣ

# ପୋଲ ତଳକୁ ମୋଟର ସାଇକେଲ ଖସି ୨ ମୃତ

**ମାଲକାନଗିରି,୨୬।୫(ଡି.ଏନ.ଏ.)-**

ମାଲକାନଗିରି ଜିଲା ଏମ.ଭି-୪୫ ଗ୍ରାମ ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ୨ ଜଣ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଏମ.ଭି-୫ ଗ୍ରାମର ମନୋଜ ସୋରେନ ଓ ଅତୁଲ ମୁଣ୍ଡା। ମନୋଜ ଓ ଅତୁଲ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଏମ.ଭି-୪୫ ଗ୍ରାମକୁ ଯାଉଥିଲେ। ଏମ.ଭି-୫ ନିକଟରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ■ ରେକର୍ଡ ଭାଙ୍ଗୁଛି ତାତି

# ଥମୁନି ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ଚଳିତବର୍ଷ ରାଜ୍ୟରେ ସମସ୍ତ ରେକର୍ଡ ଭାଙ୍ଗୁଛି ତାତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଦିନକୁ ଦିନ ବୃଦ୍ଧି ପାଉଥିବା ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଶନିବାର ଦୁଇ ସହରର ତାପମାତ୍ରା ୪୬ଡିଗ୍ରୀ ଟପିଥିବା ବେଳେ ରବିବାର ତାଳଚେର ସର୍ବାଧିକ ଉତ୍ତପ୍ତ ସହର ଭାବେ ୪୪.୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରିଛି। ସେହିଭଳି ୧୧ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଛି। ସୋମବାର ୯ ଜିଲାକୁ ହିଟ୍‌ୱେଭ୍ ସତର୍କ ସୂଚନା ଜାରି କରାଯାଇଛି। ଏହାସହ କେତେକ ଜିଲାରେ ସ୍ୱଳ୍ପ ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରବିବାର ତାଳଚେରରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ତଳକୁ ସମ୍ବଲପୁର, ତିତିଲାଗଡ଼ ଓ ମାଲକାନଗିରିରେ ୪୪ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୪୩.୮, ସୋନପୁର ୪୩.୬, ହୀରାକୁଦ ୪୩.୧, ଝାରସୁଗୁଡ଼ା ୪୩, ଭବାନୀପାଟଣା ୪୨.୬, ଅନୁଗୋଳ ୪୧.୧ ଓ ସୁନ୍ଦରଗଡ଼ରେ ପାରଦ ୪୧ଡିଗ୍ରୀ ଛୁଇଁଛି। ଭୁବନେଶ୍ୱରରେ ସର୍ବାଧିକ ୩୯.୨ଡିଗ୍ରୀ ଓ କଟକରେ ୩୮.୮ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯଇଛି। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ହିଟ୍‌ୱେଭ୍ ଲୋକଙ୍କ ମୁଣ୍ଡବ୍ୟଥା ସୃଷ୍ଟି କରିଛି। ଉପକୂଳ ଓଡ଼ିଶା ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଓ ଅସହ୍ୟ ☞ପୃଷ୍ଠା-୪

- ଆହୁରି ୩ ଦିନ ଜାରି ରହିବ
- ୪୦ ଡିଗ୍ରୀ ଟପିଲା ୧୧ ସହର ତାପମାତ୍ରା
- ତାଳଚେର ସର୍ବାଧିକ ଉତ୍ତପ୍ତ
- ୯ ଜିଲାକୁ ହିଟ୍‌ୱେଭ୍ ସତର୍କ ସୂଚନା



# ୪୩% ଏମ୍‌ପିଙ୍କ ଆପରାଧିକ ରେକର୍ଡ

## ସପ୍ତଦଶ ଲୋକ ସଭା

**ନୂଆଦିଲ୍ଲୀ,୨୬।୫(ପି.ଟି.)**

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାୟ ଅଧା ଲୋକ ସଭା ସଦସ୍ୟଙ୍କ ଆପରାଧିକ ରେକର୍ଡ ରହିଛି। ୨୦୧୪ରେ ଜିତିଥିବା ୨୬% ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ନବନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ୪୩% ଦାଗୀ। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ରବିବାର ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଛି।

୭ ପର୍ଯ୍ୟାୟ ନିର୍ବାଚନ ପାଇଁ ଦେଶର ୫୪୨ ଆସନରେ ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ନିଜ ଆପରାଧିକ ପୃଷ୍ଠଭୂମି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସତ୍ୟପାଠ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୩୯ ବିଜୟୀ ପ୍ରାର୍ଥୀଙ୍କ ସତ୍ୟପାଠକୁ ଏଡିଆର୍ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ, ବିଜୟୀଙ୍କ ମଧ୍ୟରୁ ୨୩୩ ଜଣ ଅର୍ଥାତ୍ ୪୩% ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଭାଜପାର ୧୧୬ ଏମ୍‌ପି ଅର୍ଥାତ୍ ୩୯% ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। କଂଗ୍ରେସର ୨୯ ଏମ୍‌ପି (୫୭%)ଙ୍କ ବିରୋଧରେ ଆପରାଧିକ ମାମଲା ବିଚାରାଧୀନ ଅଛି। ସେହିପରି ଜେଡିୟୁର ୧୦ ଜଣ (୪୩%), ଡିଏମ୍‌କେର ୯ (୪୧%) ଏମ୍‌ପି ଦାଗୀ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

୨୦୧୪ରେ ୧୮୫ ଲୋକ ସଭା ସଦସ୍ୟ (୩୪%)ଙ୍କ ବିରୋଧରେ ଆପରାଧିକ ମାମଲା ଓ ୧୧୨ ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିଲା। ୨୦୦୯ରେ ୫୪୩ ଏମ୍‌ପିଙ୍କ ମଧ୍ୟରୁ ୧୬୨ (ପ୍ରାୟ ୩୦%)ଙ୍କ ନାଁରେ ଆପରାଧିକ ମାମଲା ଓ ୧୪%ଙ୍କ ବିରୋଧରେ ଗମ୍ଭୀର ମାମଲା ☞ପୃଷ୍ଠା-୪

## ଏଡିଆର୍ ରିପୋର୍ଟ

- ଷୋଡ଼ଶ ଲୋକ ସଭାରେ ୨୬% ଦାଗୀ ସଦସ୍ୟ ଥିଲେ
- ନବନିର୍ବାଚିତ ଏମ୍‌ପିଙ୍କ ମଧ୍ୟରୁ ଭାଜପାର ୧୧୬, କଂଗ୍ରେସର ୨୯ ଜଣଙ୍କ ବିରୋଧରେ ରହିଛି ଆପରାଧିକ ମାମଲା
- ୨୦୦୯ ତୁଳନାରେ ୨୦୧୯ରେ ସଙ୍ଗିନ ମାମଲା ଥିବା ଏମ୍‌ପିଙ୍କ ସଂଖ୍ୟା ୧୦୯% ବଢ଼ିଛି

## ଆଜିର ସମ୍ପାଦକୀୟ

### ସମସ୍ତଙ୍କ ବିଶ୍ୱାସଭାଜନ

## ଆଜିର ମନ୍ତବ୍ୟ

" ପାକିସ୍ତାନ ଆତଙ୍କବାଦମୁକ୍ତ ଓ ବିଶ୍ୱାସର ବାତାବରଣ ତିଆରି କରିବା କ୍ଷେତ୍ରୀୟ ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଅର୍ଥ, କ୍ଷମତା ବଳରେ ମନ୍ତ୍ରୀପଦ ଆଶା

**ଭୁବନେଶ୍ୱର,୨୬।୫(ଚିଦାନନ୍ଦ ଜେନା)**

ସାରା ଦେଶରେ ସାଧାରଣ ନିର୍ବାଚନ ସମାପ୍ତ ହୋଇଛି। ସେହିଭଳି ରାଜ୍ୟରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ମଧ୍ୟ ସମାପ୍ତ ହୋଇଛି। ଲଗାତର ୫ମ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୨୯ ତାରିଖ ଅର୍ଥାତ୍ ବୁଧବାର ନବୀନଙ୍କ ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବାକୁ ଯାଉଛି। ତେଣୁ ମନ୍ତ୍ରିମଣ୍ଡଳରେ ସ୍ଥାନଟିଏ ପାଇବା ପାଇଁ ବିଧାୟକଙ୍କ ମଧ୍ୟରେ ଜୋରସୋର ଲବି ଆରମ୍ଭ ହୋଇଯାଇଛି। ରାଜ୍ୟ ବିଧାନସଭା ସଂଖ୍ୟାର ୧୫ ପ୍ରତିଶତ ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୧ କିମ୍ବା ୨୨ ମନ୍ତ୍ରୀ ହୋଇପାରିବେ। ଏଭଳି ସ୍ଥିତିରେ ☞ପୃଷ୍ଠା-୪

# ୩୦ରେ ଶପଥ ନେବେ ମୋଦି

**ନୂଆଦିଲ୍ଲୀ,୨୬।୫(ପି.ଟି.)**



ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଆସନ୍ତା ୩୦ ତାରିଖରେ ଶପଥ ଗ୍ରହଣ କରିବେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଗୁରୁବାର ରାତି ୭ଟାରେ ରାଷ୍ଟ୍ରପତି ଭବନରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଶନିବାର ଏନ୍‌ଡିଏର ନବନିର୍ବାଚିତ ଏମ୍‌ପିମାନଙ୍କ ବୈଠକ ବସି ମୋଦିଙ୍କୁ ସର୍ବସମ୍ମତିକ୍ରମେ ସଂସଦୀୟ ଦଳ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ସେ ରାଷ୍ଟ୍ରପତିଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଥିଲେ। ରାଷ୍ଟ୍ରପତି ତାଙ୍କ ସାମ୍ବିଧାନିକ କ୍ଷମତା ବଳରେ ମୋଦିଙ୍କୁ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ମନ୍ତ୍ରୀପରିଷଦ ସଦସ୍ୟମାନଙ୍କ ନିଯୁକ୍ତି ସମ୍ପର୍କରେ ନାଁ ସୁପାରିସ କରିବା ଲାଗି ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ପ୍ରକାଶ ସିଂ ବାଦଲ, ରାଜନାଥ ସିଂ, ନୀତୀଶ କୁମାର, ରାମବିଳାସ ପାଶ୍ୱାନ, ସୁଷମା ସ୍ୱରାଜ, ଉଦ୍ଧବ ଠାକ୍‌ରେ, ନୀତିନ ଗଡକରୀ, କେ. ପାଲାନିସ୍ୱାମୀ, କୋନ୍ରାଡ ସାଙ୍ଗ୍‌ମା ଏବଂ ନେଇଫିଉ ରିଓ ରାଷ୍ଟ୍ରପତି ଭବନ ଯାଇ ମୋଦି ଭାଜପା ସଂସଦୀୟ ଦଳ ନେତା ନିର୍ବାଚିତ ହୋଇଥିବା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଏକ ପତ୍ର ଦେଇଥିଲେ। ଏନ୍‌ଡିଏ ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ପ୍ରଦନା କରାଯାଇଥିଲା। ୫୪୩ ଆସନ ବିଶିଷ୍ଟ ଲୋକ ସଭାର ୫୪୨ ଆସନ ଲାଗି ନିର୍ବାଚନ ହୋଇଥିବାବେଳେ ଏନ୍‌ଡିଏର ସଦସ୍ୟ ସଂଖ୍ୟା ୩୫୩ ରହିଛି।






NECC NATIONAL EGG CO-ORDINATION COMMITTEE 26.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 90 | 145 | 155 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers



ଧରିତ୍ରୀ
DHARITRI
ସୋମବାର, ୨୭ ମେ,୨୦୧୯



"ସିକିମବାସୀ ବିଧାନସଭା ନିର୍ବାଚନରେ ଏସ୍‌ଡିଏଫ୍‌କୁ ପ୍ରତ୍ୟାଖ୍ୟାନ କରିନାହାନ୍ତି, ବରଂ ବିରୋଧୀ ଭୂମିକା ପାଇଁ ଜନାଦେଶ ଦେଇଛନ୍ତି।
-ପଓ୍ବନ କୁମାର ଚାମ୍‌ଲିଙ୍ଗ୍,
ସିକିମର ବିଦାୟୀ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଆଦର୍ଶ ଆଚରଣ ବିଧି ଉଠିଲା

**ନୂଆଦିଲ୍ଲୀ,୨୬।୫(ପି.ଟି.):** ସପ୍ତଦଶ ଲୋକ ସଭା ନିର୍ବାଚନ ଏବଂ ଆନ୍ଧ୍ରପ୍ରଦେଶ, ଓଡିଶା, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସାରା ଦେଶରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିକୁ ନିର୍ବାଚନ କମିଶନ ଉଠାଇ ନେଇଛନ୍ତି। ମାର୍ଚ୍ଚ ୧୦ରେ ସାତ ପର୍ଯ୍ୟାୟ ବିଶିଷ୍ଟ ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ସହ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିଲା। ସେଦିନ ନିର୍ବାଚନ କମିଶନ ଆନ୍ଧ୍ରପ୍ରଦେଶ, ଓଡିଶା, ଅରୁଣାଚଳପ୍ରଦେଶ ଏବଂ ସିକିମ ବିଧାନସଭା ନିର୍ବାଚନ ପାଇଁ ମଧ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ନିର୍ବାଚନ ପରିଚାଳନା ପ୍ରକ୍ରିୟା ମେ ୨୭ରେ ଶେଷହେବ ବୋଲି ଇସି ଘୋଷଣା କରିଥିଲେ ଏବଂ ସେପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିବ ବୋଲି କହିଥିଲେ। ନିର୍ବାଚଳ ଫଳାଫଳ ଘୋଷଣା ହୋଇସାରିଥିବାରୁ ଆଚରଣ ବିଧିକୁ ତୁରନ୍ତ ହଟାଇ ଦିଆଯାଇଛି। ନିର୍ବାଚନ କମିଶନ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ନବନିର୍ବାଚିତ ଏମ୍‌ପିମାନଙ୍କ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିସାରିଛନ୍ତି।

### ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଗୋଲେ ସୋମବାର ଶପଥ ନେବେ



**ଗାଙ୍ଗଟକ୍,୨୬।୫(ପି.ଟି.):** ସିକିମ୍‌ର ନୂଆ ମୁଖ୍ୟମନ୍ତ୍ରୀ ଭାବେ ସିକିମ୍ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ଅଧ୍ୟକ୍ଷ ପ୍ରେମ୍ ସିଂ ତାମଙ୍ଗ ଓରଫ ପି.ଏସ୍. ଗୋଲେ ସୋମବାର ଶପଥଗ୍ରହଣ କରିବେ। ରବିବାର ରାଜଭବନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ ପାଲ୍‌ଜୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଶପଥଗ୍ରହଣ ଉତ୍ସବରେ ରାଜ୍ୟପାଳ ଗଙ୍ଗାପ୍ରସାଦ ୫୧ ବର୍ଷୀୟ ଗୋଲେଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅନ୍ୟ କେତେକ ମନ୍ତ୍ରୀ ମଧ ସେଦିନ ଶପଥ ଗ୍ରହଣ କରିପାରନ୍ତି। ଶନିବାର ରାତିରେ ଏସ୍‌କେଏମ୍ ବିଧାୟକ ଦଳ ବୈଠକ ବସି ଗୋଲେଙ୍କୁ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ଏସ୍‌କେଏମ୍ ସୁପ୍ରିମୋ ୧୭ ନବନିର୍ବାଚିତ ବିଧାୟକଙ୍କ ସହ ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ ଲାଗି ଦାବି ଜଣାଇଥିଲେ। ତେବେ ୨୦୧୬ରେ ଏକ ଦୁର୍ନୀତି ମାମଲାରେ ଗୋଲେ ଦୋଷୀସାବ୍ୟସ୍ତ ହୋଇ ଗୋଟିଏ ବର୍ଷ ଜେଲ୍ କାଟିଥିବାରୁ ଆଇନଗତ ପରାମର୍ଶ ପରେ ନିଷ୍ପତ୍ତି ଜଣାଇବେ ବୋଲି ରାଜ୍ୟପାଳ ତାଙ୍କୁ କହିଥିଲେ। ଆଇନଗତ ପରାମର୍ଶ ନେବା ପରେ ରାଜ୍ୟପାଳ ଗୋଲେଙ୍କୁ ସରକାର ଗଠନ ଲାଗି ଆମନ୍ତ୍ରଣ କରିଥିବା ରାଜଭବନ ସୂତ୍ରରୁ ଜଣାପଡିଛି। ୩୨ ଆସନ ବିଶିଷ୍ଟ ସିକିମ ବିଧାନସଭାରେ ଏସ୍‌କେଏମ୍ ୧୭ ଆସନ ଜିତିଥିବାବେଳେ ଶାସନରେ ଥିବା ଏସ୍‌ଡିଏଫ୍‌କୁ ୧୫ ଆସନ ମିଳିଛି। ଗୋଲେ ନିର୍ବାଚନ ନ ଲଢ଼ି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।


# ଜଳପଥରେ ଜେହାଦୀ


**ଥିରୁଭାନନ୍ତପୁରମ୍,୨୬।୫(ପି.ଟି.)**



ଶ୍ରୀଲଙ୍କାରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୨୫୮ ଜଣଙ୍କ ଜୀବନ ନେଇଥିବା ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ନଜର ଏବେ ଭାରତ ଉପରେ। ୧୫ ଆଇଏସ୍ ଜେହାଦୀ ଶ୍ରୀଲଙ୍କାରୁ ଜଳପଥ ଦେଇ ଲାକ୍ଷାଦ୍ୱୀପ ଆସୁଛନ୍ତି। ଏନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ କେରଳରେ ହାଇଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ ବୋଟ ଦେଖିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉପକୂଳ ଥାନା ଓ ପୋଲିସ ମୁଖ୍ୟମାନଙ୍କୁ ସତର୍କ କରାଯାଇଛି। ଏପ୍ରିଲ ୨୧ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଓ ଅନ୍ୟ କେତେକ ସ୍ଥାନକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଇଷ୍ଟର ସଣ୍ଡେ ପାଳନ ବେଳେ ୩ ଚର୍ଚ୍ଚ, ୩ ବିଳାସପୂର୍ଣ୍ଣ ହୋଟେଲ ସମେତ ୮ଟି ସ୍ଥାନରେ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏଥିରେ ୨୫୮ ନିହତ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ଏହା ପଛରେ ଏକ ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନର ହାତ ଥିବା ସନ୍ଦେହ କରାଯାଉଥିବାବେଳେ ଆକ୍ରମଣ ପାଇଁ ଆଇଏସ୍ ତା'ର ଆମାକସ୍ ନ୍ୟୁଜ୍ ଏଜେନ୍ସି ଜରିଆରେ ନିଜକୁ ଦାୟୀ କରିଥିଲା। ଏହା ପରେ ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶତାଧିକ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଫଳରେ ପଡ଼ୋଶୀ ଦ୍ୱୀପଦେଶରୁ ଆତଙ୍କବାଦୀମାନେ ଅନ୍ୟତ୍ର ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ମିଳିଥିବା ସୂଚନାନୁସାରେ ଏବେ ୧୫ ଆଇଏସ୍ ଆତଙ୍କବାଦୀ ବୋଟ୍‌ରେ ଲାକ୍ଷାଦ୍ୱୀପ ଆସୁଛନ୍ତି। ଗୁରୁବାର ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କଠାରୁ ଗୋଇନ୍ଦା ରିପୋର୍ଟ ମିଳିବା ପରେ ଭାରତର ଉପକୂଳ ଥାନାଗୁଡ଼ିକୁ ସତର୍କ କରାଯାଇଛି। ବହୁସଂଖ୍ୟକ କେରଳୀ ଯୁବକ ଆଇଏସ୍ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ଏହି ଆତଙ୍କବାଦୀ ସଙ୍ଗଠନ ସହ ହାତ ମିଳାଇଥିବା ଜଣାପଡ଼ିଛି। ଆଇଏସ୍ ଆତଙ୍କବାଦୀ କେରଳରେ ଆକ୍ରମଣ କରିପାରନ୍ତି ବୋଲି ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଧ ଆଲର୍ଟ କରିଛି।

- ବୋଟରେ ଲାକ୍ଷାଦ୍ୱୀପ ଆସୁଛନ୍ତି ୧୫ ଆତଙ୍କବାଦୀ
- କେରଳରେ ଆକ୍ରମଣ କରିପାରେ ଇସ୍‌ଲାମିକ୍ ଷ୍ଟେଟ୍
- ଗୋଇନ୍ଦା ରିପୋର୍ଟ ପରେ ଉପକୂଳରେ ହାଇଆଲର୍ଟ




କୋଲକାତାସ୍ଥିତ ଆଲିପୁର ଜୁଲୋଜିକାଲ ଗାର୍ଡେନ ଏନ୍‌କ୍ଲୋଜରରେ ନିଜ ଛୁଆ ସହ ଏକ ମାଈ ଜିରାଫ୍।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଜଗନ୍‌ମୋହନ

**ନୂଆଦିଲ୍ଲୀ,୨୬।୫(ପି.ଟି.)**



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୩୦ରେ ଶପଥ ନେବାକୁ ଯାଉଥିବା ୱାଇଏସ୍‌ଆର କଂଗ୍ରେସ ପାର୍ଟି ଅଧ୍ୟକ୍ଷ ଜଗନ୍‌ମୋହନ ରେଡ୍ଡୀ ରବିବାର ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ପ୍ରଦାନ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ତାଙ୍କ ଦଳ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି ନୁହେଁ କେବଳ ଅନୁରୋଧ କରିପାରିବ ବୋଲି ସେ କହିଛନ୍ତି। ଆନ୍ଧ୍ରବାସୀଙ୍କ ପାଇଁ ଉଦାର ମନୋଭାବ ପୋଷଣ କରିବାକୁ ଜଗନ୍ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଜଗନ୍ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଭେଟି ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରସଙ୍ଗରେ ସହଯୋଗ ଲାଗି ନିବେଦନ କରିଥିଲେ।

ଆମେ ଏବେ କାହାର ଦୟା ଉପରେ ନିର୍ଭର କରିଥାଇପାରୁ, କିନ୍ତୁ ଦିନ ଆସିବ ଅବସ୍ଥା ବଦଳିଯିବ, ଏହା ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ସ୍ମରଣ କରାଇଦେବି ବୋଲି ଜଗନ୍ ଗଣମାଧ୍ୟମକୁ କହିଛନ୍ତି। ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ଯଦି ୨୫୦ ଆସନ ଜିତିଥାନ୍ତା ତେବେ ୱାଇଏସ୍‌ଆରସିପି ପାଇଁ ଭଲ ହୋଇଥାନ୍ତା। କିନ୍ତୁ ଏନଡିଏ ୩୫୩ ଆସନରେ ଜିତିବାରୁ ସରକାର ଗଠନରେ ଆମର ଦରକାର ପଡିଲାନି। ଋଣଗ୍ରସ୍ତ ଆନ୍ଧ୍ରପ୍ରଦେଶ ଲାଗି ସ୍ୱତନ୍ତ୍ର ରାଜ୍ୟପାହ୍ୟା ଅତି ଜରୁରୀ ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଆବଶ୍ୟକ ବୋଲି ଜଗନ୍ କହିଛନ୍ତି। ରାଜ୍ୟ ବିଭାଜନ ହୋଇ ତେଲେଙ୍ଗାନା ଗଠନ ହେବା ବେଳେ ଆନ୍ଧ୍ର ଉପରେ ୯୭ ହଜାର କୋଟି ଟଙ୍କା ଋଣ ବୋଝ ଥିଲା। ଗତ ୫ ବର୍ଷ ମଧ୍ୟରେ ଏହି ଋଣ ପରିମାଣ ୨.୫୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବର୍ଷକୁ ସୁଧ ପରିଶୋଧରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହେଉଛି ବୋଲି ୱାଇଏସ୍‌ଆର କଂଗ୍ରେସ ପାର୍ଟି ନେତା କହିଛନ୍ତି।

**ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟା ନେଇ ଆଲୋଚନା**

## ଜେଡିୟୁରେ ମିଶିଲେ କୁଶ୍‌ୱାହାଙ୍କ ୩ ବିଧାୟକ

**ପାଟନା,୨୬।୫(ପି.ଟି.)**

ଲୋକ ସଭା ନିର୍ବାଚନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି)କୁ ଗୋଟିଏ ହେଲେ ଆସନ ମିଳି ନ ଥିବାବେଳେ ରବିବାର ଉକ୍ତ ଦଳକୁ ଆଉ ଏକ ଝଟକା ଲାଗିଛି। ସମସ୍ତ ୩ ଆର୍‌ଏଲ୍‌ଏସ୍‌ପି ବିଧାୟକ ଦଳ ଛାଡି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁରେ ସାମିଲ ହୋଇଛନ୍ତି। ଆର୍‌ଏଲ୍‌ଏସ୍‌ପି ବିଧାୟକ ଲଲନ ପାଶ୍ୱାନ, ସୁଧାଂଶୁ ଶେଖର ଏବଂ ବିଧାନ ପରିଷଦ ସଦସ୍ୟ ସଞ୍ଜୀବ ଶ୍ୟାମ ଶୁକ୍ରବାର ଏ ସମ୍ପର୍କରେ ପତ୍ର ଲେଖି ଜଣାଇଥିବା ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ ଏବଂ ବିଧାନ ପରିଷଦ ଉପାଧ୍ୟକ୍ଷ ହାରୁନ ରଶିଦ୍ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ କୁଶ୍‌ୱାହା ଏନ୍‌ଡିଏ ଛାଡି ମହାମେଣ୍ଟରେ ସାମିଲ ହେବାକୁ ନିଷ୍ପତ୍ତି ନେବାବେଳେ ଆରଏଲ୍‌ଏସ୍‌ପିର ଏହି ବିଧାୟକମାନେ ବିରୋଧ କରିଥିଲେ। ସେମାନେ ଏନ୍‌ଡିଏ ସହ ରହିବାକୁ ଚାହିଁବା ସହ ପ୍ରକୃତ ଆରଏଲ୍‌ଏସପି ଭାବେ ନିର୍ବାଚନ କମିଶନଙ୍କଠାରୁ ସ୍ୱୀକୃତି ଲୋଡିଥିଲେ।

### ଇମ୍ରାନ୍‌ଙ୍କୁ ମୋଦିଙ୍କ ପରାମର୍ଶ

## ଆତଙ୍କବାଦମୁକ୍ତ ପରିବେଶ ସୃଷ୍ଟି କର

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୬।୫(ପି.ଟି.)**

ଲୋକ ସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ତାଙ୍କ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ରବିବାର ଫୋନ୍ ଯୋଗେ କଥାହେବା ସହ ଦୁଇଦେଶର ଜନସାଧାରଣଙ୍କ ଭଲ ପାଇଁ ଏକାଠି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହା ପୂର୍ବରୁ ଇମ୍ରାନ ଟୁଇଟ୍ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ବାଚନ ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ଟେଲିଫୋନ କଥାବାର୍ତ୍ତା ବେଳେ ଆଞ୍ଚଳିକ ଶାନ୍ତି ଏବଂ ସମୃଦ୍ଧି ପାଇଁ ଆତଙ୍କବାଦ ଓ ହିଂସାମୁକ୍ତ ପରିବେଶ ସୃଷ୍ଟିକରିବାକୁ ମୋଦି ଇମ୍ରାନଙ୍କୁ ପରାମର୍ଶ ଦେଇଥିଲେ। ଅଭିନନ୍ଦନ ପାଇଁ ମୋଦି ଇମ୍ରାନଙ୍କୁ ଧନ୍ୟବାଦ ଜଣାଇଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ପଡୋଶୀ ପ୍ରଥମ ନୀତି ଏବଂ ମିଳିତ ଭାବେ ଦାରିଦ୍ର୍ୟ ଦୂରୀକରଣ ଲାଗି କାମ କରିବାକୁ ମୋଦି ପୂର୍ବରୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ତାଙ୍କ ପ୍ରତିପକ୍ଷଙ୍କୁ ମନେପକାଇଦେବା ସହ ବିଶ୍ୱାସ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ।

### ଅମେଠିରେ ନିର୍ବାଚନ ପରବର୍ତ୍ତୀ ହିଂସା

## ଇରାନୀଙ୍କ ସହଯୋଗୀଙ୍କୁ ହତ୍ୟା



ଅମେଠି ଏମ୍‌ପି ସ୍ମୃତି ଇରାନୀ ସହଯୋଗୀଙ୍କ ମରଶରୀରକୁ କାନ୍ଧ ଦେଉଛନ୍ତି। (ଇନ୍‌ସେଟ୍ ସୁରେନ୍ଦ୍ର ସିଂ )

**ଅମେଠି,୨୬।୫(ପି.ଟି.)**

ଉତ୍ତରପ୍ରଦେଶର ଅମେଠିରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଅମେଠିର ନବନିର୍ବାଚିତ ଭାଜପା ଏମ୍‌ପି ସ୍ମୃତି ଇରାନୀଙ୍କ ଘନିଷ୍ଠ ସହଯୋଗୀ ସୁରେନ୍ଦ୍ର ସିଂ(୫୦)ଙ୍କୁ ଦୁଇ ଜଣ ଅଜଣା ବ୍ୟକ୍ତି ଗୁଳିକରି ହତ୍ୟା କରିଛନ୍ତି। ଏହା ପଛରେ ରାଜନୈତିକ ଷଡଯନ୍ତ୍ର ଥିବା ଅଭିଯୋଗକୁ ଏଡାଇ ଦିଆଯାଇ ନ ପାରେ ବୋଲି ପୋଲିସ କହିଛି। ବରାଉଲି ଗ୍ରାମର ପୂର୍ବତନ ମୁଖିଆ ସୁରେନ୍ଦ୍ରଙ୍କୁ ଶନିବାର ରାତି ୧୧ଟା ୩୦ ମିନିଟରେ ଗୁଳି କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ସ୍ମୃତି ଇରାନୀ ବରାଉଲି ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କ ମରଶରୀରକୁ କାନ୍ଧ ଦେବା ସହ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେଇଛନ୍ତି।

ହତ୍ୟାକାଣ୍ଡ ପଛରେ ପୁରୁଣା ଶତ୍ରୁତା ରହିଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ପୋଲିସ ତାହାର ତଦନ୍ତ ଚଳାଇଛି। ସନ୍ଦେହରେ ୭ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

### ୭୨ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ

# 'ପାରାସାଇଟ୍'କୁ ସ୍ୱର୍ଣ୍ଣପଦକ

**କାନ୍ସ,୨୬।୫(ପି.ଟି)**



ବଙ୍ଗ୍ ଜୁନ୍ ହୋ


ଦକ୍ଷିଣ କୋରୀୟ ନିର୍ଦ୍ଦେଶକ ବଙ୍ଗ୍ ଜୁନ୍ ହୋଙ୍କ 'ପାରାସାଇଟ୍' କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଶନିବାର ସନ୍ଧ୍ୟାରେ ୭୨ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ଉତ୍ସବରେ ପାଲ୍‌ମେ ଡି'ଓର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମହିଳା ନିର୍ଦ୍ଦେଶକଙ୍କ ଦ୍ୱାରା ୪ଟି ଫିଲ୍ମ ମଧ୍ୟରୁ ୩ଟି ଫିଲ୍ମ ପ୍ରତିଯୋଗିତାକୁ ଚୟନ ହୋଇଥିଲା। ବଙ୍ଗ୍ ଜୁନ୍ ହୋ ହେଉଛନ୍ତି ଦ୍ୱିତୀୟ ଏସୀୟ ନିର୍ଦ୍ଦେଶକ ଯିଏ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୧୮ରେ ଜାପାନୀ ଫିଲ୍ମ ନିର୍ଦ୍ଦେଶକ ହିରୋକାଜୁ କୋ-ରେ-ଇଡା 'ଶପ୍‌ଲିଫ୍ଟର୍ସ' ଫିଲ୍ମ ପାଇଁ ପାଲ୍‌ମେ ଡି'ଓର୍ ପୁରସ୍କାର ଲାଭ କରିଥିଲେ। ଫରାସୀ ସିନେମା ଆଇକନ୍ କାଥେରାଇନ୍ ଡେନିଉଭ୍‌ଙ୍କଠାରୁ ବଙ୍ଗ୍ ଜୁନ୍ ହୋ ଉଦ୍‌ଯାପନୀ ଉତ୍ସବର ସର୍ବୋଚ୍ଚ ପୁରସ୍କାର ଲାଭ କରିଥିଲେ। ଏହାପରେ ବେଲ୍‌ଜିୟାନ୍ ବ୍ରଦର୍ସ ଜିନ୍-ପିଏରେ ଏବଂ ଲ୍ୟୁସ ଡାର୍ଡେନେ 'ଲି ଜିଉନ୍ ଅହମଦ୍' (ୟଙ୍ଗ୍ ଅହମଦ୍) ପାଇଁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଲାଭ କରିଥିଲେ। ମେକ୍ସିକାନ୍ ନିର୍ଦ୍ଦେଶକ ଆଲେଜାଣ୍ଡ୍ରୋ ଗୋଞ୍ଜାଲେଜ୍ ଇନାରିଟୁଙ୍କ ନେତୃତ୍ୱରେ ଗଠିତ ବିଚାରକମଣ୍ଡଳୀ ଉତ୍ସବର ରନର୍ସ-ଅପ୍ ପ୍ରାଇଜ୍ (ଗ୍ରାଣ୍ଡ ପ୍ରିକ୍ସ) ଫାର୍ଷ୍ଟ ଟାଇମ୍ ଡାଇରେକ୍ଟର ମଟି ଡିଓପଙ୍କ 'ଆଟଲାଣ୍ଟିକ୍'କୁ ମିଳିଥିଲା। ହଲିଉଡ୍ ଷ୍ଟାର ସିଲଭେଷ୍ଟର ଷ୍ଟାଲୋନ୍‌ଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଥିଲା। ଜୁରି ପ୍ରାଇଜ୍ ମିଳିତ ଭାବେ ଦୁଇଟି ଫିଲ୍ମ ଫ୍ରେଞ୍ଚ୍-ମାଲିଆନ୍ ଲାଡ୍‌ଜ ଲି'ଙ୍କ 'ଲେସ୍ ମିଜେରେବୁଲ୍' ଏବଂ ବ୍ରାଜିଲିଆନ୍ ଫିଲ୍ମ 'ବାକାରାଉ'କୁ ପ୍ରଦାନ କରାଯାଇଥିଲା।

### ଇତିହାସର ଆଇନାରେ

## ମେ ୨୭ର ପ୍ରମୁଖ ଘଟଣା

୧୯୭୧ ମେ ୨୭ରେ ପୂର୍ବ ପାକିସ୍ତାନରେ ସେନା ଆକ୍ରମଣରେ ୨୦୦ରୁ ଊର୍ଦ୍ଧ୍ୱ ବେସାମରିକ ଲୋକ ପ୍ରାଣ ହରାଇଥିଲେ। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ବେଙ୍ଗଲୀ ହିନ୍ଦୁ। ଏହାକୁ ବାଗବତୀ ହତ୍ୟାକାଣ୍ଡ କୁହାଯାଏ। ଏହି ହତ୍ୟାକାଣ୍ଡ ପରେ ମୃତଦେହଗଡ଼ିକୁ ନିକଟସ୍ଥ କୂଅଗୁଡ଼ିକରେ ପୋତି ଦିଆଯାଇଥିଲା। ନିରୀହ ଲୋକଙ୍କ ଉପରେ ଆକ୍ରମଣ ପାଇଁ ଏହାକୁ 'ବିନା କାରଣରେ ହତ୍ୟା' ଆଖ୍ୟା ଦିଆଯାଏ।

୨୦୧୬ ମେ ୨୭ରେ ବାରାକ୍ ଓବାମା ହିରୋଶିମାର ପିସ୍ ମେମୋରିଆଲ୍ ପାର୍କ ଗସ୍ତ କରିଥିଲେ। ସେ ହେଉଛନ୍ତି ଆମେରିକାର ପ୍ରଥମ ରାଷ୍ଟ୍ରପତି ଯିଏ ଜାପାନର ଏହି ଶାନ୍ତି ସ୍ମାରକୀ ସ୍ଥଳକୁ ଯାଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୃତଲୋକଙ୍କ ସ୍ୱର୍ଗୀୟ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ୨୦୦୯ରୁ ୨୦୧୭ ମଧ୍ୟରେ ଆମେରିକାର ୪୪ତମ ରାଷ୍ଟ୍ରପତି ଥିଲେ। ଡେମୋକ୍ରାଟିକ୍ ପାର୍ଟିର ସଦସ୍ୟ ଓବାମା ହେଉଛନ୍ତି ପ୍ରଥମ ଆଫ୍ରିକୀୟ ଆମେରିକୀୟ ଯିଏ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୦.୧ |
| ଚାନ୍ଦବାଲି | ୩୭.୭ | ୨୬.୬ |
| କଟକ | ୩୮.୮ | ୨୭.୦ |
| ପାରାଦ୍ୱୀପ | ୩୨.୧ | ୨୩.୦ |
| ଭୁବନେଶ୍ୱର | ୩୯.୨ | ୨୮.୮ |
| ଗୋପାଳପୁର | ୩୨.୮ | ୨୭.୨ |
| ପୁରୀ | ୩୫.୦ | ୨୮.୦ |
| ଅନୁଗୋଳ | ୪୧.୧ | ୨୪.୬ |
| ବାରିପଦା | --- | ୨୨.୨ |
| ଝାରସୁଗୁଡ଼ା | ୪୩.୦ | ୨୭.୬ |
| କେନ୍ଦୁଝର | ୩୮.୧ | ୨୩.୯ |
| ସମ୍ବଲପୁର | ୪୪.୦ | ୨୯.୨ |
| ସୁନ୍ଦରଗଡ଼ | ୪୧.୦ | ୨୩.୦ |
| ହୀରାକୁଦ | ୪୩.୧ | ୨୯.୫ |
| ତାଳଚେର | ୪୪.୬ | ୨୭.୩ |
| ଭବାନୀପାଟଣା | ୪୨.୬ | --- |
| ବଲାଙ୍ଗୀର | ୪୩.୮ | ୨୯.୬ |
| କୋରାପୁଟ | ୩୬.୬ | ୨୨.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୪.୦ | ୨୭.୦ |
| ମାଲକାନଗିରି | ୪୪.୦ | ୨୫.୫ |
| ସୋନପୁର | ୪୩.୬ | ୨୬.୦ |
| ଦାରିଙ୍ଗିବାଡ଼ି | ୩୮.୦ | ୨୪.୫ |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରିୟଙ୍କା-ନିକ୍‌ଙ୍କ ଭେଟକୁ ବର୍ଷେ

**ଲଣ୍ଡନ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସ ରବିବାର ସେମାନଙ୍କ ପ୍ରଥମ ସାକ୍ଷାତର ବର୍ଷପୂର୍ତ୍ତି ପାଳନ କରିଛନ୍ତି। ପ୍ରିୟଙ୍କାଙ୍କ ପାଇଁ ନିକ୍ ଏକ ଭାବାବେଗପୂର୍ଣ୍ଣ ଲେଖା ଲେଖି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଉଭୟଙ୍କର ବାହାଘର ୨୦୧୮ ଡିସେମ୍ବରରେ ଅନୁଷ୍ଠିତ ହୋଇଥିଲା। ବର୍ଷକ ତଳେ ଏହି ଦିନ ହଲିଉଡ୍‌ରେ 'ବିଉଟି ଆଣ୍ଡ ଦି ବେଷ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସେଲିବ୍ରିଟିଙ୍କ ମଧ୍ୟରେ ଯୋଗ ଦେଇଥିଲେ ନିକ୍ ଜୋନ୍‌ସ ଏବଂ ପ୍ରିୟଙ୍କା ଚୋପ୍ରା। ନିକ୍ ପ୍ରଥମ ସାକ୍ଷାତରେ ପ୍ରିୟଙ୍କାଙ୍କୁ ଭଲ ପାଇ ବସିଥିଲେ। ପରବର୍ତ୍ତୀ ପରିସ୍ଥିତିରେ ଉଭୟ ପରସ୍ପରକୁ ଭଲପାଇ ପ୍ରେମବିବାହ କରିଛନ୍ତି। କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରୁ ବାହାରକୁ ଆସୁଥିବା ବେଳର ଏକ ରୋମାଣ୍ଟିକ୍ ଫଟୋଗ୍ରାଫ୍ ପକାଇ ନିକ୍ ଲେଖିଛନ୍ତି, 'ପ୍ରତ୍ୟେକ ଦିନ ତୁମେ ମୋତେ ହସାଅ ଏବଂ ନିଜକୁ ଭଲ ଭାବେ ଉପସ୍ଥାପନ କରିବା ପାଇଁ ମୋତେ ଅନୁପ୍ରେରିତ କର। ତୁମ ସ୍ୱାମୀ ହୋଇ ନିଜକୁ ଧନ୍ୟ ମନେକରୁଛି। ତୁମକୁ ଖୁବ୍ ଭଲ ପାଏ।' ପ୍ରିୟଙ୍କା ମଧ ନିକ୍‌ଙ୍କୁ ଜଣେ ଶ୍ରେଷ୍ଠ ସ୍ୱାମୀ ବୋଲି ସମ୍ବୋଧନ କରିଛନ୍ତି। ଡେଟିଂର ଦୁଇମାସ ପରେ ନିକ୍ ଏବଂ ପ୍ରିୟଙ୍କାଙ୍କ ନିର୍ବନ୍ଧ ୨୦୧୮ ଜୁଲାଇରେ ହୋଇଥିଲା। ଡିସେମ୍ବରରେ ସେମାନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।



# ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି



ପୁରୀ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୁରୀ ଜିଲାପାଳଙ୍କ ସହ ବିଶ୍ୱବ୍ୟାଙ୍କର ବରିଷ୍ଠ ଅଧିକାରୀ।

**ପୁରୀ ଅଫିସ, ୨୬।୫**

- ସେସୁର କ୍ଷତି ହୋଇଛି ୧୧୧୦ କୋଟି
- ସର୍ବଶିକ୍ଷା ଅଭିଯାନର ୩୦୫ କୋଟି କ୍ଷତି

ବାତ୍ୟାରେ ପୁରୀ ଜିଲାରେ ହୋଇଥିବା କ୍ଷୟକ୍ଷତିର ରବିବାର ଅନୁଧ୍ୟାନ କରିଛନ୍ତି ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ। ଏହି ୨୩ ଜଣିଆ ପ୍ରତିନିଧି ଦଳରେ ବିଶ୍ୱବ୍ୟାଙ୍କ ସମେତ ବିଭିନ୍ନ ସଙ୍ଗଠନର ବରିଷ୍ଠ ଅଧିକାରୀ ସାମିଲ ଥିଲେ । ପୂର୍ବାହ୍ନରେ ପ୍ରଥମେ ସର୍କିଟ ହାଉସ୍‌ରେ କ୍ଷୟକ୍ଷତି ନେଇ ଜିଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ନିଜ ନିଜ ବିଭାଗରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେଉଁ ବିଭାଗରେ କି ପ୍ରକାର କ୍ଷତି ହୋଇଛି, କ୍ଷତିର ପରିମାଣ କେତେ ସେ ନେଇ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଏହାପରେ ଟିମ୍ ଅଲଗା ଅଲଗା ହୋଇ କୃଷି, ପଶୁସମ୍ପଦ, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରସ୍ଥଳକୁ ଯାଇ କ୍ଷୟକ୍ଷତିର ବାସ୍ତବ ସ୍ଥିତି ପରଖିଥିଲେ। ନିମାପଡ଼ାକୁ ଯାଇଥିବା ଟିମ୍ ପାନବରଜ, ଫସଲ ଆଦି କ୍ଷୟକ୍ଷତିର ଅନୁଧ୍ୟାନ କରିଥିବା ବେଳେ ଆଉ ଏକ ଟିମ୍ ବାଲୁଖଣ୍ଡ ଅଭୟାରଣ୍ୟ ବୁଲି ଦେଖିଥିଲେ। ସେହିପରି ଅନ୍ୟ ଏକ ଟିମ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ), ଖାଦ୍ୟ ଏବଂ କୃଷି ସଙ୍ଗଠନ (ଏଫ୍‌ଏଓ), ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି), ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ), ୟୁନାଇଟେଡ୍ ନେସନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି)ର ଅଧିକାରୀମାନେ ସାମିଲ ଥିଲେ।

ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଶାସନର ସବୁ ବିଭାଗର ଅଧିକାରୀ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେମାନଙ୍କ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିଥିଲେ। ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ବିଦ୍ୟୁତ୍ ବିଭାଗ। ଏ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରି ନ ଥିବା ଆଲୋଚନା ହୋଇଥିଲା। ସେସୁ ପକ୍ଷରୁ ୧,୧୧୦ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ୨୮୮ଟି ପ୍ରକଳ୍ପ ନଷ୍ଟ ହୋଇଛି। ଫଳରେ ୧୨ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଦର୍ଶାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ୫୧କୋଟି ୪୬ ଲକ୍ଷ, ସ୍ୱେରେଜ ବୋର୍ଡ ୩କୋଟି ୨୬ ଲକ୍ଷ, ବନ ବିଭାଗ ୩୧ କୋଟି ୫୯ ଲକ୍ଷ, ସର୍ବଶିକ୍ଷା ଅଭିଯାନ ୩୦୫କୋଟି ୩୪ ଲକ୍ଷ, ମତ୍ସ୍ୟ ବିଭାଗ ୭୫,୦୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପ୍ରଭାବିତ ହୋଇଥିବା, ସ୍ୱାସ୍ଥ୍ୟ ବିଭାଗ ୩୦ କୋଟି, ଆର୍ ଆଣ୍ଡ ବି ୮୪ କୋଟି (ରାସ୍ତା ୨୬ କୋଟି ଏବଂ ବିଲ୍‌ଡିଂ ୫୮କୋଟି)ଟଙ୍କା କ୍ଷତି ହୋଇଥିବା ବିଶ୍ୱବ୍ୟାଙ୍କ ଟିମ୍‌କୁ ଜଣାଇଥିଲେ। ଏତଦ୍‌ବ୍ୟତୀତ ୫୬,୭୯୦ କଚ୍ଚା ଘର ଏବଂ ୯,୧୩୦ ପକ୍କାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୧,୬୧,୩୦୧ କଚ୍ଚା ଘର ଏବଂ ୧,୨୫,୧୨୧ ପକ୍କା ଘର କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ସେମାନଙ୍କୁ ଜଣାଯାଇଥିଲା।

ସେହିପରି ରିଲିଫ କାର୍ଯ୍ୟରେ ଜିଲା ଏବଂ ଜିଲା ବାହାରର ୪୦୦ରୁ ଅଧିକ ଟିମ୍ କାର୍ଯ୍ୟକରିଥିବା ଜିଲାପାଳ ସୂଚନା ଦେଇଥିଲେ। ବାତ୍ୟାରେ ୫୮,୦୦୦ଚାଷୀ ଏବଂ ୧,୭୨,୦୦୦ ନଡ଼ିଆ ଚାଷୀ ପ୍ରଭାବିତ ହୋଇଛନ୍ତି। ଅଭୟାରଣ୍ୟ ଏବଂ ଜଙ୍ଗଲରେ ଥିବା ଆବର୍ଜନାକୁ ସଫା କରିବାପାଇଁ ପଦକ୍ଷେପ ନିଆଯାଉଥିବା ଏବଂ ୪୦୦ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷରୋପଣ ପାଇଁ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରିରୁ ଚାରା ଅଣାଯାଉଥିବା ଡିଏଫ୍‌ଓ ସୂଚନା ଦେଇଥିଲେ। ଏଥିସହିତ ଜଙ୍ଗଲରେ ପଶୁମାନଙ୍କ ପାଇଁ କୃତ୍ରିମ ଆଶ୍ରୟସ୍ଥଳୀ ଏବଂ ଜଳାଶୟର ବ୍ୟବସ୍ଥା କରାଯାଇଥିବା କହିଥିଲେ।

## ଭିତରକନିକାରେ ୨୫ କୁମ୍ଭୀର ବସା ଚିହ୍ନଟ

**ରାଜନଗର,୨୬।୫(ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ରବିବାର ସୁଦ୍ଧା ୨୫ଟି କୁମ୍ଭୀର ବସା ଚିହ୍ନଟ ହୋଇଛି । ଏହି ଜାତୀୟ ଉଦ୍ୟାନର ନଦୀ, ନାଳଗୁଡ଼ିକରେ ବସବାସ କରୁଥିବା ବିରଳ ବଉଳା କୁମ୍ଭୀର ବସାରେ ଅଣ୍ଡା ଦେଇଥିବା ଜଣାପଡ଼ିଛି। ଭିତରକନିକା ଫରେଷ୍ଟ ବ୍ଲକ ଓ ଡାଙ୍ଗମାଳ ଫରେଷ୍ଟ ବ୍ଲକର ଗଞ୍ଜେଇଖିଆ, ଶୁଆଯୋର, ଚିନ୍ତାମଣି ମହାନ୍ତି ଯୋର, ଭିତରକନିକା ସମେତ ଡାଙ୍ଗମାଳ ସ୍କିମ୍ ଅଞ୍ଚଳରେ କୁମ୍ଭୀର ବସା କରିଥିବା ଜଙ୍ଗଲ ବିଭାଗ ସୂତ୍ରରୁ ଜାଣିବାକୁ ମିଳିଛି।

### ■ପୋଲିସ-ମାଓବାଦୀ ଗୁଳି ବିନିମୟ

## ଜଣେ ହାର୍ଡକୋର ମାଓବାଦୀ ମୃତ

**ମାଲକାନଗିରି,୨୬।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତରେ ରବିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଛତିଶଗଡର ଦାନ୍ତେୱାଡା ଜିଲା ହିରୋଲି ଜଙ୍ଗଲରେ ମାଓବାଦୀଙ୍କ ଏକ ବଡ ଧରଣର ମେଳି ଚାଲିଥିବା ଏବଂ ସେମାନେ ହିଂସା ଘଟାଇବା ନେଇ ଯୋଜନା କରୁଥିବା ଖବର ପାଇ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା । ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ଜଣେ ହାର୍ଡ କୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରୁ ପୋଲିସ ବନ୍ଧୁକ, ଗୁଳି ଓ ମାଓବାଦୀ ବ୍ୟବହୃତ ଅନେକ ସାମଗ୍ରୀ ଜବତ କରିଛି। ଘଟଣା ପରେ ସେଠାରେ ଥିବା ଅନ୍ୟ ମାଓବାଦୀମାନେ ଖସି ପଳାଇବାରେ ସମର୍ଥ ହୋଇଛନ୍ତି।

### ■ ନିରଞ୍ଜନଙ୍କ ଉପରେ ବର୍ଷିଲେ କାହ୍ନୁ

# ‘ବାପ-ପୁଅ ଦଳରେ ପରିଣତ ହୋଇଛି କଂଗ୍ରେସ’

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ଓଡିଶାରେ କଂଗ୍ରେସ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିବାପରେ ନେତାମାନଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦଳର ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ବହୁ ବରିଷ୍ଠ ନେତା ମୁହଁ ଖୋଲିବା ଆରମ୍ଭ କରିଦେଇଛନ୍ତି। କଂଗ୍ରେସର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା କାହ୍ନୁଚରଣ ଲେଙ୍କା ବର୍ତ୍ତମାନ ସିଧାସଳଖ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ନିରଞ୍ଜନ କଂଗ୍ରେସକୁ ବାପ-ପୁଅ ଦଳରେ ପରିଣତ କରିଛନ୍ତି ବୋଲି କାହ୍ନୁ ଲେଙ୍କା ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନ ପୂର୍ବରୁ ଟଙ୍କା ନେଇ ପିସିସି ସଭାପତି ଟିକେଟ ବିକ୍ରି କରିଥିବା ଅଭିଯୋଗ କରି ବହୁ ନେତା ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ଏହି ପ୍ରସଙ୍ଗକୁ ନେଇ ଦଳର ବରିଷ୍ଠ ନେତାମାନେ ଖୋଲାଖୋଲି ମୁହଁ ଖୋଲିବା ଆରମ୍ଭ କରିଛନ୍ତି। କିଛିଦିନ ତଳେ ଦଳର ଅନ୍ୟତମ ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ଓ ଶରତ ରାଉତ ମଧ୍ୟ ପିସିସି ସଭାପତିଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ରବିବାର କାହ୍ନୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ହେବା ପାଇଁ ନିରଞ୍ଜନ ବ୍ୟାକୁଳ ଥିଲେ। ସେଥିପାଇଁ ବହୁ ଜ୍ୟୋତିଷ ଓ ବଡବଡ ଲୋକଙ୍କ ସହ କଥା ହେଉଥିଲେ। ମାତ୍ର ସବୁଆଡୁ ନିରାଶ ହେବାପରେ ଉପମୁଖ୍ୟମନ୍ତ୍ରୀ ହେବାପାଇଁ ଚେଷ୍ଟା କରିଥିଲେ। ଏହାକୁ ସାକାର କରିବାକୁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ପଠାଇ ପିସିସି ସଭାପତି ଷଡ଼ଯନ୍ତ୍ର କରିଛନ୍ତି। ନିରଞ୍ଜନଙ୍କୁ ଭରସା ଦିଆଯାଇଥିଲା, ଏଥର ନିର୍ବାଚନରେ ବିଜେଡି ସଂଖ୍ୟା ଗରିଷ୍ଠତା ହାସଲ କରିବନାହିଁ। ତେଣୁ ନବୀନ ପଟ୍ଟନାୟକ କଂଗ୍ରେସ ସହଯୋଗ ଲୋଡିବେ। ବିଜେଡି ଓ କଂଗ୍ରେସର ମିଳିତ ମନ୍ତ୍ରିମଣ୍ଡଳ ହେଲେ ନବୀନ ମୁଖ୍ୟମନ୍ତ୍ରୀ ଏବଂ ନିରଞ୍ଜନ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ଶୁଣିବାକୁ ମିଳୁଥିଲା। ସେହିପରି ଏଥର ଖଣ୍ଡପଡାରେ ନିର୍ବାଚନ ଲଢିବା ପାଇଁ ବହୁ ବରିଷ୍ଠ ଓ ପୁରୁଖା ନେତା ଥିଲେ। କିନ୍ତୁ ସେମାନଙ୍କୁ ଟିକେଟ ଦିଆଗଲା ନାହିଁ। ପିସିସି ସଭାପତିଙ୍କ ଘରୋଇ କର୍ମଚାରୀଙ୍କୁ ଟିକେଟ ଦିଆଗଲା। ଟିକେଟ ପାଇଥିବା ପ୍ରାର୍ଥୀମାନେ ପ୍ରଥମେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଆଶୀର୍ବାଦ ନେଲେ ବୋଲି କାହ୍ନୁ କହିଛନ୍ତି।

ସେ ଆହୁରି କହିଛନ୍ତି, କଂଗ୍ରେସ ବିପର୍ଯ୍ୟୟ ପାଇଁ ଦଳର ରାଜ୍ୟ ନେତୃବୃନ୍ଦ ଦାୟୀ। ଏହି ବିପର୍ଯ୍ୟୟ ପ୍ରାକୃତିକ ନୁହେଁ। କୃତ୍ରିମଭାବେ ଏହି ବିପର୍ଯ୍ୟୟ କରାଯାଇଛି। କଂଗ୍ରେସକୁ ତଳିତଳାନ୍ତ କରିବାକୁ ଏପରି ଏକ ଷଡ଼ଯନ୍ତ୍ର ରଚ୍ଛାଯାଇଛି। ନିର୍ବାଚନ ଫଳାଫଳ ପୂର୍ବରୁ ପିସିସି ସଭାପତି ପରାଜୟ ସ୍ୱୀକାର କରି ନେଉଛନ୍ତି। ଦୁଃଖର ସହ କହିବାକୁ ପଡୁଛି, ଟିକେଟ ଏଥର ବଣ୍ଟା ଗଲାନାହିଁ ବରଂ ପକେଟରୁ କାଢି ଦିଆଗଲା। ନେତୃତ୍ୱର ପରାକାଷ୍ଠା ରହିଲାନାହିଁ। ଯେତେବେଳେ ଯାହାକୁ ଚାହିଁଲେ ଟିକେଟ ବାଣ୍ଟିଲେ। ପ୍ରଥମେ କୁହାଗଲା ପରିବାରର ଜଣଙ୍କୁ ଟିକେଟ ଦିଆଯିବ। ହେଲେ ପରବର୍ତ୍ତୀ ସମୟରେ ସେହି ନିୟମକୁ ପରିବର୍ତ୍ତନ କରାଗଲା। ପିସିସି ସଭାପତି ଦୁଇଟି ସ୍ଥାନରୁ ଠିଆ ହେଲେ। ଏହାସହ ତାଙ୍କ ପୁଅଙ୍କୁ ମଧ୍ୟ ଗୋଟିଏ ଆସନରୁ ଟିକେଟ ଦେଲେ। ବାପ-ପୁଅ ସମସ୍ତେ ହାରିଗଲେ। ସେମାନେ କଂଗ୍ରେସକୁ ବାପ-ପୁଅ ଦଳରେ ପରିଣତ କରିଦେଲେ। ଅନ୍ୟ ଜଣେ ନେତା ଅଛନ୍ତି ଯିଏ ଏଥର ନିର୍ବାଚନ ଲଢିଲେନାହିଁ। କିନ୍ତୁ ନିଜର ଦୁଇ ଝିଅଙ୍କ ମଧ୍ୟରୁ ଜଣଙ୍କୁ ବିଜେଡିରୁ ଓ ଅନ୍ୟ ଜଣଙ୍କୁ କଂଗ୍ରେସରୁ ଠିଆ କରାଇଥିଲେ। ସେ ବର୍ତ୍ତମାନ କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଅଛନ୍ତି ବୋଲି କହି ପରୋକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ କାହ୍ନୁ ଟାର୍ଗେଟ କରିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସର କ’ଣ ପାଇଁ ବିପର୍ଯ୍ୟୟ ଘଟିଲା ତା’ର କାରଣ ଖୋଜିବାକୁ ୨୧ଜଣିଆ କମିଟି ଗଠନ କରାଯାଇଛି। କାରଣ ଖୋଜିବାକୁ ଯେଉଁମାନଙ୍କୁ କମିଟିରେ ରଖାଯାଇଛି ସେମାନେ ନିଜେ ଏହି ବିପର୍ଯ୍ୟୟ ପାଇଁ ଦାୟୀ ବୋଲି କାହ୍ନୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ପିସିସି ସଭାପତି ଗତ ଶୁକ୍ରବାର କଂଗ୍ରେସ ବିପର୍ଯ୍ୟୟର କାରଣ ଖୋଜିବା ପାଇଁ ଯେଉଁ କମିଟି ଗଠନ କରିଛନ୍ତି ସେଥିରେ ଦଳର ବରିଷ୍ଠ ନେତା ନରସିଂହ ମିଶ୍ର, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ରହିଛନ୍ତି। ତେବେ କମିଟିରେ ରହିଥିବା ଅଧିକାଂଶ ନେତାଙ୍କ ମଧ୍ୟରୁ ବହୁଜଣ ନିରଞ୍ଜନଙ୍କୁ ପିସିସି ସଭାପତି କରିବା ପାଇଁ ଜୋର୍‌ଦାର ଉଦ୍ୟମ କରିଥିଲେ। ଏମାନଙ୍କୁ ମଧ୍ୟ ସମାଲୋଚନା କରିବାକୁ କାହ୍ନୁ ଭୁଲି ନାହାନ୍ତି। ଏହାସହ ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବା ପାଇଁ ଉଦ୍ୟମ କରିବି। ଦଳ ଭିତରେ ରହିଥିବା କଳାବଜାରି, ମୁନାଫାଖୋର ନେତାଙ୍କୁ ବିତାଡିତ କରାଯିବ ବୋଲି କାହ୍ନୁ କହିଛନ୍ତି।

ଅପରପକ୍ଷରେ କାହ୍ନୁଙ୍କ ଅଭିଯୋଗ ପରେ ବରିଷ୍ଠ ନେତା ହେମାନନ୍ଦ ବିଶ୍ୱାଳ କହିଛନ୍ତି, ଦଳରେ କୁହାଳିଆ ନେତାଙ୍କ ବାରବାଟି ଚାଷ। ଯିଏ କାମ କରେ ସିଏ କେବେ ହେଲେ କହେ ନାହିଁ। ତୃଣମୂଳସ୍ତରରେ କାମ କରିବା ଲୋକ ବହୁତ କମ୍। ଯେଉଁମାନେ ତୃଣମୂଳସ୍ତରରେ କାମ କରନ୍ତି ସେମାନେ କିଛି କୁହନ୍ତି ନାହିଁ। କଂଗ୍ରେସର ଏଭଳି ଅବସ୍ଥା ପାଇଁ ଦଳର ନେତୃବୃନ୍ଦ ମୁଖ୍ୟତଃ ଦାୟୀ। ଆମ ଦଳର ସବୁଠାରୁ ବଡ ସମସ୍ୟା ହେଉଛି, ଖାଲି ଘରେ ବସି କହିବା ଜାଣିଛନ୍ତି। ତାଙ୍କ ଦୁଇ ଝିଅ ଅଲଗା ଅଲଗା ଦଳରୁ ଲଢିବା ପ୍ରସଙ୍ଗରେ ସେ କହିଛନ୍ତି, ଏଇଟା କିଛି ନୂଆ କଥା ନୁହେଁ। ସବୁ ଦଳରେ ଏଭଳି ଉଦାହରଣ ଦେଖିବାକୁ ମିଳିବ। ଖୋଦ୍ ପିସିସି ସଭାପତିଙ୍କ କଥାକୁ ଲକ୍ଷ୍ୟ କଲେ ଏହା ପ୍ରମାଣିତ ହୋଇଯିବ। ସେ ତୃଣମୂଳସ୍ତରରେ କାମ କରିଥିବା କହିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ନିରଞ୍ଜନ କହିଛନ୍ତି ଯେ, ଲୋକ ଅଭିଯୋଗ କରିବେ। କଂଗ୍ରେସ ବିଗତ ଦିନରେ ୧୦ଟି ଆସନରେ ଜିତିଥିଲା ପରବର୍ତ୍ତୀ ସମୟରେ ୧୨୦ ଆସନ ପାଇ ସରକାର ମଧ୍ୟ କରିବାରେ ସକ୍ଷମ ହେଲା। ବହୁ ବଡବଡ ନେତା ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭଳି ନେତା ମଧ୍ୟ ନିର୍ବାଚନ ହାରିବାର ଦୃଷ୍ଟାନ୍ତ ରହିଛି ବୋଲି ନିରଞ୍ଜନ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ସୋନୁ
ପରିବାରବର୍ଗ


ସାଇନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ରହ୍ମଗିରିରେ ରାଜନୈତିକ ହିଂସା: ବୋମାମାଡ଼, ୬ ଆହତ

ବ୍ରହ୍ମଗିରି, ୨୬।୫(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ନିର୍ବାଚନରେ ହାରଜିତକୁ କେନ୍ଦ୍ରକରି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଭାଟପଡ଼ା ଗ୍ରାମରେ ଶୁକ୍ରବାର ଘନଘନ ବୋମାମାଡ଼ ଏବଂ ଟେକାପଥର ମାଡ ହୋଇଛି। ଏଥିରେ ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁରୀ ସଦର ପୋଲିସ ମୁତୟନ ରହିଛି। ଆହତମାନଙ୍କୁ ଚିକିତ୍ସା ଲାଗି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ନିର୍ବାଚନ ଫଳାଫଳ ଆସିବା ପରେ କମେଣ୍ଟ ମରାକୁ ନେଇ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମଧ୍ୟରେ ଦୁଇ ଦିନ ହେଲାଣି ବିବାଦ ଦେଖା ଦେଇଥିଲା। ରବିବାର ଏହା ଉଗ୍ରରୂପ ଧାରଣ କରିଥିଲା। ପ୍ରଥମେ ଗୋଟିଏ ଗୋଷ୍ଠୀର ଲୋକେ ଅନ୍ୟ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛି।


ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

# ମୋଦି ଫ୍ୟାନଙ୍କ ୨୪୦ କି.ମି.ସାଇକେଲ ଯାତ୍ରା

**ମହାପ୍ରଭୁଙ୍କ ଦର୍ଶନ କରି ପୂରଣ କଲେ ମାନସିକ**

ପୁରୀ ଅଫିସ, ୨୬।୫

୨୦୧୯ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦି ବିପୁଳ ଜନ ସମର୍ଥନ ହାସଲ କରି ଦ୍ୱିତୀୟଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏନେଇ ଦେଶସାରା ଉତ୍ସାହର ମାହୋଲ ରହିଛି। କିଏ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରୁଛନ୍ତି ତ କିଏ ଠାକୁରଙ୍କ ପାଖରେ ମାନସିକ ରଖୁଛି। ମୋଦି ଫ୍ୟାନ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏଭଳି ଜଣେ ମୋଦି ଫ୍ୟାନ୍ ହେଉଛନ୍ତି ମୟୂରଭଞ୍ଜ ଜିଲା କପ୍ତିପଦାର ଯୁବଚାଷୀ ସତ୍ୟଜିତ ମହାନ୍ତି। ମୋଦିଙ୍କ ଉଦ୍ଦେଶ୍ୟରେ ସତ୍ୟଜିତ କପ୍ତିପଦାରୁ ୨୪୦ କି.ମି. ସାଇକେଲ ଯାତ୍ରା କରି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରବିବାର ସକାଳ ୯ଟାରେ ସେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ପତିତପାବନଙ୍କୁ ଦର୍ଶନ କରିଥିଲେ। ମହୋଦଧି, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଆଦି ତୀର୍ଥରେ ସ୍ନାନ ସାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମୋଦିଙ୍କ ଦୀର୍ଘାୟୁ କାମନା କରିଥିଲେ। ତାଙ୍କ ନେତୃତ୍ୱରେ ଦେଶର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇ ଫେରିଛନ୍ତି।

ଏ ନେଇ ସତ୍ୟଜିତ କହିଛନ୍ତି, ୨୦୦୮ରେ ଗୁଜରାଟରେ ରହିଥିବା ସମୟରେ ମୋଦିଙ୍କ ବିକାଶମୂଳକ କାର୍ଯ୍ୟ, ବଳିଷ୍ଠ ନେତୃତ୍ୱ, ରାଷ୍ଟ୍ରୀୟତା ଭାବରେ ସେ ଅନୁପ୍ରାଣିତ ହୋଇଥିଲେ। ଭବିଷ୍ୟତରେ ସୁଯୋଗ ମିଳିଲେ ମୋଦିଙ୍କୁ ଭେଟି ଶୁଭେଚ୍ଛା ଜଣାଇବେ ବୋଲି ସେ ଆଶା ରଖିଛନ୍ତି। ମୋଦି ଦ୍ୱିତୀୟଥର ସଂଖ୍ୟାଗରିଷ୍ଠତା ହାସଲ କଲେ ନିଜ ଗ୍ରାମରୁ ସାଇକେଲ ଯାତ୍ରା କରି ମହାପ୍ରଭୁଙ୍କ ନିକଟରେ ମୋଦିଙ୍କ ମଙ୍ଗଳ କାମନା କରିବେ ବୋଲି ମାନସିକ କରିଥିଲେ ସତ୍ୟଜିତ। ୨୩ ତାରିଖ ଫଳାଫଳ ଘୋଷଣା ପରେ ସେ ଅପରାହ୍ନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଥିଲେ।


ସତ୍ୟଜିତ ମହାନ୍ତି

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଶତଭିଷା ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଆପଣ ସମାଜକଲ୍ୟାଣ କାର୍ଯ୍ୟ, ଆନୁଷ୍ଠାନିକକ୍ଷେତ୍ର, ସଭାସମିତିରେ ସାମିଲ ହେଲେ ସମ୍ମାନିତ ହେବେ। ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ରହିବେ।

**ବୃଷ** ଆଜି ରୋହିଣୀ ନକ୍ଷତ୍ରସ୍ଥ ରବି ହେତୁ ହସଖୁସିର ବାତାବରଣ ମଧ୍ୟରେ ମାଙ୍ଗଳିକ କାମ ଓ ବନ୍ଧୁମିଳନ ହେତୁକ ଆନନ୍ଦ ଅନୁଭବ କରିବେ। ମତାନ୍ତର ଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ,ଯୋଗାଯୋଗ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ** ରାହୁ ନକ୍ଷତ୍ରସ୍ଥ ମଙ୍ଗଳଜନିତ ରୋଗ, ଋଣ ଓ ଶତ୍ରୁତା ତଥା ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇ ପାରନ୍ତି। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିପାରେ। ଆର୍ଥିକ ଅନଟନ ମଧ୍ୟରେ ଚଳିବାକୁ ବାଧ ହେବେ।

**କର୍କଟ** ରବି ଓ ବୁଧ ଏକାଦଶସ୍ଥ ହେତୁ ଆଜି ଆପଣଙ୍କ ଉଦାର ଭାବନାଯୁକ୍ତ ସୁଚିନ୍ତିତ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିବ। ପରିବାର ଭିତରେ ଆତ୍ମୀୟସ୍ୱଜନଙ୍କ ସୌହାର୍ଦ୍ଦ୍ୟତା ମଧ୍ୟରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବାର ଅପଚେଷ୍ଟା କରିପାରନ୍ତି।

**ସିଂହ** ଜ୍ୟେଷ୍ଠା ନକ୍ଷତ୍ରସ୍ଥ ବୃହସ୍ପତି ପାରିବାରିକ ଅଶାନ୍ତି ହେତୁ ମାନସିକ ସ୍ଥିତିକୁ ଅସନ୍ତୁଳିତ କରି ରଖିବ। ଫଳରେ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କନ୍ୟା** ଶନି ପୂର୍ବାଷାଢ଼ା ନକ୍ଷତ୍ରରେ ରହିଥିବାରୁ ଅସ୍ଥିରତା ମଧ୍ୟରେ ଦିନଚର୍ଯ୍ୟା କରିବାକୁ ବାଧ ହେବେ। ବ୍ୟୟବୃଦ୍ଧି, ସନ୍ତାନମାନଙ୍କ ସମସ୍ୟା, ଶତ୍ରୁତା, ବିରୋଧର ସାମ୍ନା କରିବା ଦିଗରେ ଚିନ୍ତିତ ରହିବେ। ଅବଶ୍ୟ ଧୈର୍ଯ୍ୟ ଧରି ସବୁ କାମ ସହଜ ଓ ସୁବିଧାରେ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ତୁଳା** ଭାଗ୍ୟସ୍ଥାନରେ ରାହୁ ଓ ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟିକରି ପୁନର୍ବସୁ ଓ ଆରଦ୍ରା ନକ୍ଷତ୍ରସ୍ଥ ଯୋଗୁ ଯାହା ଦୀର୍ଘଦିନ ହେଲା ଖୋଜି ଖୋଜି ପାଉ ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇ ଖୁସି ହେବେ। ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ।

**ବିଛା** ଦ୍ୱିତୀୟ ଭାବରେ କେତୁ ଆପଣଙ୍କ କଥା ଓ ବ୍ୟବହାରରେ ବ୍ୟତିକ୍ରମ ସୃଷ୍ଟିପୂର୍ବକ ସମସ୍ୟା ସୃଷ୍ଟି କରିପାରେ। ଅବଶ୍ୟ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ଧନୁ** ରାଶିରେ ପାପଗ୍ରହଜନିତ ଅଧିକାଂଶ ମସୟ ମାନସିକ ସ୍ଥିତି ଠିକ୍ ରହିବନାହିଁ। ନିକଟ ସମ୍ପର୍କୀୟଙ୍କ ତରଫରୁ କୌଣସି ସମସ୍ୟା କିମ୍ବା ବିରୋଧ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏହା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନ,ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ।

**ମକର** ମୁଖଭାବରେ ଚନ୍ଦ୍ର ଓ କେନ୍ଦ୍ରରେ ଶୁକ୍ର ହେତୁ ମନ ଭଲ ନ ଥିଲେ ମଧ୍ୟ ଅନ୍ୟାନ୍ୟ ଦିଗରୁ ବିଶେଷକିଛି ଅସୁବିଧା ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିପାରନ୍ତି।

**କୁମ୍ଭ** ଷଷ୍ଠାଧିପ ରାଶିରେ ରହିବା କାରଣରୁ କୌଣସି ସମ୍ପର୍କୀୟା ମହିଳା ମାନସିକ ଅଶାନ୍ତିର କାରଣ ହେବେ। ବନ୍ଧୁମାନଙ୍କ ସହାୟତାରେ ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଖୁସି ହେବେ। ମାତ୍ର କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ** ରାଶିର ଉଭୟ ସ୍ଥାନରେ ଗ୍ରହଙ୍କ ସ୍ଥିତି କାରଣରୁ କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ ସାଙ୍ଗକୁ ଅର୍ଥ, ସମ୍ମାନ ଓ ସମ୍ବର୍ଦ୍ଧନା ପାଇ ଖୁସି ରହିବେ। ନିଜର କିଛି ଅସୁବିଧା ନ ଥିଲେ କ'ଣ ହେଲା, ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

ଆଜି ଉତ୍କଳେ ଭଉଁରୀ, ଶ୍ରୀକ୍ଷେତ୍ରେ ହଳଦୀପାଣି, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ସୋମବାର, ମେ ୨୭ ତାରିଖ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ତିରୋଧାନ ଦିବସ, ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କର ୪୫ତମ ସ୍ନାନୋତ୍ସବ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୩୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ବରଗଡ଼ ଅଫିସ, ୨୬।୫

ବରଗଡ଼ ବଲାଙ୍ଗୀର ରାସ୍ତାର ସାଲେଭଟା ବ୍ରିଜରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଅନ୍ୟ ଏକ ବୋଲେରୋ ଧକ୍କା ଦେବା ଯୋଗୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଜେପୁର ଥାନା ବାରଙ୍ଗବାହାଲ ଗ୍ରାମର ଶୁକ୍ରୁ ସାହୁ(୪୫)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ତାଙ୍କ ମୃତଦେହ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଶୁକ୍ରୁ ଏବଂ ଅନ୍ୟ ଜଣେ ଏକ ବାଇକ୍ ଯୋଗେ ଛତାମଖନା ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ବାହାଘର ଉତ୍ସବରେ ଯୋଗଦେଇ ସାରି ସେମାନେ ସେହି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ମାତ୍ର ଫେରିବା ବାଟରେ ସାଲେଭଟା ବ୍ରିଜରେ ସେମାନଙ୍କୁ ଏକ ବୋଲେରୋ ଧକ୍କା ଦେଇଥିଲା ଏବଂ ଉଭୟେ ଆହତ ହୋଇଥିଲେ। ଶୁକ୍ରୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନକୁ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

### କିଛି ତଥ୍ୟ

ଚଳିତ ବର୍ଷ ମାର୍ଚ୍ଚ ମାସରେ ସଙ୍ଗଠିତ କ୍ଷେତ୍ରରେ ମୋଟ ୧୧.୩୮ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହା ଫେବୃୟାରୀରେ ୧୧.୦୨ ଲକ୍ଷ ରହିଥିଲା। – ଇଏସ୍‌ଆଇସି

**ପ୍ରଥମ ପୃଷ୍ଠାରୁ...**

## ୪୩% ଏମ୍‌ପିଙ୍କ...

ରହିଥିଲା। ନୂଆ ଲୋକ ସଭାରେ ସଦସ୍ୟଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ମଧ୍ୟରୁ ପ୍ରାୟ ୨୯% ବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ମହିଳାଙ୍କ ବିରୋଧରେ ଅପରାଧ ବୋଲି ଏନ୍‌ଜିଓ ଏଡିଆର୍ କହିଛି। ୨୦୦୯ ତୁଳନାରେ ୨୦୧୯ରେ ୧୦୯% ଅଧିକ ଏମ୍‌ପି ସେମାନଙ୍କ ବିରୋଧରେ ସଙ୍ଗିନ ମାମଲା ରହିଥିବା ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ୧୧ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା ମାମଲା ରହିଛି। ସେମାନଙ୍କ ମଧ୍ୟରେ ଭାଜପାର ୫, ବିଏସ୍‌ପି ୨ ଏବଂ ଜଣେ ଲେଖାଏ କଂଗ୍ରେସ, ୱାଇଏସ୍‌ଆର୍‌ସିପି ଓ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ମଧ୍ୟପ୍ରଦେଶସ୍ଥିତ ଭୋପାଳ ଆସନର ନବନିର୍ବାଚିତ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାଁରେ ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲା ରହିଛି। ଭାଜପା ପ୍ରଜ୍ଞାଙ୍କୁ ପ୍ରାର୍ଥୀ କରିଥିବାରୁ ଏହାକୁ ନେଇ ଦଳକୁ କଡ଼ା ସମାଲୋଚନାର ପାତ୍ର ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୯ ବିଜୟୀ ସେମାନଙ୍କ ବିରୋଧରେ ଘୃଣା ମନ୍ତବ୍ୟ ସମ୍ପର୍କିତ ମାମଲା ରହିଥିବା ଘୋଷଣା କରିଛନ୍ତି। କେରଳର ଇଡୁକ୍କି ଆସନରୁ ବିଜୟୀ ହୋଇଥିବା କଂଗ୍ରେସର ଡିନ୍ କୁରିଏକୋସ୍‌ଙ୍କ ବିରୋଧରେ ହତ୍ୟା, ଚୋରି ଓ ଲୁଟ୍ ଭଳି ୨୦୪ ଆପରାଧିକ ମାମଲା ରହିଛି ବୋଲି ଏଡିଆର ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଥମୁନି ଗ୍ରୀଷ୍ମ...

ଗୁଳୁଗୁଳି ଲୋକଙ୍କୁ ଦୁର୍ଦ୍ଦଶା ଆଣିଦେଇଛି। ଅନ୍ୟପକ୍ଷରେ ସୋମବାର ଗଞ୍ଜାମ, ଗଜପତି, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୋରାପୁଟ ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହୋଇପାରେ। ଏହାସାଙ୍ଗକୁ ଘଡ଼ଘଡ଼ି ଓ ୩୦ରୁ ୪୦କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ାରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ସତର୍କ ସୂଚନା ଦିଆଯାଇଛି। ଏହି ୯ ଜିଲାରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'ହିଟ୍‌ୱେଭ୍ ଆଲର୍ଟ' ଜାରି କରାଯାଇଛି। ପୁରୀ, କଟକ, କେନ୍ଦୁଝର, ଗଞ୍ଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, କୋରାପୁଟ ଓ ମୟୂରଭଞ୍ଜର କେତେକ ସ୍ଥାନରେ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହେବା ସମ୍ଭାବନା ରହିଛି। ଅନ୍ୟ ସବୁ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଛୋଟ ପିଲା, ବୟସ୍କ ଏବଂ ରୋଗୀମାନଙ୍କୁ ଖରାରେ ବାହାରକୁ ନ ଯିବାକୁ କୁହାଯାଇଥିବା ବେଳେ ଅତି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ସତର୍କ କରାଯାଇଛି।

## ସରକାର ଗଠନ...

ଶାସନର ସୁଯୋଗ ଦେଇଥିବାରୁ ୪ କୋଟି ଓଡ଼ିଆଙ୍କୁ ଧନ୍ୟବାଦ। ଜନସାଧାରଣଙ୍କ ଆସ୍ଥା ହିଁ କଠିନ ପରିଶ୍ରମ ପାଇଁ ପ୍ରେରଣା ଦେଇଛି। ବିଜେଡିର ଲଗାତର ସଫଳତାକୁ ନେଇ ଅନେକେ ବେଳେବେଳେ ପ୍ରଶ୍ନ କରିଥାନ୍ତି, ସେମାନଙ୍କୁ ୨ଟି ଉତ୍ତର ପ୍ରଦାନ କରିଥାଏ। ପ୍ରଥମଟି ଜନତାଙ୍କୁ ପ୍ରାଧାନ୍ୟ ଏବଂ ଦ୍ୱିତୀୟରେ ଲୋକଙ୍କ ପାଇଁ କାର୍ଯ୍ୟ ବୋଲି ୫ମ ଥର ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବୀନ କହିଛନ୍ତି। ସେହିପରି କଲ୍ୟାଣକାରୀ ଯୋଜନାକୁ ପ୍ରାଧାନ୍ୟ ଦେଲେ ରାଜନୀତି କଷ୍ଟକର ବ୍ୟାପାର ହୋଇ ନ ଥାଏ। ଅଧିକ ସଂଖ୍ୟକ ବିଧାୟକ ପ୍ରଥମଥର ପାଇଁ ବିଧାନସଭାକୁ ଆସିଛନ୍ତି। ସେମାନେ ମନେ ରଖିବା ଉଚିତ ଯେ, ସେମାନେ ସରଳ ଜୀବନଯାପନ କରିବା ଉଚିତ। ସରଳ ଜୀବନଯାପନ ହିଁ ଲୋକମାନଙ୍କୁ ନିକଟତର କରିଥାଏ ବୋଲି ନବୀନ କହିଛନ୍ତି। ସର୍ବଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ସହ ଓଡ଼ିଶାକୁ ବିକାଶର ପରବର୍ତ୍ତୀ ପର୍ଯ୍ୟାୟକୁ ନେବା କାର୍ଯ୍ୟକ୍ରମରେ ସହଯୋଗ କାମନା କରିଥିଲେ। ସେହିଭଳି ନବ ନିର୍ବାଚିତ ପ୍ରତ୍ୟେକ ବିଧାୟକଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ସମସ୍ୟାକୁ ଆଖି ଆଗରେ ରଖି ତାହାର ସମାଧାନ କରିବା ଦିଗରେ କାର୍ଯ୍ୟ କରିବା ନେଇ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୂର୍ବବିଧାନସଭାର ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଆହୁରି ତ୍ୱରାନ୍ୱିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ରାଜ୍ୟକୁ ପ୍ରଗତି ଆଣିଦେବ। ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ସହ ମହିଳା ସଶକ୍ତୀକରଣ ସରକାରଙ୍କ ପ୍ରାଥମିକତା ହେବ। ସେହିପରି ନବ ନିର୍ବାଚିତ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଭଳି ଅନେକ ମହିଳାଙ୍କୁ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରିଥିବାରୁ ଧନ୍ୟବାଦ। ଲୋକ ଆସ୍ଥା ଏବଂ ବିଶ୍ୱାସଭାଜନ ହୋଇଥିବାରୁ ଆଗାମୀ ଦିନରେ ବିଜେଡି ସରକାର ଲୋକଙ୍କ ପ୍ରଗତି ପାଇଁ ନିଶ୍ଚୟ କାମ କରିବ ବୋଲି ଲତିକା କହିଛନ୍ତି। ଦଳ ପକ୍ଷରୁ ନବନିର୍ବାଚିତ ବିଧାୟିକା/ବିଧାୟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ବିଧାୟକ ଦଳ ବୈଠକ ପରେ ଦଳର ସମସ୍ତ ବିଧାୟକ, ଏମ୍‌ପି ଏବଂ କର୍ମକର୍ତ୍ତାଙ୍କ ପାଇଁ ହୋଇଥିବା ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥିଲେ।

## ଅର୍ଥ, କ୍ଷମତା...

୧୧୨ ବିଧାୟକଙ୍କ ମଧ୍ୟରୁ କିଏ ମନ୍ତ୍ରୀପଦ ହାସଲ କରିବ, ସେ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସବୁଠାରୁ ମୁଖ୍ୟକଥା ହେଲାଯେ, ବିଜେଡିରେ ପ୍ରଥମଥର ବିଧାୟକ ହୋଇଥିବା କିଛି ନେତା ମଧ୍ୟ ମନ୍ତ୍ରୀପଦ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ଯେଉଁମାନଙ୍କ ସହଯୋଗରେ ବିଜେଡିକୁ ଆସିବାରେ ସଫଳ ହୋଇଥିଲେ, ସେମାନଙ୍କ ଚେର କାଟିବାକୁ ପଛଘୁଞ୍ଚା ମଧ୍ୟ ଦେଉନାହାନ୍ତି। ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନୟାଗଡ ଜିଲାର ଅରୁଣ ସାହୁ, ଯାଜପୁରରୁ ପ୍ରଣବ ପ୍ରକାଶ ଦାସ ଓ କେନ୍ଦ୍ରାପଡାର ଅତନୁ ସବ୍ୟସାଚୀ ନାୟକଙ୍କୁ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳି ନ ପାରେ। ଆଉ ଏହା ଯଦି ସତ୍ୟ ହୁଏ, ତେବେ ନୟାଗଡ ଜିଲାରୁ ପ୍ରଥମଥର ବିଜେଡି ବିଧାୟକ ହୋଇଥିବା ଜଣେ ନେତାଙ୍କୁ ମନ୍ତ୍ରୀପଦ ମିଳିବାରେ ସହଜ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ବିଶ୍ଳେଷକଙ୍କ ମତରେ ଉକ୍ତ ନବାଗତଙ୍କୁ ବିଜେଡିକୁ ବାଟ କଢ଼େଇ ଆଣିଥିବା ଦୁଇ ପ୍ରମୁଖ ନେତା(ସଞ୍ଜୟ ଦାସବର୍ମା ଓ ଦେବାଶିଷ ସାମନ୍ତରାୟ) ଚଳିତ ନିର୍ବାଚନରେ ପରାସ୍ତ ହୋଇଛନ୍ତି। ଏପରିକି ପ୍ରଣବ ପ୍ରକାଶ ମନ୍ତ୍ରୀପଦରେ ନ ରହି ଦଳ ଏବଂ ମନ୍ତ୍ରିମଣ୍ଡଳର ସମନ୍ୱୟକାରୀ ହେବା ପାଇଁ ଯୋଜନା କରୁଛନ୍ତି। ଏଭଳି ସ୍ଥିତିରେ ଉକ୍ତ ନେତାଙ୍କୁ ମନ୍ତ୍ରୀପଦ ମିଳିବାରେ କିଛି ଅସୁବିଧା ହୋଇ ନ ପାରେ ବୋଲି କୁହାଯାଉଛି। ଆଉ କିଛି ରାଜନୈତିକ ପଣ୍ଡିତଙ୍କ ମତରେ ଏଥର ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ଆର୍ଥିକ ମାପଦଣ୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସେହି ହିସାବରେ ବିଚାର କଲେ ଅବିଭକ୍ତ ପୁରୀ ସମେତ ଅବିଭକ୍ତ ସମ୍ବଲପୁର ଓ ଢେଙ୍କାନାଳ ଜିଲାର ଏକାଧିକ ନେତା ବିଜେଡି ନେତୃତ୍ୱଙ୍କୁ ମନ୍ତ୍ରୀପଦ ପାଇଁ ପ୍ରଭାବିତ କରିପାରନ୍ତି। ଅର୍ଥ ବଳରେ ପୂର୍ବରୁ ନେତୃତ୍ୱକୁ ପ୍ରଭାବିତ କରି ଏକାଧିକ ନେତା ଟିକେଟ ହାତେଇ ପାରିଛନ୍ତି, ମନ୍ତ୍ରୀପଦ ହାତେଇବା ସେମାନଙ୍କ ପାଇଁ ବଡ଼ କଥା ନୁହେଁ ବୋଲି ସମୀକ୍ଷକମାନେ କହିଛନ୍ତି। ବିଜେଡିର ଚତୁର୍ଥ ପାଳିରେ ମନ୍ତ୍ରୀଥିବା ଏକାଧିକ ବ୍ୟକ୍ତି ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇସାରିଛନ୍ତି। ତେଣୁ ସେମାନଙ୍କୁ ନେତୃତ୍ୱ ପୁନର୍ବାର ସୁଯୋଗ ଦେବା ଉଚିତ ନୁହେଁ ବୋଲି କେତେକ ଆଶାୟୀ କହି ବୁଲିଲେଣି। ଅପରପକ୍ଷରେ ପୂର୍ବ ନିର୍ବାଚନ ଅପେକ୍ଷା ଭାଜପା ରାଜ୍ୟରେ ନିଜର ଶକ୍ତି ବୃଦ୍ଧି କରିଛି। କେନ୍ଦ୍ରରେ ପୂର୍ଣ୍ଣ ବହୁମତର ସରକାର ଥିବାରୁ ବିଜେଡି ପାଇଁ ଚ୍ୟାଲେଞ୍ଜ ମଧ୍ୟ ରହିଛି। ସେହି ସମୟରେ ବିରୋଧୀଙ୍କ ମୁକାବିଲା ପାଇଁ ବିଜେଡି ଆବଶ୍ୟକ କରୁଥିବା ସାଧନର ମାଲିକାନା ଥିବାରୁ ମନ୍ତ୍ରୀପଦକୁ ଛଡ଼ାଇ ନେବା କେତେକ ନେତା ଯୋଜନା କରିଚାଲିଛନ୍ତି।

ଅପରପକ୍ଷରେ ସେହି ନେତାଙ୍କୁ ବାଟ କଢ଼େଇଥିବା ଯୁବ ବିଧାୟକଗଣ ମୁହଁ ଖୋଲି କହି ପାରୁ ନାହାନ୍ତି କି ହାତରୁ କ୍ଷମତା ଚାଲିଯିବାର ସମ୍ଭାବନା ଥିବାରୁ ସହି ପାରୁ ନାହାନ୍ତି। ଏହି ଯୁବଗୋଷ୍ଠୀ ଆର୍ଥିକ ଭାବେ ସ୍ୱଚ୍ଛଳ ହେଲେ ବି ଧନ କୁବେର ନେତାମାନଙ୍କ ସମକକ୍ଷ ନୁହନ୍ତି। ୨୯ ଶପଥ ଗ୍ରହଣ ଉତ୍ସବକୁ ମାତ୍ର ୪୮ ଘଣ୍ଟା ବାକି ରହିଛି, ତେଣୁ ଆର୍ଥିକଭାବେ ସ୍ୱଚ୍ଛଳ ଥିବା ନେତାମାନେ ମନ୍ତ୍ରୀପଦ ହାତେଇ ପାରୁଛନ୍ତି ନା ନାହିଁ, ତାହା ଉପରେ ସମୀକ୍ଷକମାନଙ୍କ ନଜର ରହିଛି।

# ଆଜି ଜେଇଇ ଆଡ୍‌ଭାନ୍ସ

## ଓଡ଼ିଶାରୁ ପରୀକ୍ଷା ଦେବେ ୩,୨୬୧ ପରୀକ୍ଷାର୍ଥୀ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ସୋମବାର ସମଗ୍ର ଦେଶରେ ଅନୁଷ୍ଠିତ ହେବ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା। ଦେଶର ସମସ୍ତ ଆଇଆଇଟି ସହ ଆଇଆଇଟି ଧାନବାଦ ତଥା ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସ(ଆଇଏସ୍‌ଏମ୍)ରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥର ମୋଟ ୧ଲକ୍ଷ ୭୬ହଜାର ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ଓଡ଼ିଶାରୁ ୩,୨୬୧ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ବା ସିବିଟି ମାଧ୍ୟମରେ ପରୀକ୍ଷା କରାଯିବ। ଚଳିତବର୍ଷ ଓଡ଼ିଶାରେ ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁରରେ ପରୀକ୍ଷା କେନ୍ଦ୍ର ହୋଇଛି।

ଜେଇଇ ଆଡ୍‌ଭାନ୍ସ ପାଇଁ ଦୁଇଟି ପେପରରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପେପର-୧ ଓ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ଏକ ଘଣ୍ଟା ସମୟ ଦିଆଯିବ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ଆଡ୍‌ମିଟ୍ କାର୍ଡ ଓ ଫଟୋ ପରିଚୟପତ୍ର ନେବା ବାଧ୍ୟତାମୂଳକ ରହିଛି। ସ୍ମାର୍ଟଫୋନ୍, କାଲକୁଲେଟର, ଆଇପ୍ୟାଡ୍, ସ୍ମାର୍ଟୱାଚ୍ ଭଳି କୌଣସି ପ୍ରକାର ବୈଦ୍ୟୁତିକ ସାମଗ୍ରୀ ନେବାକୁ ଅନୁମତି ନାହିଁ। ସେହିଭଳି ବ୍ରେସ୍‌ଲେଟ୍, ରିଙ୍ଗ୍, ଇୟରିଂ ଓ ବଡ଼ ବଡ଼ ବଟମ୍ ଥିବା ଡ୍ରେସ୍ ପିନ୍ଧିବାକୁ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଛି। ଜେଇଇ ଆଡ୍‌ଭାନ୍ସ ଲାଗି ନାମ ପଞ୍ଜୀକରଣ ଚଳିତ ମେ ୩ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ହେଲେ ଓଡ଼ିଶାରେ ବାତ୍ୟା 'ଫନୀ' ଯୋଗୁ ନାମ ପଞ୍ଜୀକରଣ ଅବଧିକୁ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଆସନ୍ତା ଜୁନ୍ ୧୪ରେ ପରୀକ୍ଷା ଫଳ ପ୍ରକାଶ ପାଇବ।


**classifieds** **Everyday** 0674-2580101, 2549302



SALE

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ରେଡଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

Ready to move 2BHK, 4BHK flat's at PENGUIN TOWER (Jaydev Vihar) @ 5500/- per sqft. Call: 9040007267 9040046767. D-12665

Bhubaneswar near Pitapali. BDA Commercial Zone NH-5 50 mtr Distance 8599884236. D-12666

BDA Yellow Zone ଥାଇ plot duplex ଭୁବନେଶ୍ୱର ଯାଆଁଳାରେ ମିଳୁଛି: 9853011628. D-12667

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20' ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

Plot at Bhubaneswar: Mahura (near CV Raman College) 750/, Raghunathpur (near Nandankanan PS) 1850/-, Madanpur (near Gita College) 1150/-, Arisol (near Infocity-II) 650/-. Contact: 9438355182, 9437290109. D-66472

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




ଭୁବନେଶ୍ୱରରେ product ବ୍ୟବସାୟ କରି ୫୦୦୦/- ରୁ ୧୫୦୦୦/- ମାସିକ ରୋଜଗାର କରନ୍ତୁ। ଶିକ୍ଷାଗତ ଯୋଗ୍ୟତା ୨ୟ ଶ୍ରେଣୀ। 7327055871. D-12657

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ସଂକ୍ଷେପରେ

### ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ରଘୁନାଥପୁର, ୨୬।୫ (ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଓଡପଡା ଛକରେ ରବିବାର ଅପରାହ୍ନରେ ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ପଞ୍ଚୁପାଣ୍ଡବ ନିକଟସ୍ଥ କୁସୁନପୁର ଗାଁର ପବିତ୍ର କୁମାର ମଲ୍ଲିକ(୫୦), ଧ୍ରୁବଚରଣ ଘଡେଇ(୬୦) ଓ ନାରାୟଣ ସାମଲ ଏକ ହୋଣ୍ଡା ସାଇନ୍ ବାଇକ୍‌ରେ ବିରିଡି ବ୍ଲକ ଅନ୍ତର୍ଗତ ଶିବପୁର ଗାଁକୁ ଏକ ବିବାହ ନିର୍ବନ୍ଧ କାର୍ଯ୍ୟରେ ଆସିଥିଲେ। ଅପରାହ୍ନରେ ଘରକୁ ଫେରିବା ସମୟରେ ପୁରଣ ଓଡପଡା ଛକରେ ବିପରୀତ ପଟୁ ଏକ ସ୍କୁଟି ଦ୍ରୁତଗତିରେ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ସ୍କୁଟିରେ ଥିବା ଜଗତପୁର ନାନକାର ଅଞ୍ଚଳର ପୁରୁଷୋତ୍ତମ ନାୟକ(୪୫), ହେମନ୍ତ କୁମାର ନାୟକ(୪୦) ଦୁର୍ଘଟଣାରେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ବାଇକ୍ ଆରୋହୀ ପବିତ୍ର ଓ ଧ୍ରୁବଚରଣଙ୍କୁ ପ୍ରଥମେ ଏକ ଆମ୍ବୁଲାନ୍ସରେ ସ୍ଥାନୀୟ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ଆଇଆଇସି ବବିତା ଦଲାଇ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

### ବାଇକ-କାର ମୁହାଁମୁହିଁ ଧକ୍କା, ୨ ଗୁରୁତର

ଡୁଙ୍ଗୁରିପାଲି, ୨୬।୫(ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ନିକଟସ୍ଥ ଅଙ୍ଗ ନଦୀ ପୋଲ ଉପରେ ଅପରାହ୍ନ ୫ଟାରେ ଏକ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବରଗଡ ଜିଲ୍ଲା ବିଜେପୁର ଥାନା ଅର୍ନ୍ତଗତ ବାରଙ୍ଗପାଲି ଗ୍ରାମର ଗୋପାଳ ନାଏକ (୨୨)ଓ ଶୁକ୍ରୁ ସାହୁ (୫୫) ସାହୁ ଏକ ବାଇକ( ଓଡି ୧୭ ଏଲ ୮୬୫୨)ରେ ବଲାଙ୍ଗୀର ପଟୁ ଡୁଙ୍ଗୁରିପାଲି ଆଡକୁ ଆସୁଥିଲେ। ଏହି ସମୟରେ ଅଙ୍ଗନଦୀ ପୋଲ ଉପରେ ସାମନା ପଟରୁ ଆସୁଥିବା ଏକ କାର (ଓଡି ୧୫ ଏନ ୦୦୬୩) ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀଦ୍ୱୟ ଗାଡିରୁ ଛିଟିକି ତଳେ ପଡିଥିଲେ। ଗୋପାଳଙ୍କ ଡାହାଣ ଗୋଡ ଓ ହାତ ଭାଙ୍ଗି ଯାଇଥିବା ବେଳେ ପଛରେ ବସିଥିବା ଶୁକ୍ରୁଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ କାରକୁ ସାଲେଭଟା ଫାଣ୍ଡି ପୋଲିସ ଜବତ କରିଛି।

### ଡୁଙ୍ଗୁରିପାଲି: ଦୁଇଦିନରେ ୧୩ ଛେଳି ମୃତ

ଡୁଙ୍ଗୁରିପାଲି, ୨୬।୫(ଡି.ଏନ.ଏ.)-ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକରେ ଗତ ଦୁଇଦିନ ମଧ୍ୟରେ ଜନୈକ ବ୍ୟକ୍ତିଙ୍କ ୧୩ ଛେଳି ମୃତ୍ୟୁମୁଖରେ ପଡିଛନ୍ତି। କ୍ଷତିଗ୍ରସ୍ତ ଛେଳିଚାଷୀ ହେଲେ ଡୁଙ୍ଗୁରିପାଲି ରାମ ମନ୍ଦିର ପାଖର ବାସିନ୍ଦା ସୁନ୍ଦର ଦଣ୍ଡସେନା। ତାଙ୍କର ଶନିବାର ଆଠଟି ଛେଳି ମରିଥିବା ବେଳେ ରବିବାର ଆଉ ପାଞ୍ଚ ଛେଳିଙ୍କ ମୃତ୍ୟୁ ହୋଇଛି। ସୁନ୍ଦର ଗତ ୧୫ ବର୍ଷ ହେବ ଛେଳି ଲାଳନ ପାଳନ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏବେ ତାଙ୍କର ୩୮ଟି ଛେଳି ଅଛି। କିଛିଦିନ ହେଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାରୁ କେତେକ ଛେଳିଙ୍କ ଶରୀର ଓ ମୁହଁରେ ବଡ ବଡ ଫୋଟକା ଦେଖା ଦେଇଥିଲା । ଖବର ପାଇ ରବିବାର ସ୍ଥାନୀୟ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ.ଦେବରାଜ ନାୟକ ଓ ସହକାରୀ ଅଧିକାରୀ ଡ.ଝସକେତନ ପଶାୟତ ଛେଳି ମାଲିକଙ୍କ ଘରକୁ ଯାଇ ଜୀବିତ ଛେଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରବଳ ଗରମ ଯୋଗୁ ଛେଳିଙ୍କ ଦେହରେ ଫୋଟକା ହେବା ସହ ବସନ୍ତ ରୋଗ ହୋଇଥିବା ଚିକିତ୍ସା ଅଧିକାରୀ ଆଶଙ୍କା ପ୍ରକାଶ କରିଥିଲେ।

## ■ ରୋକି ହେଉନି ବେଆଇନ ବାଲି ଉତ୍ତୋଳନ

# ଯୋଜନା ହେଉଛି, କାର୍ଯ୍ୟକାରୀ ହେଉନି

**ଯାଜପୁର ଅଫିସ,୨୬।୫**

ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଗୃହ ନିର୍ମାଣରେ ଲଘୁ ଖଣିଜ ଦ୍ରବ୍ୟ ବାଲି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଣୁ ବଜାରରେ ବାଲିର ଚାହିଦା ଆକାଶଛୁଆଁ ହେବା ସହିତ ବେଆଇନ ବାଲି ଉଠାଣ ଓ ଚୋରା କାରବାର ବୃଦ୍ଧି ପାଇଛି। ଫଳରେ ବାଲି ଉତ୍ସଗୁଡିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରୁଛି। ଏହା ସହିତ ନଦୀକୂଳିଆଙ୍କ ଜୀବନଚର୍ଯ୍ୟା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ରାଜସ୍ୱ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ (ପିଟିଏମ୍‌ଏମ୍‌ଇଏ) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ରିଜୋଲ୍ୟୁଶନ ନମ୍ବର ୨୩୨୨୫/ଆର



ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି।

ଆଣ୍ଡଡିଏମ/୨୮।୬।୨୦୧୮ରେ ଲାଗୁ ହୋଇଥିବା ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସେକ୍ସନ ଅର୍ଡର ନମ୍ବର ୨୫୫୪୮/୧୧।୭।୨୦୧୮ରେ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ ନଦୀନାଳ ଭରା ଯାଜପୁର ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହୋଇଛି।

ପିଟିଏମ୍‌ଏମ୍‌ଇଏ ଯୋଜନା ଅନୁଯାୟୀ ୪ଟି ପଦକ୍ଷେପ ଗ୍ରହଣ କରାଯାଇଛି। ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସମ୍ପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। ବିଭାଗୀୟ ନିର୍ଦ୍ଦେଶନାମା ୧୫୬୪୦/୧୫।୫।୨୦୧୭ ଅନୁଯାୟୀ ଉପଯୁକ୍ତ ଭାବେ ବାଲି ଉତ୍ସର ସୀମାଙ୍କନ କରି ପିଲାର ପୋତିବେ। ଏହାବାଦ ମାଇନିଂ ପ୍ଲାନ ଏବଂ ପରିବେଶ ଅନୁମତି, ମାଇନିଂ ଅପରେଶନ ଏବଂ ବେଆଇନ ବାଲି ଖାଦାନ କାରବାର ଉପରେ ଅଙ୍କୁଶ ଲଗାଇବେ। ଯଦି କେହି ଲିଜଧାରୀ ଆଇନକୁ ଉଲ୍ଲଂଘନ କରୁଛନ୍ତି ତେବେ ତାଙ୍କ ବିରୋଧରେ (ଏମ୍‌ଏମ୍‌ଡିଆର) ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ-୧୯୫୭ ଅନୁସାରେ ଦଣ୍ଡିତ କରାଯାଇ ପାରିବ। ବାଲି ଖାଦାନ ଯୋଗୁ ଯଦି କୌଣସି ନଦୀବନ୍ଧ କ୍ଷତି ହେଉଥିବା

- ■ ନିରର୍ଥକ ହୋଇଛି ବିଭାଗୀୟ ନିର୍ଦ୍ଦେଶ
- ■ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟା ବ୍ୟାହତ

ଜଣାପଡିବ ତେବେ ସମ୍ପୃକ୍ତ ଲିଜକୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି, ଯାନବାହନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ପାରିବ। ଏହି ଯୋଜନାରେ ଏଭଳି ଅନେକ ଆଇନ ରହିଥିଲେ ହେଁ ଯାଜପୁର ଜିଲାରେ ତାହା ନିରର୍ଥକ ହୋଇଛି। ବୈତରଣୀ ନଦୀର ଯାଜପୁର ଜିଲା ସାଆଁଳ ବାଲିଘାଟରୁ ବେଆଇନ ବାଲି ଉଠାଣ ଲିଜ ବାତିଲ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଜାରି କରିଥିଲା। ଏହାସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମାମଲାର ସବିଶେଷ ତଦନ୍ତ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲା। ତଥାପି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ବି ସାଆଁଳ ବାଲିଘାଟରୁ ବେଆଇନ ଭାବେ ବିଭିନ୍ନ ଯନ୍ତ୍ର ସାହାଯ୍ୟରେ ବାଲି ଉତ୍ତୋଳନ ହେଉଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ବୁଢା ଆଦି ନଦୀପଠାରୁ ବାଲି ଚୋରାଚାଲାଣ ଅଣାୟତ୍ତ ହେବାରେ ଲାଗିଛି। ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ତହସିଲର ମଣିନାଥପୁର ଓ ମୁଡାପଦା ବାଲିଘାଟରୁ ଜିଲା ସଦର ଯାଜପୁର ଟାଉନ ଦେଇ ମଧ୍ୟ ଅନାୟାସରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ବୈତରଣୀ ନଦୀ ସାଆଁଳ ସମେତ ପାଟପୁର, ମୋଟରଙ୍ଗାପାଳ, ସୁନ୍ଦରାଇମୋହ, ରୁଢିଆ, ଅଡଙ୍ଗ ସମେତ ବ୍ରାହ୍ମଣୀ ନଦୀର ପଙ୍କପାଳ, ଖପୁରିଆପଦା, ମାର୍ଥାପୁର, ଜାବରା, ସୁଳିଆ, ଭାଲୁଖାଇ, ବାରବାଟି, ଦୁର୍ଗାପୁର, ଦନେଇପୁର, ଜାବରା, କରଜଙ୍ଗା ଓ ବଡଚଅପୋଇ ପ୍ରଭୃତି ସ୍ଥାନରୁ ବେଆଇନ ବାଲି ଚାଲାଣ ଚାଲିଛି। ତେବେ ଆର୍ ଆଣ୍ଡ ଡିଏମ୍ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ନିକୁଞ୍ଜ ବି. ଧଳ ଏହା ଉପରେ ଗୁରୁତ୍ୱ ଦେବା ସହିତ ପିଟିଏମ୍‌ଏମ୍‌ଇଏ ଯୋଜନା କାର୍ଯ୍ୟକାରୀ ହେଲେ ବେଆଇନ ବାଲି ଉତ୍ତୋଳନ ନିୟନ୍ତ୍ରଣ ହୋଇ ପାରିବ ବୋଲି ଆଶା ରଖିଥିବା କହିଛନ୍ତି।

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ବାଲୁଗାଁ,୨୬।୫(ଡି.ଏନ.ଏ.)**

ବାଲୁଗାଁ ରେଳ ଷ୍ଟେଶନର ଅନତି ଦୂର ମାମୁ ଭଣଜା ପାହାଡ଼ ନିକଟରେ ଶନିବାର ବିଳମ୍ବିତ ରାତିରେ କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଡ଼ାଙ୍ଗୁଆ ପାଟଣା ଗ୍ରାମର ରବୀନ୍ଦ୍ର ପଲାଇଙ୍କ ପୁଅ ମନୋଜ (୨୩)। ରବିବାର ପ୍ରତ୍ୟୁଷରୁ ମାମୁ ଭଣଜା ପାହାଡ଼ ପାର୍ଶ୍ୱ ରେଳଧାରଣାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତ ଶରୀର ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳବାଇ ପୋଲିସ୍‌କୁ ଖବର ଦେଇଥିଲେ। ଜିଆରପି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଯୁବକଙ୍କ ମନିପର୍ସରୁ ମିଳିଥିବା ଟ୍ରେନ୍ ଟିକେଟ ଓ ଠିକଣା ଅନୁଯାୟୀ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା । ଅପରାହ୍ନରେ ପରିବାର ଲୋକେ ପହଞ୍ଚି ମନୋଜଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ମନୋଜ ଶନିବାର ଭଦ୍ରକରୁ କରମଣ୍ଡଳ ଏକ୍ସପ୍ରେସ୍ ଯୋଗେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀକୁ କାର୍ଯ୍ୟ କରିବା ପାଇଁ ଯାଉଥିଲେ। ତେବେ କୌଣସି କାରଣରୁ ଅସାବଧାନତା ବଶତଃ ସେ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ରେଳବାଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ପୋଲିସ ଏ ସଂକ୍ରାନ୍ତରେ ୪୬/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ଆମ୍ବଗଛ ପଡ଼ି ବାଳିକା ମୃତ

**ଧର୍ମଗଡ଼/ଭବାନୀପାଟଣା, ୨୬।୫(ଡି.ଏନ୍.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଘୋଟିଆଗାଁରେ ରବିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଆମ୍ବ ଗୋଟାଉଥିବାବେଳେ ପ୍ରବଳ ଝଡତୋଫାନରେ ଆମ୍ବଗଛ ପଡିବାରୁ ଜଣେ ବାଳିକାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର କମଳିନୀ ରଣା (୧୨) ।ଏଥିସହ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରବିବାର ଅପରାହ୍ନରେ ଘୋଟିଆ ଗ୍ରାମର ୬ଜଣ ଗାଁ ମୁଣ୍ଡରେ ଥିବା ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଆମ୍ବ ଗୋଟାଉଥିବା ବେଳେ ହଠାତ ବଡ ଆମ୍ବଗଛ ତାଙ୍କ ଉପରେ ପଡିଯାଇଥିଲା। ଗଛ ତଳେ ଚାପି ହୋଇ ଘଟଣାସ୍ଥଳରେ କମଳିନୀଙ୍କ ମୃତ୍ୟୁ ଘଟିଥିଲା।

### ■ ମାଓବାଦୀଙ୍କ ବର୍ବରତା

## ପୋଲିସ ଇନଫର୍ମର ସନ୍ଦେହରେ କଂଗ୍ରେସ କର୍ମୀଙ୍କୁ ହତ୍ୟା

ମାଲକାନଗିରି,୨୬।୫ (ସ୍ୱ.ପ୍ର./ ଡି.ଏନ.ଏ.) ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଲାଲବାହିନୀ ଶନିବାର ରାତିରେ ଅଘଟଣ ଘଟାଇଛନ୍ତି। ଭେରମଗଡ଼ ଥାନା ଅନ୍ତର୍ଗତ କେସତାପରା ଗ୍ରାମରେ ଜଣେ କଂଗ୍ରେସ କର୍ମୀଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ସହଦେବ। ଖବରରୁ ଜଣାପଡିଛି ଶନିବାର ରାତିରେ ୨୦ରୁ ଉର୍ଦ୍ଧ୍ୱ ମାଓବାଦୀ ଆସି ଗ୍ରାମର ଜଣେ କଂଗ୍ରେସ କର୍ମୀ ସହଦେବଙ୍କ ଘରକୁ ଯାଇ ତାଙ୍କୁ ଜବରଦସ୍ତ ଘରୁ ଟାଣି ଆଣି ସମସ୍ତଙ୍କ ସମ୍ମୁଖରେ ଗଳାକାଟି ହତ୍ୟା କରିଥିଲେ। ଯିଏ ପୋଲିସ ପାଇଁ କାମ କରିବ ତାଙ୍କୁ ଏପରି ସଜା ଭୋଗିବାକୁ ପଡିବ ବୋଲି ମାଓବାଦୀମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ରବିବାର ସକାଳୁ ପୋଲିସ ଉକ୍ତ ଗ୍ରାମକୁ ଯାଇ ତଦନ୍ତ ଚଳାଇଛି ବୋଲି ବିଜାପୁର ଏସ୍‌ପି ଗୋବର୍ଦ୍ଧନ ଠାକୁର ପ୍ରକାଶ କରିଛନ୍ତି।

### ■ ନିର୍ବାଚନ ପରବର୍ତ୍ତୀ ହିଂସା, ପୋଲିସ ନିଷ୍କ୍ରିୟ

## ଥାନାରେ ରାତିସାରା ଗ୍ରାମବାସୀଙ୍କ ଧାରଣା

**ଭଦ୍ରକ ଅଫିସ, ୨୬।୫**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟିଲୋ ମାଲିସାହି ଅଞ୍ଚଳରେ ନିର୍ବାଚନୀ ହିଂସା ଘଟିବା ପରେ ଉତ୍ତେଜନା ଲାଗିରହିଛି। ଏନେଇ ଉଭୟ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିଷ୍କ୍ରିୟ ରହିବାରୁ ଏହାର ପ୍ରତିବାଦରେ ଟିଲୋ ମାଲିସାହିର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଶନିବାର ରାତିରେ ବନ୍ତ ଥାନାରେ ଧାରଣା ଦେଇଥିଲେ। ସେମାନେ ରାତି ୯ଟାରୁ ଭୋର ପର୍ଯ୍ୟନ୍ତ ଥାନାରେ ବସିରହିଥିଲେ। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ।

ଥାନାରେ ଧାରଣା ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଫଳାଫଳ ଆସିବା ପରେ ଶାସକ ଦଳ ସମର୍ଥିତ କେତେକ ଲୋକ ଗାଁରେ ଗୁଣ୍ଡାଗର୍ଦ୍ଦି କରିବା ଆରମ୍ଭ କରିଥିଲେ। ଟିଲୋ ମାଲିସାହିର ଭାଜପା ସମର୍ଥିତ ଜଣେ ପୂର୍ବତନ ସରପଞ୍ଚଙ୍କ ଦିବ୍ୟାଙ୍ଗ ଝିଅଙ୍କୁ କେତେକ କର୍ମୀ ପ୍ରଥମେ କମେଣ୍ଟ ମାରିଥିଲେ। ଶନିବାର ସକାଳେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିଦେବାକୁ ମଧ୍ୟ ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଓ ପୂର୍ବତନ ସରପଞ୍ଚ ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ ଏଭଳି କୋହଳ ମନୋଭାବ ପୋଷଣ ଯୋଗୁ ସାହସ ପାଇ କେତେକ ବ୍ୟକ୍ତି ପୂର୍ବତନ ମହିଳା ସରପଞ୍ଚଙ୍କ ଘରକୁ ଯାଇ ଆକ୍ରମଣ ମଧ୍ୟ କରିଥିଲେ। ଭାଜପା ସମର୍ଥକମାନେ ବିରୋଧ କରିବାରୁ ସେମାନେ ପ୍ରତିଆକ୍ରମଣ କରିଥିଲେ। ଏଭଳି ସ୍ଥିତିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରତିବାଦରେ ଟିଲୋ ମାଲିସାହି ବାସିନ୍ଦା ଶନିବାର ରାତି ୯ଟା ବେଳେ ଥାନାକୁ ଯାଇ ଧାରଣା ଦେଇଥିଲେ। ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ ଉଭୟ ଗୋଷ୍ଠୀ ଏହି ଗଣ୍ଡଗୋଳ ନେଇ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି। ଗାଁର ପଙ୍କଜିନୀ ଜେନା ଓ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୬୦/୧୯) ହୋଇଥିବା ବେଳେ ଅପରପକ୍ଷର ଗୋଲକ ସାମଲଙ୍କ ଅଭିଯୋଗକୁ ଭିତ୍ତିକରି ଆଉ ଏକ ମାମଲା(ନଂ. ୫୯/୧୯) ରବିବାର ରୁଜୁ ହୋଇଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

## ଗଛକୁ ଧକ୍କା ଦେଲା ବସ୍

■ ୧୮ ଆହତ, ଡ୍ରାଇଭରଙ୍କ ସମେତ ୧୦ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

**ସୋନପୁର/ମନମୁଣ୍ଡା,୨୬।୫ (ନି.ପ୍ର./ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଜିଲା ମନମୁଣ୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ସୁଜନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବସ୍ ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିଲା। ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ବସ୍ (ନଂ.ଓଡି୦୨ଏସି/୦୨୮୦)ଟି ରାସ୍ତାପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଏଥିଯୋଗୁ ୧୮ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୧୦ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଡ୍ରାଇଭର ଶାନ୍ତନୁ ନାଏକ ବସ୍‌ରେ ଚାପି ହୋଇ ରହିଥିଲେ। ଜେସିବି ମେଶିନ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଡ୍ରାଇଭରଙ୍କ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ସହ ଅନ୍ୟ ଦୁଇ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟ ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ଭଦ୍ରକର ବିଭୂତି ପଣ୍ଡା, ବଲାଙ୍ଗୀରର ସୁଶୀଲ କୁମାର ଷାଣ୍ଢ, ସ୍ୱାଧୀନ ବିଶି, କେଉଁଝରର ଅନୀଲ କୁମାର ଓତା, ମଙ୍ଗଳାସାହି କଟକର ଉମ୍ବରୁଧର ଲେଙ୍କା, ତରଭା ବ୍ଲକ ଦେଉଳପଦରର ଜିତେନ୍ଦ୍ର ସା, ପୁଆର ଗଣେଶ ଦାଶ, କଳାହାଣ୍ଡି ଜୟପାଟଣାର ବବି ବାଗ ଓ ସୋନପୁରର ଗଦାଧର ବାରିକ। ସାମାନ୍ୟ ଆହତ ହୋଇଥିବା ଯାତ୍ରୀ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମନମୁଣ୍ଡା ପୋଲିସ ବସ୍ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତ ଅଧିକାରୀ ଏଏସଆଇ ରଞ୍ଜନ ଭୁକ୍ତା କହିଛନ୍ତି।

## ସିରିଜ୍ ଦୁର୍ଘଟଣା: ମହିଳା ମୃତ, ୪ ଆହତ

**ନୂଆଗାଁ,୨୬।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ମହୀପୁରଠାରେ ରବିବାର ସକାଳେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ସିମେଣ୍ଟ ବୋଝେଇ ଟ୍ରକ ପ୍ରଥମେ ଦୁଇଟି ବାଇକ୍ ଓ ପରେ ଏକ କାର୍‌କୁ ଧକ୍କା ଦେଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଆହତ ହେଇଛନ୍ତି। ମୃତକ ହେଲେ ନୂଆଗାଁ ଥାନା ଶିଖରଗୋଛା ଗ୍ରାମର ଧଡିଆ ନାୟକଙ୍କ ସ୍ତ୍ରୀ ରେବତୀ (୩୧)। ମିଳିଥିବା ସୂଚନା ଅନୁସାରେ ରବିବାର ସକାଳ ୯ଟା ସମୟରେ ଧଡିଆ ସ୍ତ୍ରୀ ରେବତୀଙ୍କୁ ବାଇକ୍ (ଓଡି୨୫ଜି-୫୬୬୨)ରେ ବସାଇ ନୂଆଗାଁରୁ କର୍ମକ୍ଷେତ୍ର କାକଟପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ଛତିଶଗଡରୁ ନୟାଗଡ଼ ଯାଉଥିବା ସିମେଣ୍ଟ ବୋଝେଇ ଟ୍ରକ (ଓଡି୩୩-୩୯୮୬) ମହୀପୁର ରାମଚଣ୍ଡୀ ମନ୍ଦିର ନିକଟରେ ଧଡିଆଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ସେଠାରେ ପଡିଯିବାରୁ ରେବତୀଙ୍କ ଶରୀରରେ ଗଭୀର ଆଘାତ ଲାଗିବା ସହ ମୁଣ୍ଡର ଖପୁରି ଉଠିଯାଇଥିଲା। ସେଠାରୁ ଟ୍ରକଟି ଖସିଯିବାକୁ ଉଦ୍ୟମ କରି ଦ୍ରୁତଗତିରେ ଯିବାବେଳେ ବାଇକ୍‌ରେ ଯାଉଥିବା ଭାଟସାହିର ଅନ୍ତର୍ଯ୍ୟାମୀ ଭଟ୍ଟ ଓ ତାଙ୍କ ସ୍ତ୍ରୀଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛିଟିକିପଡି ଗୁରୁତର ହୋଇଥିଲେ। ପରେ ଟ୍ରକ୍‌ଟି ମହୀପୁର ଛକରେ ଏକ ଇଣ୍ଡିଗୋ କାର (ଓଡି୨୫-୦୩୦୩)କୁ ଧକ୍କା ଦେବାରୁ କାର୍ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରେବତୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଆହତମାନେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକଟି ଖସିଯିବାକୁ ଉଦ୍ୟମ କରୁଥିବାରୁ ଲୋକେ ଡ୍ରାଇଭରଙ୍କୁ ଅଟକାଇବା ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ନୂଆଗାଁ ଥାନା ଆଇଆଇସି ମନୋରମା ମଲିକ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକଙ୍କୁ ଉଦ୍ଧାର କରି ଗାଡିଗୁଡିକୁ ଜବତ କରିଛନ୍ତି। ଟ୍ରକ ଡ୍ରାଇଭର ଦୀପୁ ନାୟକଙ୍କୁ ଥାନାରେ ଅଟକ ରଖାଯାଇଛି। ଟ୍ରକ୍‌ର ବ୍ରେକ୍ ଫେଲ୍ ହୋଇଯିବାରୁ ଏପରି ଦୁର୍ଘଟଣା ଘଟିଥିବା ଦୀପୁ କହିଛନ୍ତି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ମଲିକ ସୂଚନା ଦେଇଛନ୍ତି।



ଦୁର୍ଘଟଣା ଘଟାଇଥିବା ଟ୍ରକ।

ଧରିତ୍ରୀ
DHARITRI
ସୋମବାର, ୨୭ ମେ, ୨୦୧୯

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ।

–ଶ୍ରୀଅରବିନ୍ଦ



# ସମସ୍ତଙ୍କ ବିଶ୍ୱାସଭାଜନ

ସପ୍ତଦଶ ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ୩୦୩ ଆସନ ପାଇ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବା ସହ ସହଯୋଗୀଙ୍କୁ ନେଇ ଏନ୍‌ଡିଏ ନାମରେ ମୋଟ ୩୫୩ ଆସନ ହାସଲ କରିପାରିଛି। ସରକାର ସପକ୍ଷରେ ହାୱା ବହିବା ପରେ ଏଭଳି ସଫଳତା ମିଳିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିବାରେ ଲାଗିଲେଣି। ଏହି ଦାବିର ବିଭିନ୍ନ ଦିଗ ରହିଛି। କୁହାଯାଉଛି, ୨୦୧୪ରେ ମୋଦିଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବାରେ ପୂର୍ବର ଉପା–୧ ଓ ଉପା–୨ ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ସହାୟକ ହୋଇଥିଲା। ସେଥିପାଇଁ ସେହି ସମୟରେ ଯୁକ୍ତି ଦର୍ଶାଯାଇଥିଲା ଯେ ତାହା କେବଳ ମୋଦିଙ୍କ ବିଜୟ ବୋଲି କୁହାଯାଇପାରିବ ନାହିଁ, କଂଗ୍ରେସର ବିପୁଳ ବିଫଳତା ଅପରପକ୍ଷକୁ ଅଧିକ ସଂଖ୍ୟା ଦେଇଥିଲା। ହେଲେ ୨୦୧୯ ସାଧାରଣ ନିର୍ବାଚନରେ ତୃତୀୟ ସାମ୍ମୁଖ୍ୟ ବା ମହାଗଠବନ୍ଧନ ଭୋଟ ଗୋଟେଇବାରେ ଅକ୍ଷମତା, ସାଧାରଣ ଲୋକଙ୍କ ଆଖିରେ ରାହୁଲଙ୍କ ପ୍ରତି ଅଗ୍ରହଣୀୟତା ସହିତ ତଥାକଥିତ ଦେଶପ୍ରେମ ଏବଂ ମୋଦିଙ୍କ ପାଖରେ ଶତ୍ରୁଦମନକାରୀ ଶକ୍ତି ଅଛି ବୋଲି ଯେଉଁ ବାତାବରଣ ସୃଷ୍ଟି ହେଲା, ତାହାର ସମୁଦାୟ ଅଙ୍କ ୩୫୩ରେ ପହଞ୍ଚାଇଦେଲା। ସେହିପରି ରାଜ୍ୟସ୍ତରରେ ସକ୍ରିୟ ଥିବା ଦଳ ବିଶେଷକରି ତୃଣମୂଳ କଂଗ୍ରେସ (ଟିଏମ୍‌ସି), ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି), ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ନିଜ ନିଜ ଅଞ୍ଚଳରେ ମ୍ୟାଜିକ୍ ଦେଖାଇପାରିଲେ ନାହିଁ। ଏଥିରେ ବଡ଼ଧରଣର ଭିନ୍ନତା ଦର୍ଶାଇଲା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ (ବିଜେଡି)। ମତଦାନର ଧାରାକୁ ଦେଖିଲେ ପଶ୍ଚିମବଙ୍ଗରେ ଟିଏମ୍‌ସିର ଅନ୍ୟତମ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବାମପନ୍ଥୀ ଏକପ୍ରକାର ନିଶ୍ଚିହ୍ନ ହୋଇଯାଇଛନ୍ତି। କୁହାଯାଉଛି, ବାମପନ୍ଥୀ ନେତାମାନେ ମମତାଙ୍କୁ ମାଡ଼ ଦେବା ପାଇଁ ନିଜର ଅସ୍ତିତ୍ୱ ହରାଇ ଭାଜପାକୁ ସମର୍ଥନ କରିଦେଲେ। ସେହିପରି ମାୟାବତୀଙ୍କ ବିଏସ୍‌ପି ଏବଂ ଅଖିଳେଶ ଯାଦବଙ୍କ ଏସ୍‌ପି ହାତ ମିଳାଇ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲେ ତାହା ଫସର ଫାଟିଲା। ସେଠାରେ କୁହାଯାଉଛି, ମାୟାବତୀଙ୍କ ଭୋଟ ଦୃଢ଼ ଥିବା ବେଳେ ସମାଜବାଦୀର ଯାଦବ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ସହଯୋଗ ମିଳିପାରିଲା ନାହିଁ। ଏହାଫଳରେ ସବୁ ଜାତି ଓ ସ୍ତରର ଭୋଟ ଭାଜପା ଆଡ଼କୁ ଗଲା। ଦକ୍ଷିଣ ଭାରତରେ ୱାଇଏସ୍ ଜଗନ୍‌ମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଚମତ୍କାରିତା ଆନ୍ଧ୍ରରେ କ୍ଷମତାସୀନ ଟିଡିପିର ଭିତ୍ତିଭୂମିକୁ ଦୋହଲାଇ ଦେଇଛି। ଭୋଟ ପୂର୍ବରୁ ଓ ନିର୍ବାଚନ ଚାଲିଥିବାବେଳେ ଚନ୍ଦ୍ରାବାବୁ ନାଇଡୁ ଯେଭଳି ଅମରାବତୀରୁ ଦିଲ୍ଲୀ ଧାଇଁ ମୋଦିଙ୍କ ବିରୋଧରେ ବିପକ୍ଷ ନେତାଙ୍କୁ ଏକାଠି କରିବାରେ ଲାଗିଥିଲେ, ସେହି କସରତ ତାଙ୍କୁ ହାସ୍ୟାସ୍ପଦ ପରିସ୍ଥିତିରେ ପକାଇଲା। କଂଗ୍ରେସ କଥା ଦେଖିଲେ, ୨୦୧୮ ଡିସେମ୍ବରରେ ୫ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ଲାଗି ନିର୍ବାଚନ ହୋଇଥିଲା। ସେଥିରେ ହିନ୍ଦୀଭାଷୀ ୩ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନରେ କଂଗ୍ରେସ ବିପୁଳ ବିଜୟ ହାସଲ କରି ସରକାର ଗଢ଼ିଥିଲା। ତା' ପରେ କଂଗ୍ରେସରେ ଏକ ବିଶ୍ୱାସ ଜନ୍ମ ନେଲା ଯେ, ଏହି ହିନ୍ଦୀଭାଷୀ ଅଞ୍ଚଳର ଭୋଟର ଯେଉଁ ଦିଗକୁ ମୁହାଁଇଛନ୍ତି, ହୁଏତ ଲୋକ ସଭା ନିର୍ବାଚନରେ ତାହାହିଁ ଘଟିବ। ସେଥିପାଇଁ ସୋସିଆଲ ମିଡିଆ ପ୍ରଚାରରେ ପଛୁଆ ପଡ଼ିବା ସହିତ କଂଗ୍ରେସର ଆକ୍ରମଣାତ୍ମକ କାର୍ଯ୍ୟରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଅଧିକ ଧ୍ୟାନ ରହିଲା କିଏ କେଉଁଠାରୁ ଟିକେଟ ନେବେ। ସେହି ମାନସିକତା ଯୋଗୁ ଓଡ଼ିଶା ଭଳି ରାଜ୍ୟରେ ଅପାରାଗ ନେତୃତ୍ୱ ଦେଇ ବିଜୟଲାଭ କରିବାର ସ୍ୱପ୍ନ କଂଗ୍ରେସ ପାଇଁ ନକାରାତ୍ମକ ହେଲା। ଉପରଲିଖିତ ଦିଗକୁ ଦେଖିଲେ ଭାଜପା ନିରଙ୍କୁଶ କ୍ଷମତା ପାଇ ପୁଣିଥରେ ସରକାର ଗଢ଼ିବା ପଛରେ ବିରୋଧୀଙ୍କ ଦୁର୍ବଳତାକୁ ଇଙ୍ଗିତ କରାଯାଉଛି।

ଆଉ ଗୋଟିଏ ଦୃଷ୍ଟିରୁ ବିଚାର କଲେ ଭାରତୀୟ ଭୋଟର ଏହି ନିର୍ବାଚନରେ ବଂଶବାଦ ଓ ପାରିବାରିକ ରାଜନୀତିକୁ ପ୍ରାୟତଃ ପ୍ରତ୍ୟାଖ୍ୟାନ କରିଛନ୍ତି। ଖୋଜି ଖୋଜି ରାଜନୈତିକ ଲିଗାସୀଙ୍କୁ ନେଇ ଟିକେଟ ଦେବା ଓ ପ୍ରଚାର ମଙ୍ଗ ଧରାଇବା ବିରୋଧୀଙ୍କ ପାଇଁ କାଳ ହୋଇଛି। ଏହାକୁ ଭୋଟର ବୁଝିପାରିବା ପରେ ଉତ୍ତରାଧିକାରୀ ସୂତ୍ରରେ ରାଜନୀତି କରୁଥିବା ବ୍ୟକ୍ତିଙ୍କୁ ଧକ୍କା ଲାଗିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ଭଉଣୀ ପ୍ରିୟଙ୍କାଙ୍କ ଧୂଆଁଧାର ପ୍ରଚାର ସତ୍ତ୍ୱେ ଉତ୍ତରପ୍ରଦେଶରେ ଦଳ ମାତ୍ର ଗୋଟିଏ ପାରମ୍ପରିକ ଆସନ ବଞ୍ଚାଇପାରିଛି। ବୋଧହୁଏ ୱାୟାନାଡ ଆସନକୁ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିବା ପରିବର୍ତ୍ତେ ଯଦି ରାହୁଲ କେବଳ ଅମେଠିରୁ ଲଢ଼ିଥାଆନ୍ତେ, ତେବେ ସେଠାରେ ଭୋଟରଙ୍କୁ ପ୍ରାର୍ଥୀ ବାଛିବା ସହଜ ହୋଇଥାଆନ୍ତା। ଅବଶ୍ୟ କେରଳରେ ରାହୁଲଙ୍କ ପ୍ରାର୍ଥିତ୍ୱ ସେହି ରାଜ୍ୟରୁ ସର୍ବାଧିକ ଆସନ କଂଗ୍ରେସକୁ ମିଳିପାରିଲା। ୱାୟାନାଡରୁ ପ୍ରାର୍ଥୀ ହେବା ପରେ ରାହୁଲ ତାଙ୍କର ଦୁର୍ବଳତା ପ୍ରଦର୍ଶନ ସହିତ ଏକ ତ୍ରୁଟିପୂର୍ଣ୍ଣ ବାର୍ତ୍ତା ଦେଶକୁ ଦେଲେ। ଯେହେତୁ ୱାୟାନାଡ ଏକ ମୁସଲମାନବହୁଳ ନିର୍ବାଚନମଣ୍ଡଳୀ, ସେହେତୁ ରାହୁଲଙ୍କ ନିର୍ବାଚନ ଲଢ଼ିବା ଫଳରେ ଦେଶବ୍ୟାପୀ ମତ ସୃଷ୍ଟି କରାଯାଇପାରିଲା ଯେ କଂଗ୍ରେସ ବାସ୍ତବରେ ହିନ୍ଦୁ ବିରୋଧୀ। ଅନ୍ୟପକ୍ଷରେ ୨୫ ମେ'ରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକରେ ରାହୁଲ ତାଙ୍କ ପାର୍ଟିର ବରିଷ୍ଠ ନେତାମାନଙ୍କୁ ନିନ୍ଦା କରିଛନ୍ତି। ନିଜ ପୁଅମାନଙ୍କୁ ଟିକେଟ ଦେବା ଲାଗି ପିତାମାନେ ବ୍ୟାକୁଳ ହେବା ଦଳ ପାଇଁ କାଳ ହେଲା ବୋଲି ରାହୁଲ କହିଛନ୍ତି। ଅବଶ୍ୟ ଏଠାରେ କୁହାଯାଇପାରେ ଯେ, ରାହୁଲ ନିଜେ ଭାରତୀୟ ରାଜନୀତିରେ ପରିବାରବାଦର ସର୍ବୋଚ୍ଚ ପ୍ରତୀକ। ସେହିପରି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ପୁଅ ନିଖିଲ ରାଜନୈତିକ କ୍ୟାରିୟର ଆରମ୍ଭ କରିବାକୁ ଯାଇ ରନ୍–ଆଉଟ୍ ହୋଇଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ମଧ୍ୟ ହାରିଯାଇଛନ୍ତି। ଚନ୍ଦ୍ରାବାବୁ ନାଇଡୁଙ୍କ ପୁଅ ନର ଲୋକେଶ ପରାଜୟ ବରଣ କରିଛନ୍ତି। ଏଭଳି ପ୍ରଚ୍ଛଦପଟରେ ଓଡ଼ିଶାର ସାଧାରଣ ଭୋଟର ସମ୍ପୂର୍ଣ୍ଣ ଏକ ଭିନ୍ନ ରାଜନୀତିରେ ବିଶ୍ୱାସ କରନ୍ତି ବୋଲି ପ୍ରମାଣ କରିଛନ୍ତି। ଦେଶର ଅଧିକାଂଶ ରାଜ୍ୟରେ ମୋଦି ହାୱା ଯୋଗୁ ଭାଜପା ଜିତୁଥିବା ବେଳେ ଓଡ଼ିଶାରେ ତାହାର ଆଂଶିକ ପ୍ରଭାବ ପଡ଼ିଥିଲା। ଏହି ରାଜ୍ୟରେ ଭୋଟର କେବଳ ବିଜେଡିକୁ ଜିତାଇଛନ୍ତି ତାହା ନୁହେଁ, ଅନେକ ବରିଷ୍ଠ ନେତାଙ୍କ ପୁଅମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଉଦାହରଣ ସ୍ୱରୂପ ବାଙ୍କିର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ, ଚୌଦ୍ୱାର–କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁଅ ସୌଭିକ୍, ବାସୁଦେବପୁରରୁ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁତ୍ର ବିଷ୍ଣୁବ୍ରତ ପ୍ରମୁଖ ରହିଛନ୍ତି। କିନ୍ତୁ ଦୁଇ ପ୍ରମୁଖ ଦଳ ବିଜେଡି ଓ ଭାଜପାରୁ ଲଢ଼ିଥିବା ବଲାଙ୍ଗିର ରାଜପରିବାରର ୩ ଭ୍ରାତା ଉଭୟ ପଟରୁ ପରାଜିତ ହୋଇଛନ୍ତି।

କେନ୍ଦ୍ରରେ ଦ୍ୱିତୀୟ ଥର ଲାଗି ମୋଦି କ୍ଷମତାସୀନ ହେବାକୁ ଯାଉଛନ୍ତି। ଏବେ ମୋଦି ଓ ତାଙ୍କ ସମର୍ଥକମାନେ ନିଜ ନାମ ପୂର୍ବରୁ 'ଚୌକିଦାର' ଶବ୍ଦ ଉଠାଇ ଦେବା ପରେ ସମ୍ଭବତଃ ଦେଶର ନାଗରିକମାନେ ରାତିରେ ନିଦ୍ରାଯିବା ଆଗରୁ ଅସୁରକ୍ଷିତ ମନେକରୁଥାଇପାରନ୍ତି। ସେଭଳି ପରିସ୍ଥିତିରେ ମୋଦି ତାଙ୍କ ପୁରୁଣା ସ୍ଲୋଗାନ 'ସବ୍‌କା ସାଥ୍ ସବ୍‌କା ବିକାଶ' ସହ ସବ୍‌କା ବିଶ୍ୱାସ ଯୋଡ଼ି ଦେଇଛନ୍ତି। ସାଧାରଣ ଭାରତୀୟ ତା'ର ବିଶ୍ୱାସର ପ୍ରମାଣ ଦେଇସାରିଲେଣି। ଏବେ ମୋଦି ସରକାର ସେହି ବିଶ୍ୱାସର କେତେ ଯୋଗ୍ୟ ହୋଇପାରିବେ ତାହା ଦେଖିବାକୁ ସମସ୍ତେ ଚାହିଁ ରହିଛନ୍ତି।

## ଚିରନ୍ତନୀ

ଉତ୍ତୁଙ୍ଗ, ତୁଷାରାବୃତ ଅଚଞ୍ଚଳ ଶୀତଳ ଅତଳ
ଉପଶମ କରେ ଯେହୁ ବିଶ୍ୱର ବିରାଟ କାଳାନଳ
ହିମାଳୟ ଶୃଙ୍ଗ ସମ ସ୍ପର୍ଶି ଉର୍ଦ୍ଧ୍ୱେ ଅସୀମ ନୀଳିମା
ଉଭା ତୁମେ ଏଥି ତଥା ତ୍ୟାଗ ତିତିକ୍ଷାର ଶେଷ ସୀମା। (ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମେ ୧୯୯୪

- ଭାରତକୁ ଆମେରିକାର ଅନୁଦାନ ପରିମାଣକୁ ହ୍ରାସ କରିବା ଏବଂ ଆନ୍ତର୍ଜାତିକ ସାମରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଣ୍ଠିକୁ କମାଇବା ପାଇଁ ଆମେରିକାର କଂଗ୍ରେସ ସଦସ୍ୟ ବର୍ଟନ ଆଗତ କରିଥିବା ଏକ ସଂଶୋଧନୀ ପ୍ରସ୍ତାବକୁ ନିୟାମକ କମିଟି ଅଗ୍ରାହ୍ୟ କରିଦେଇଛନ୍ତି।
- ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ବୁଲ୍‌ଗେରିଆ ଓ ରୋମାନିଆକୁ ୮ ଦିନିଆ ସରକାରୀ ଗସ୍ତରେ ଯାତ୍ରାରମ୍ଭ କରିଛନ୍ତି।

# ଆଜିର ପ୍ରାଥମିକତା ଭୂତଳ ବିଦ୍ୟୁତ୍ ସେବା



ସବ୍ୟସାଚୀ ଅମିତାଭ

ସାମୁଦ୍ରିକ ବାତ୍ୟା ଫନୀ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ସ୍ପଷ୍ଟ ଅନୁମେୟ ଯେ, ରାଜ୍ୟ ସରକାର ଏହି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଏକପ୍ରକାର ଫେଲ୍ ମାରିଛନ୍ତି। ବାରମ୍ବାର ସାମୁଦ୍ରିକ ଝଡ଼ର ଶିକାର ହେଉଥିଲେ ବି ବାତ୍ୟା ମୁକାବିଲା ପାଇଁ ଆମ ରାଜ୍ୟରେ କୌଣସି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ନାହିଁ। ବାତ୍ୟା କାରଣରୁ ଯେପରି ଭାବେ ପୂରା ଉପକୂଳ ଓଡ଼ିଶାରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥାଟି ଭୁଶୁଡ଼ି ପଡ଼ିଲା ତାହା ଅନେକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ତିଆରି କରିବା ପାଇଁ ଯେଉଁଭଳି ଢଙ୍ଗରେ ସରକାରୀ ଉଦ୍ୟମ ହେବା କଥା ତାହା ଏ ଯାଏ ଦେଖିବାକୁ ମିଳିନି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମଧ୍ୟ ଓଡ଼ିଶା ପରି ଏକ ବାତ୍ୟାପ୍ରବଣ ରାଜ୍ୟ। କିନ୍ତୁ ସେଠାରେ ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ବ୍ୟବସ୍ଥିତ ଭୂତଳ ବିଦ୍ୟୁତ୍ ଭିତ୍ତିଭୂମି ତିଆରି କରାଯାଇସାରିଛି। ଆନ୍ଧ୍ରପ୍ରଦେଶ ବୋଧହୁଏ ଦେଶର ପ୍ରଥମ ରାଜ୍ୟ, ଯେଉଁଠି ଭୂତଳ କେବୁଲ୍ ଜରିଆରେ ବିଦ୍ୟୁତ୍‌ସେବା ଉପଲବ୍ଧ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ବା ପୋଲ୍ ଜରିଆରେ ବିଦ୍ୟୁତ୍ ସେବା ତୁଳନାରେ ଭୂତଳ କେବୁଲ୍ ବ୍ୟବସ୍ଥା ବାତ୍ୟା ଓ ବନ୍ୟା ସମୟରେ ଯେ କେତେ ଫଳପ୍ରଦ, ତାହା ସମସ୍ତେ ଜାଣନ୍ତି। ବାତ୍ୟା ହୁଦ୍‌ହୁଦ୍ କାରଣରୁ ଆନ୍ଧ୍ରପ୍ରଦେଶରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା ପୂରା ଛାରଖାର ହୋଇଯାଇଥିଲା ଏବଂ ଏହା ଡିସ୍‌କମ୍ ଓ ଏପି ଟ୍ରାନ୍ସକୋ ପରି ସଂସ୍ଥାର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ କାଳବିଳମ୍ବ ନ କରି ସେଠାକାର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ରାଜ୍ୟର ଉପକୂଳ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ୍ କେବୁଲ୍‌ର ପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଶ୍ରୀକାକୁଲମ୍, ବିଜୟନଗରମ୍, ବିଶାଖାପାଟଣା, ଇଷ୍ଟ ଗୋଦାବରୀ ଓ ୱେଷ୍ଟ ଗୋଦାବରୀ ଜିଲାରେ ଏହି ଭୂତଳ ବିଦ୍ୟୁତ୍ ଭିତ୍ତିଭୂମି ଢାଞ୍ଚା ତିଆରିର ଲକ୍ଷ୍ୟ ରଖାଯାଇଥିଲା। ବିଭିନ୍ନ ଅନ୍ତର୍ଜାତୀୟ ବ୍ୟାଙ୍କ ସହ ବୈଠକ ପରେ ତିନୋଟି ବ୍ୟାଙ୍କ୍ ଏହି ପୂରା ଯୋଜନା ପାଇଁ ଆର୍ଥିକ ସହଯୋଗ ଯୋଗାଇଦେଇଥିଲେ।

ତଥ୍ୟ ଅନୁସାରେ, ପାଖାପାଖି ୪୮ ହଜାର ପୋଲ୍‌କୁ ଗୋଟିଏ ମାସ ମଧ୍ୟରେ ଭୂତଳ କେବୁଲ୍‌କୁ ପରିବର୍ତ୍ତିତ କରାଯାଇଥିଲା। ନର୍ଥ କୋଷ୍ଟାଲ୍ ଆନ୍ଧ୍ରର ୩ଟି ଜିଲାର ୨୮.୮ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଭୂତଳ କେବୁଲ୍ ଜରିଆରେ ବିଦ୍ୟୁତ୍ ସେବା ଯୋଗାଇଦେଇଥିଲା ଆନ୍ଧ୍ରପ୍ରଦେଶ ବିଦ୍ୟୁତ୍ ବିଭାଗ, ଯାହା ଏହି ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ସଫଳତା ଥିଲା। ପରବର୍ତ୍ତୀ ସମୟରେ ଆନ୍ଧ୍ର ଟ୍ରାନ୍ସକୋ ତରଫରୁ ବିଦ୍ୟୁତ୍ ଟ୍ରାନ୍ସମିସନ୍ ଓ ଡିଷ୍ଟ୍ରିବ୍ୟୁଶନ୍ ବ୍ୟବସ୍ଥାକୁ ଆଧୁନିକୀକରଣ କରାଯାଇ ଉପଭୋକ୍ତାଙ୍କୁ ମିଳୁଥିବା ସେବାରେ ସୁଧାର ଅଣାଯାଇଥିଲା। ଆନ୍ଧ୍ର ବ୍ୟତୀତ ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳରେ ଥିବା ସମସ୍ତ ପ୍ରମୁଖ ସହରରେ ମଧ୍ୟ ଇତିମଧ୍ୟରେ ଭୂତଳ କେବୁଲ୍ ସହାୟତାରେ ବିଦ୍ୟୁତ୍ ସେବା ମିଳିପାରିଛି। ଗୁଜରାଟ ସରକାରଙ୍କ ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ ପଶ୍ଚିମ ଗୁଜରାଟ ଭିଜ୍ କମ୍ପାନୀ ଲିମିଟେଡ୍ ଯାହା ସୌରାଷ୍ଟ୍ର ଓ କଚ୍ଛ ପ୍ରାନ୍ତରରେ ବିଦ୍ୟୁତ୍ ସେବା ଯୋଗାଇଥାଏ, ତାହା ୪୮୦ କିଲୋମିଟର ବିଶିଷ୍ଟ ହାଇଟେନସନ୍ ବିଦ୍ୟୁତ୍ ତାରକୁ ଅଣ୍ଡରଗ୍ରାଉଣ୍ଡ କେବୁଲ୍ ନେଟ୍‌ୱର୍କରେ ରୂପାନ୍ତରିତ କରିସାରିଛି। ଏହି ପ୍ରକଳ୍ପରେ ରାଜକୋଟ୍, ଜାମନଗର, ଜୁନାଗଡ, ଭାବନଗର, ପୋରବନ୍ଦର, ଭୁଜ୍ ଓ କଚ୍ଛ ପରି ସହର ଭୂତଳ କେବୁଲ୍ ଜରିଆରେ ଏବେ ବିଦ୍ୟୁତ୍‌ସେବା ପାଇପାରୁଛି। କିଛି ପ୍ରମୁଖ ତୀର୍ଥସ୍ଥାନ ଯଥା– ଦ୍ୱାରିକା, ସୋମନାଥ ଆଦି ସ୍ଥାନରେ ବି ଭୂତଳ ବିଦ୍ୟୁତ୍ ସେବା ଉପଲବ୍ଧ ହୋଇଛି।

ଆମେ ଯଦି ଆମ ରାଜ୍ୟ ଓଡ଼ିଶା କଥା ବିଚାରକୁ ନେବା, ତେବେ ଏଠାରେ ଯେ ଏହି ଭୂତଳ ବିଦ୍ୟୁତ୍ କେବୁଲ୍ ପାଇଁ ସରକାରୀସ୍ତରରେ ପ୍ରୟାସ ଆରମ୍ଭ ହୋଇନି, ତାହା କହିବା ଭୁଲ୍ ହେବ। ଉପଭୋକ୍ତାଙ୍କୁ ନିରନ୍ତର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କିଛି ବର୍ଷ ତଳେ ଭୁବନେଶ୍ୱର, କଟକ, ପୁରୀ ଭୌଗୋଳିକ ଅଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ୍ ବିଛାଇବା ଯୋଜନା ପ୍ରସ୍ତୁତ ହୋଇଥିଲା। ଷ୍ଟେଟ୍ କ୍ୟାପିଟାଲ୍ ରିଜିଅନ୍ ଇମ୍ପ୍ରୁଭମେଣ୍ଟ ଇନ୍ ପାୱାର୍ ସିଷ୍ଟମ୍ ସ୍କିମ୍‌ରେ ଏହି ଯୋଜନା ହାତକୁ ନିଆଯାଇଥିଲା। ହେଲେ ପରିଚାଳନାଗତ ସମସ୍ୟା ତଥା ବିଭିନ୍ନ କାରଣରୁ ଏହି ପ୍ରକଳ୍ପ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଷ୍ଟେଟ୍ କ୍ୟାପିଟାଲ୍ ରିଜିଅନ୍ ଇମ୍ପ୍ରୁଭମେଣ୍ଟ ଇନ୍ ପାୱାର୍ ସିଷ୍ଟମ୍ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି, ଏହି ପ୍ରକଳ୍ପର ୮୦ ଭାଗ କାମ ସରିଛି। ପୂରା କାମ ସରିବା ପରେ ହିଁ ବର୍ତ୍ତମାନ ଉପଲବ୍ଧ ଥିବା ରାଡିଆଲ୍ ସଂଯୋଗ ବ୍ୟବସ୍ଥାକୁ ରିଙ୍ଗ୍ ସଂଯୋଗ ବ୍ୟବସ୍ଥାରେ ପରିବର୍ତ୍ତନ କରିହେବ। ଏହାପରେ ହିଁ ସ୍ମାର୍ଟ ଗ୍ରୀଡ୍ ବ୍ୟବସ୍ଥା ଜରିଆରେ ବିଦ୍ୟୁତ୍ ପରିବହନକୁ ନିୟନ୍ତ୍ରିତ କରାଯାଇ ଉପଭୋକ୍ତାଙ୍କୁ କେବୁଲ୍ ଜରିଆରେ ସେବା ଯୋଗାଇହେବ।

୨୦୧୩ ମସିହାରେ ଫାଇଲିନ୍ ବାତ୍ୟାର ତାଣ୍ଡବ ପରେ ହିଁ ଏହି ଭୂତଳ ବିଦ୍ୟୁତ୍ କେବୁଲ୍ ପ୍ରକଳ୍ପ ବାବଦରେ ଚିନ୍ତା କରାଯାଇଥିଲା। ଫାଇଲିନ୍ କାରଣରୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲା ବ୍ୟାପକ ଭାବେ ପ୍ରଭାବିତ ହେବା ସହ ସେଠାରେ ବିଦ୍ୟୁତ୍ ବ୍ୟବସ୍ଥା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ୨୦୧୫–୧୬ରେ ଏକ ୫ ବର୍ଷିଆ ଅବଧିକୁ ଆଖି ଆଗରେ ରଖି ଏହି ଭୂତଳ କେବୁଲ୍ କାମ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପ ପାଇଁ ବ୍ୟୟ ଅଟକଳ ଥିଲା ୧୫୦୦ କୋଟି। ପ୍ରାରମ୍ଭିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର ମଧ୍ୟ କରାଯାଇଥିଲା।

ଭୂତଳ କେବୁଲ୍ ଯୋଜନାକୁ ଦୁଇଟି ପର୍ଯ୍ୟାୟରେ କରିବା ପାଇଁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିଲା। ଭୁବନେଶ୍ୱର ଦେଇ ୩୫୦ କିଲୋମିଟର ପରିସରରେ ଥିବା ୩୩ କେଭି ଓ ୧୧ କେଭି ବିଦ୍ୟୁତ୍ ତାରକୁ ଭୂତଳ କେବୁଲରେ ରୂପାନ୍ତରିତ କରିବାକୁ ଲକ୍ଷ୍ୟ ଥିଲା। କିନ୍ତୁ ଭୁବନେଶ୍ୱରରେ ସ୍ମାର୍ଟ ସିଟି ଯୋଜନା କାର୍ଯ୍ୟକାରୀ ହେବା ପରେ ଏହି ଭୂତଳ କେବୁଲ୍ ସ୍କିମ୍‌ରେ ଏକାଧିକ ବାର ପରିବର୍ତ୍ତନ କରାଗଲା, ଯାହା ଫଳରେ ଅଗଷ୍ଟ ୨୦୧୮ରେ ପ୍ରଥମ ପର୍ଯ୍ୟାୟ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ବି ଏହା ବିଳମ୍ବିତ ହୋଇଥିଲା। ଏହାପରେ ହକି ବିଶ୍ୱ କପ୍ ଓ ପରେ ପରେ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହୋଇଥିବାରୁ କାମ ଆଉ ଆଗେଇପାରିନି। ଏହି ଭୂତଳ କେବୁଲ୍ ବିଦ୍ୟୁତ୍‌ସେବା ପରିଚାଳନା ପାଇଁ ସ୍ମାର୍ଟ ଗ୍ରୀଡ୍ ଆବଶ୍ୟକ ଥିବା ବେଳେ ଏହା ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନି।

ଭୂତଳ ବିଦ୍ୟୁତ୍ କେବୁଲ୍ ସେବାର ସବୁଠାରୁ ବଡ଼ ଉପଲବ୍ଧି ହେଉଛି, କୌଣସି ପ୍ରାକୃତିକ ବିପର୍ଯ୍ୟୟ ବେଳେ ବି ଉପଭୋକ୍ତାଙ୍କୁ ନିରନ୍ତର ବିଦ୍ୟୁତ୍ ସେବା ମିଳିପାରିବ। ନିରନ୍ତର ବିଦ୍ୟୁତ୍ ସେବା ଜାରି ରହିଲେ, ଜରୁରିକାଳୀନ ସ୍ଥିତି ବେଳେ ଜଳଯୋଗାଣ ପରି ସମସ୍ୟାର ସମାଧାନ ମଧ୍ୟ ହୋଇପାରିବ। ବାତ୍ୟା, ବନ୍ୟା ସ୍ଥିତିରେ ଯେ ପର୍ଯ୍ୟନ୍ତ ପାୱାର ଗ୍ରୀଡ୍‌ରେ ବିଦ୍ୟୁତ୍ ସେବା ସଚଳ ରହିବ ସେ ଯାଏ ଉପଭୋକ୍ତାଙ୍କୁ କେବୁଲ୍ ଜରିଆରେ ନିରନ୍ତର ବିଦ୍ୟୁତ୍ ସେବା ମିଳିପାରିବ। ୧୯୯୯ ମହାବାତ୍ୟାରୁ ଶିକ୍ଷା ପାଇଥିବା ଓଡ଼ିଶାର ପାରାଦୀପ ପୋର୍ଟ କର୍ତ୍ତୃପକ୍ଷ ବନ୍ଦର ଅଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ୍ ବ୍ୟବସ୍ଥା କରିସାରିଛନ୍ତି। ବିଦ୍ୟୁତ୍ ଲାଇନକୁ ଭୂତଳ ବ୍ୟବସ୍ଥାରେ ରୂପାନ୍ତରିତ କରାଗଲେ, ନିରନ୍ତର ବିଦ୍ୟୁତ୍ ସେବା ମିଳିବା ସହ ଟେକ୍ନିକାଲ୍ ଲସ୍ କମିବ ଓ ଭୋଲ୍‌ଟେଜରେ ସ୍ଥିରତା ରହିବ। ଏଲ୍‌ଟି ଲାଇନରେ ହେଉଥିବା ବିଦ୍ୟୁତ୍ କ୍ଷତିକୁ ରୋକାଯାଇପାରିବ। ହୁକିଂ ଜରିଆରେ ବିଦ୍ୟୁତ୍ ଚୋରିର ଆଶଙ୍କା ରହିବନି।

ଫନୀ ତାଣ୍ଡବରେ କେବଳ ଭୁବନେଶ୍ୱରରେ ୧୦ ହଜାରରୁ ଅଧିକ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଛି ବା ଭାଙ୍ଗିଛି। ଯଦି ଆନ୍ଧ୍ର ସରକାରଙ୍କ ପରି ଓଡ଼ିଶା ସରକାର ଭୂତଳ କେବୁଲ୍ ବ୍ୟବସ୍ଥାକୁ ଗମ୍ଭୀରତାର ସହ ନେଇ ପ୍ରାଥମିକତା ଦେଇଥାନ୍ତେ, ତେବେ ରାଜଧାନୀର ୫ ଲକ୍ଷରୁ ଅଧିକ ଉପଭୋକ୍ତା ୧୦ ଦିନ ଧରି ଯନ୍ତ୍ରଣା ଓ ଦୁର୍ଦ୍ଦଶା ଭୋଗି ନ ଥାନ୍ତେ। ଖୋଦ୍ ରାଜଧାନୀରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଥିବା ଭୂତଳ କେବୁଲ୍ ପ୍ରକଳ୍ପଟି କେବେ ସରିବ, ତାହାର ଉତ୍ତର କାହା ପାଖରେ ନାହିଁ।

ଭୁବନେଶ୍ୱର, ମୋ–୯୪୩୮୨୯୬୫୧୯

# ତାଙ୍କ ପ୍ରତିଶ୍ରୁତି, ଆମ ଅଧିକାର



ଘାସିରାମ ପଣ୍ଡା

ଫଳାଫଳ ଘୋଷଣା ପରେ ପୁଣି ଥରେ ଲୋକେ ରାଜନୀତିର ଆଲୋଚନାକୁ ଫେରିଛନ୍ତି। ଜିତିବା ଓ ହାରିବାର କାରଣ ଖୋଜିଲା ବେଳେ କିଏ କ'ଣ ପ୍ରତିଶ୍ରୁତି ଦେଇଥିଲେ ସେ ନେଇ ମଧ୍ୟ ବାଟରେ ଘାଟରେ ଚର୍ଚ୍ଚା ଜୋର ଧରୁଛି। ଭୋଟଦାତାଙ୍କୁ ନିଜ ସପକ୍ଷକୁ ନେବା ପାଇଁ ଦଳ ଓ ପ୍ରାର୍ଥୀ ସମସ୍ତେ ଲାଗିପଡ଼ିଥିଲେ। ଯିଏ ନିଜ ପଟକୁ ଅଧିକଙ୍କୁ ଆଣି ପାରିଲା ସିଏ କ୍ଷମତାସୀନ ହେଲା। ଏଥିପାଇଁ ସବୁ ଦଳ, ପ୍ରାର୍ଥୀ ମନୋଲୋଭା କଥା ଓ ପ୍ରତିଶ୍ରୁତି ଦେଇଥିଲେ। ଦଳମାନେ ଆନୁଷ୍ଠାନିକ ଭାବେ ନିର୍ବାଚନୀ ଇସ୍ତାହାର ଜାରି କରିଥିଲେ। ଖବରକାଗଜରେ ପ୍ରତ୍ୟେକ ଦିନ ପୃଷ୍ଠା ପୃଷ୍ଠା ବିଜ୍ଞାପନ ଦେଉଥିଲେ। ସଭାସମିତିର ଭାଷଣରେ ପ୍ରତିଶ୍ରୁତିକୁ ପ୍ରତିଦିନ ଦୋହରାଉଥିଲେ। ଫେସ୍‌ବୁକ ଭଳି ସାମାଜିକ ଗଣମାଧ୍ୟମକୁ ମଧ୍ୟ ଏଥିପାଇଁ ପ୍ରାର୍ଥୀମାନେ ବ୍ୟବହାର କରିଛନ୍ତି। ଭୋଟକୁ ନିଜ ସପକ୍ଷରେ ନେବା ପାଇଁ ଅଞ୍ଚଳଭିତ୍ତିରେ ଓ ଆଞ୍ଚଳିକ ସମସ୍ୟା ଆଧାରରେ ନୂଆ ପ୍ରତିଶ୍ରୁତି ମଧ୍ୟ ଯୋଡିଛନ୍ତି। ଅନେକ ସଂଗଠନ ଜନ ଇସ୍ତାହାର ପ୍ରସ୍ତୁତ କରି ଦଳ ଓ ପ୍ରାର୍ଥୀମାନଙ୍କୁ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ସୂଚିତ କରିଥିଲେ। ନିର୍ବାଚନୀ ମାହୋଲରେ ଦାବି କରିବା, ଦାବିକୁ ସ୍ୱୀକାର କରିବା, ନିଜ ତରଫରୁ ଆକର୍ଷଣୀୟ ପ୍ରତିଶ୍ରୁତି ଦେବାରେ କିଛି ଅସ୍ୱାଭାବିକତା ନାହିଁ। ଏହା ସବୁ ନିର୍ବାଚନ ସମୟରେ ହୁଏ। ନିର୍ବାଚନରେ ହାରିଯାଇଥିବା ଦଳ ଓ ପ୍ରାର୍ଥୀ ପାଇଁ ଦେଇଥିବା ପ୍ରତିଶ୍ରୁତିର ଆଉ କିଛି ମୂଲ୍ୟ ରହେନି। ହେଲେ ବିଜୟୀ ଦଳ ବି ପ୍ରତିଶ୍ରୁତିକୁ ପାଳନ କରିବା ଭୁଲିଯାନ୍ତି। ମନେପକେଇ ଦେଲେ ବି ବାହାନାବାଜି କରି ଆଡେଇଯାନ୍ତି। ନିର୍ବାଚନ ସମୟର ପ୍ରତିଶ୍ରୁତି ପୂରଣ କରିବାର ଉତ୍ତରଦାୟିତ୍ୱ ଆଇନଗତ ଭାବେ ସେପରି କିଛି ନାହିଁ। ଏହା କେବଳ ଲୋକଙ୍କ ଚାପ ଉପରେ ନିର୍ଭର କରେ। ତେବେ ଭୋଟ ବେଳେ ସିନା ରାଜନେତା ଲୋକଙ୍କ ପାଖକୁ ଯାନ୍ତି ବୋଲି ଲୋକେ ତାଙ୍କର ଦାବି ଜଣେଇପାରନ୍ତି। ଭୋଟ ପରେ ଭୋଟରଙ୍କୁ ନେତାଙ୍କ ପାଖକୁ ଆସିବାକୁ ପଡ଼େ। ତଥାପି ସେମାନଙ୍କ ଦର୍ଶନ ମୁସ୍କିଲ ହୋଇଯାଏ। ଏଣୁ ଦାବି ପୂରଣର ଚାପ ସହଜରେ ତିଆରି ହୋଇ ପାରେନାହିଁ। ପରବର୍ତ୍ତୀ ପାଞ୍ଚବର୍ଷରେ ଆଉ ଏକ ନିର୍ବାଚନ ଆସିଲା ବେଳକୁ ଜନମାନସରୁ ପୂର୍ବ ପ୍ରତିଶ୍ରୁତି ସବୁ ପାସୋରି ହୋଇଯାଇଥାଏ। ପୁଣି ନୂଆ କଥା ଓ ନୂତନ ଢଙ୍ଗରେ ପୁରୁଣା କଥାକୁ ନେଇ ରାଜନେତା ପହଞ୍ଚିଯାନ୍ତି। ପ୍ରତିଶ୍ରୁତିର ଏଇ ଦୋଳିଖେଳରେ ଅଭ୍ୟସ୍ତ ନେତା ତେଣୁ ମିଛ ପ୍ରତିଶ୍ରୁତି ଦେବାରେ ତିଳେ କୁଣ୍ଠିତ ହୁଅନ୍ତି ନାହିଁ। ସରକାରୀ କର୍ମଚାରୀଙ୍କୁ ଉତ୍ତରଦାୟୀ କରିବା ପାଇଁ ଅନେକ ନିୟମ ପ୍ରଣୀତ ହେଲାଣି। ସୂଚନା ଅଧିକାର ବଳରେ ସାଧାରଣ ଜନତା ପ୍ରଶାସନକୁ ପ୍ରଶ୍ନ ପଚାରି ପାରୁଛନ୍ତି। ନିର୍ବାଚିତ ଲୋକପ୍ରତିନିଧିମାନେ ଶାସନର ଅସଲ ମଙ୍ଗ ଧରୁଛନ୍ତି। ସେମାନଙ୍କୁ ପ୍ରଶ୍ନ ପଚରାଯାଇ ପାରିବ ନାହିଁ କାହିଁକି? ଏଥରର ନିର୍ବାଚନୀ ସଭାଗୁଡ଼ିକରେ କାଁଭାଁ କିଛି ଜାଗାରେ ଲୋକେ ପ୍ରାର୍ଥୀଙ୍କୁ ପ୍ରଶ୍ନ ପଚାରୁଥିବାର ଭିଡିଓ ଚର୍ଚ୍ଚିତ ହୋଇଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ସାଧାରଣ ଲୋକେ ପ୍ରଶ୍ନ ପଚାରିଲେ କ୍ଷମତାସୀନ ଲୋକେ ଅପମାନିତ ଅନୁଭବ କରୁଛନ୍ତି। ଏଣୁ କ୍ଷମତାକେନ୍ଦ୍ରମାନେ ନିଜ ଆଡକୁ ଆସୁଥିବା ପ୍ରଶ୍ନକୁ ଚାପି ଦେବାପାଇଁ ସବୁ ପ୍ରକାର ଚେଷ୍ଟା କରୁଛନ୍ତି। ରାଜନୈତିକ ଦଳମାନେ ଶାସନକୁ ଆସିଲା ପରେ

ଇସ୍ତାହାରରେ ଘୋଷିତ ପ୍ରତିଶ୍ରୁତି ସମ୍ପର୍କିତ ପ୍ରଶ୍ନର ଉତ୍ତର ନାଗରିକମାନଙ୍କୁ ଦେବାର ବାଧ୍ୟବାଧକତା ରହିଲେ ମିଛ ପ୍ରତିଶ୍ରୁତି ଅନେକାଂଶରେ ଲୋପ ପାଇବ। ଦଶଟଙ୍କା ବିନିମୟରେ ଗ୍ରହଣ କରିଥିବା କୌଣସି ସେବାରେ ତ୍ରୁଟି ହେଲେ ଖାଉଟି ଅଧିକାର ସୁରକ୍ଷା ଆଇନ ବଳରେ ସେବା ପ୍ରଦାନକାରୀ ଦଣ୍ଡିତ ହେଉଛି। ନେତାମାନେ ବି ତ ଆମକୁ ସେବା କରିବାର ସୁଯୋଗ ଦିଅ କହି ଭୋଟ ମାଗନ୍ତି। ଆମର ବହୁମୂଲ୍ୟ ଭୋଟ ବିନିମୟରେ ନିର୍ବାଚିତ ନେତା ଯଦି ସେହି ସେବା ନ ଦିଅନ୍ତି ତାଙ୍କ ପାଇଁ କ'ଣ କିଛି ଦଣ୍ଡ ବିଧାନ ଅଛି? ଦଳୀୟ ଇସ୍ତାହାର ଓ ପ୍ରାର୍ଥୀମାନଙ୍କ ବ୍ୟକ୍ତିଗତ ପ୍ରତିଶ୍ରୁତିକୁ ତଦାରଖ କରିବାରେ ନିର୍ବାଚନ କମିଶନଙ୍କ ବିଶେଷ ଭୂମିକା ରହିବା ଦରକାର। ଇସ୍ତାହାର ଘୋଷିତ ହେବା ପୂର୍ବରୁ ଓ ସରକାର ଗଠନ ହେବା ପରେ ନିୟମିତ ଅନ୍ତରାଳରେ କମିଶନ ଏହାକୁ ତର୍ଜମା କରିବା ଆବଶ୍ୟକ। ଏଥିରେ ଲିଖିତ ପ୍ରତିଶ୍ରୁତି କେମିତି ହୋଇ ପାରିବ, ପ୍ରତିଶ୍ରୁତି ପୂରଣ ପାଇଁ କେତେ ବ୍ୟୟ ହେବ, ଏହି ବ୍ୟୟ ଭାର କିପରି ବହନ କରାଯିବ ସେ ନେଇ କୌଣସି ସ୍ୱଚ୍ଛତା ନ ଥାଇ ଦଳଗୁଡ଼ିକ କେବଳ ମାଳ ମାଳ ପ୍ରଲୋଭନକୁ ସ୍ଥାନିତ କରୁଛନ୍ତି। ଏଣୁ ଅବାସ୍ତବ ମନେହେଉଥିବା ଅନେକ ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପୂରଣ ହେଉନାହିଁ ବା ଅଧାପନ୍ତରିଆ ହେଉଛି। ସରକାର ଗଠନ କରିଥିବା ଦଳ କେତେ ମାତ୍ରାରେ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିପାରିଛି ସେନେଇ ଅତିକମ୍‌ରେ ବର୍ଷରେ ଥରେ କମିଶନକୁ ରିପୋର୍ଟ ଦେଲେ କେତେକାଂଶରେ ଉତ୍ତରଦାୟିତ୍ୱ ଅନୁଭବ କରିବେ। ପ୍ରାର୍ଥୀମାନେ ଦେଇଥିବା ପ୍ରତିଶ୍ରୁତି ପୂରଣ ନ କରିପାରିଲେ ଏନେଇ ସାଧାରଣ ଜନତା ଅଭିଯୋଗ କରିପାରିବାର ଏକ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିଛି। ନିର୍ବାଚନ ପୂର୍ବରୁ ଦଳମାନେ ଇସ୍ତାହାର କମିଟି ଗଠନ କରନ୍ତି। ଇସ୍ତାହାର ପ୍ରକାଶିତ ହେଲା ପରେ ଏହାର ଆଉ କିଛି ଦାୟିତ୍ୱ ନ ଥାଏ। ଏଥର ଯେଉଁ ଦଳ ସରକାର ଗଠନ କରିବେ ଇସ୍ତାହାର ତଦାରଖ କମିଟି ଗଠନ କରି ଦଳର ପ୍ରତିଶ୍ରୁତି ପୂରଣରେ ଭୂମିକା ନିର୍ବାହ କଲେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ। ଯେଉଁ ସଂଗଠନଗୁଡ଼ିକ ପ୍ରାକ୍ ନିର୍ବାଚନୀ ସମୟରେ ଇସ୍ତାହାରକୁ ପ୍ରଭାବିତ କରିବାର ପ୍ରୟାସ କରିଛନ୍ତି, ସରକାର ଗଠନ ପରେ ଅତିକମ୍‌ରେ ବର୍ଷରେ ଥରେ ଇସ୍ତାହାରର ସାମାଜିକ ସମୀକ୍ଷା ପାଇଁ ପଦକ୍ଷେପ ନେଲେ ସରକାର ପ୍ରତିଶ୍ରୁତି ପୂରଣ ପାଇଁ ଅଧିକ ଚାପଗ୍ରସ୍ତ ହେବେ। ନିର୍ବାଚନୀ ପ୍ରତିଶ୍ରୁତିକୁ ଲୋକଙ୍କ ଆଇନଗତ ଅଧିକାରର ମାନ୍ୟତା ମିଳିଲେ ନିର୍ବାଚନରେ ଅନେକ ସୁଧାର ଆସିବ ଓ ଗଣତନ୍ତ୍ର ସୁଦୃଢ଼ ହେବ।

ସୁବର୍ଣ୍ଣପୁର, ମୋ– ୯୪୩୮୩୪୧୭୯୪,
ghasirampanda@gmail.com


## ଏଇ ଭାରତରେ

ଚଳିତ ଲୋକ ସଭା ନିର୍ବାଚନରେ ନରେନ୍ଦ୍ର ମୋଦି ତଥା ତାଙ୍କ ନେତୃତ୍ୱାଧୀନ ଭାଜପାର ବିଜୟରେ ଖୁସି ହୋଇ କେତେକ ବ୍ୟକ୍ତି ଭିନ୍ନରୁଚିର କାର୍ଯ୍ୟକ୍ରମ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶର ଜଣେ ମୁସଲମାନ ମହିଳା ତାଙ୍କ ନବଜାତ ସନ୍ତାନର ନାମ ମୋଦିଙ୍କ ନାମାନୁସାରେ ନାମିତ କରିଛନ୍ତି। ଏଥିପାଇଁ ତାଙ୍କ ସମ୍ପ୍ରଦାୟ ପକ୍ଷରୁ ବିରୋଧ କରାଯାଇଥିଲେ ମଧ୍ୟ ତାକୁ ସେ ଖାତିର କରିନାହାନ୍ତି। ନରେନ୍ଦ୍ର ମୋଦିଙ୍କ ବିଜୟରେ ଉଲ୍ଲସିତ ହୋଇ ଜଣେ ଦଳୀୟ କର୍ମକର୍ତ୍ତା ୩ ଘଣ୍ଟା ମାଗଣା ଜଳଖିଆ ବାଣ୍ଟିଛନ୍ତି। ଏପରି ଏକ ଘଟଣା ଘଟିଛି ଛତିଶଗଡ଼ର ବିଳାସପୁରରେ। ଏହି କର୍ମକର୍ତ୍ତା ଏକ ଜଳଖିଆ ଦୋକାନକୁ ଯାଇ ଲୋକଙ୍କୁ ଖାଦ୍ୟସାମଗ୍ରୀ ଦେବାକୁ ଦୋକାନୀକୁ ବରାଦ କରିଥିଲେ। ଏହି ସମୟରେ ଯିଏ ସେହି ବାଟଦେଇ ଯାଉଥିଲେ ସମସ୍ତେ ଜଳଖିଆ ଖାଇବାର ସୁଯୋଗ ପାଇଥିଲେ। ତେବେ ୩ ଘଣ୍ଟା ମଧ୍ୟରେ ଲୋକମାନେ ୨୦ ହଜାର ଟଙ୍କାର ଜଳଖିଆ ଖାଇଥିବା କୁହାଯାଉଛି। ସ୍ଥାନୀୟ କର୍ମକର୍ତ୍ତା ବିକାଶ ମିଶ୍ର ଏଭଳି କରି ଭାଜପାର ବିଜୟ ସମ୍ପର୍କରେ ପ୍ରଚାର ପ୍ରସାର କରିଥିଲେ। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ସାପ୍ତାହିକ ପଞ୍ଜିକା


- ମେ ୧୯– ଅଷ୍ଟ୍ରେଲିଆ ସଂଘୀୟ ନିର୍ବାଚନରେ ସ୍କଟ୍ ମୋରିସନ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି।
- ୨୦– ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଲେଖକ ବାସୁଦେବ ସାହୁଙ୍କର ୮୫ ବର୍ଷ ବୟସରେ ପରଲୋକ।
- ୨୧– ଅରୁଣାଚଳ ପ୍ରଦେଶରେ ନାଗା ଉଗ୍ରପନ୍ଥୀମାନଙ୍କ ଆକ୍ରମଣରେ ଜଣେ ବିଧାୟକ ଓ ୪ ସୁରକ୍ଷା କର୍ମୀଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।
- ୨୪– ଓଡ଼ିଶାରେ କଂଗ୍ରେସର ଦୁର୍ବଳ ପ୍ରଦର୍ଶନ ଓ ନିଜେ ଦୁଇ ଦୁଇଟି ଆସନରୁ ହାରିବା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଇସ୍ତଫା ଦେଇଛନ୍ତି।
- * ଗୁଜରାଟର ସୁରଟସ୍ଥିତ ଏକ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁ ୨୦ ଛାତ୍ର ମୃତ।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ଆମ ସମସ୍ୟା

### ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଚଳ

ମହାଶୟ,

ସତ୍ୟବାଦୀ ବ୍ଲକ ଅଧୀନ ବିଦ୍ୟାଧରପୁର ଗ୍ରାମରେ ଏକ ପ୍ରସୂତି କେନ୍ଦ୍ର ମଞ୍ଜୁର ହୋଇ ଗୃହ ନିର୍ମାଣ କରାଗଲା। ପରେ ଏହା ସ୍ୱାସ୍ଥ୍ୟ ଉପକେନ୍ଦ୍ର ନାମରେ ଉଦ୍‌ଘାଟିତ ହେଲା। ମାତ୍ର କ'ଣ ହେଲା, କିଏ ଜାଣେ ତାହା ବନ୍ଦ ହୋଇ ରହିଛି। ଦୁଃଖର କଥା, ସରକାର ଅଙ୍ଗନୱାଡି ପାଇଁ କେତେ ସହାୟତା ଯୋଗାଉଛନ୍ତି, ମାତ୍ର ସରକାରୀ ଜାଗା ନ ଥିବାରୁ ଏହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପୁରୁଣା ସରକାରୀ ହୋମିଓପ୍ୟାଥି ଚିକିତ୍ସାଳୟର ପରିତ୍ୟକ୍ତ ଆଜ୍‌ବେଷ୍ଟସ ଘରେ ଚାଲୁଛି। ଗୃହ ନିର୍ମାଣ ପାଇଁ ଅର୍ଥ ଥିବା ସିଡିପିଓ ପ୍ରକାଶ କରନ୍ତି। ତା'ହେଲେ ଅଙ୍ଗନୱାଡି କେନ୍ଦ୍ର କେଉଁଠାରେ ହେବ ବେଳହୁଁ ଚିନ୍ତା ନ କଲେ ସମସ୍ୟା ଉପୁଜିଲେ କିଏ ଦାୟୀ ହେବେ?

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ସିଧା ଟ୍ରେନ୍ ସେବା

ଓଡ଼ିଶାରୁ ବିଶେଷକରି ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ଜିଲାରୁ ପ୍ରତ୍ୟେକ ଦିନ ଶହ ଶହ ଯାତ୍ରୀ ଝାଡ଼ଖଣ୍ଡର ବୈଦ୍ୟନାଥ ଧାମ ଏବଂ ସତ୍‌ସଙ୍ଗ ନଗର (ଦେଓଘର) ଯାଆନ୍ତି। ଅଥଚ ପ୍ରତିଦିନ ସିଧା ଟ୍ରେନ୍ ସେବା ଏ ସ୍ଥାନକୁ ନାହିଁ। ଅନେକେ ବିଭିନ୍ନ ଟ୍ରେନ୍ ବଦଳାଇ ହାଓଡ଼ା ଏବଂ ଟାଟାନଗର ଦେଇ ଯାଉଛନ୍ତି। ତେଣୁ ରେଳ କର୍ତ୍ତୃପକ୍ଷ ଆବଶ୍ୟକତାକୁ ଚାହିଁ ପୁରୀରୁ ବୈଦ୍ୟନାଥଧାମ ବା ଜସିଡ଼ି ପର୍ଯ୍ୟନ୍ତ ଦୈନିକ ସିଧା ଟ୍ରେନ୍‌ର ବ୍ୟବସ୍ଥା କରିବା ଉଚିତ।

–ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-17

# ଡେଙ୍ଗୁ ରୋଗର ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ସଚେତନତା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ଲକ୍ଷଣ : ଜ୍ୱର ସହିତ ଦେହହାତ ଘୋଳାବିନ୍ଧା ଓ ଗଣ୍ଠି ଦରଜ ହୁଏ । କେତେକ କ୍ଷେତ୍ରରେ ଶରୀରରେ ଲାଲ୍ ଲାଲ୍ ଦାଗ ଦେଖାଯାଇଥାଏ । ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ ।

ମନେରଖନ୍ତୁ : ଘର ଭିତର ଓ ଚତୁଃପାର୍ଶ୍ୱ ପରିଷ୍କାର ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଏଡ଼ିସ୍ ମଶା ବଂଶବୃଦ୍ଧି କରିବା ସ୍ଥାନ



ପ୍ରତି ୩/୪ ଦିନରେ ପାଣି ରଖୁଥିବା ପାତ୍ର ଗୁଡ଼ିକୁ ଭଲଭାବରେ ସଫା କରନ୍ତୁ । ଅଦରକାରୀ ପାତ୍ର ଗୁଡ଼ିକରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଡେଙ୍ଗୁ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ ।


10003/13/0015/1920

facebook.com/HFWOdisha http://www.health.odisha.gov.in/ @HFWOdisha

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍

# ଲୋକ ସଭା ନିର୍ବାଚନ: ପ୍ରମୁଖ ଦଳଗୁଡ଼ିକର ଭୋଟ ହାର

### ଆଣ୍ଡାମାନ ନିକୋବର





ଭାଜପା: ୪୫.୩%
କଂଗ୍ରେସ: ୪୫.୯୮%
ଏଏପି: ୧.୩୭%
ନୋଟା: ୦.୬୮%

### ଆନ୍ଧ୍ରପ୍ରଦେଶ





ୱାଇଏସ୍ଆର୍‌ସିପି: ୪୯.୧%
ଟିଡିପି: ୩୯.୬%
କଂଗ୍ରେସ: ୧.୨୯% | ଭାଜପା:୦.୯୬%
ନୋଟା: ୦.୬୮%

### ଅରୁଣାଚଳପ୍ରଦେଶ





ଭାଜପା: ୫୮.୨୨%
କଂଗ୍ରେସ: ୨୦.୬୯%
ଜେଡିଏସ୍: ୯.୧୮%
ନୋଟା: ୧.୧୪%

### ଆସାମ





ଭାଜପା: ୩୬.୧% ଏଜିପି: ୮.୨୩%
କଂଗ୍ରେସ: ୩୫.୪%
ଏଆଇୟୁଡିଏଫ୍: ୭.୮%
ନୋଟା: ୦.୯୯%

### ବିହାର





ଭାଜପା: ୨୩.୬% ଏଲ୍‌ଜିପି: ୭.୮୬%
କଂଗ୍ରେସ: ୭.୭% ଆର୍‌ଜେଡି: ୧୫.୩୬%
ଜେଡିୟୁ: ୨୧.୮୧%
ନୋଟା: ୨%

### ଚଣ୍ଡିଗଡ଼




ଭାଜପା: ୫୦.୬୪%
କଂଗ୍ରେସ: ୪୦.୩୫%
ଏଏପି: ୩.୦୨%
ନୋଟା: ୦.୯୫%

### ଛତିଶଗଡ଼





ଭାଜପା: ୫୦.୭%
କଂଗ୍ରେସ: ୪୦.୯୧%
ବିଏସ୍‌ପି: ୨.୩%
ନୋଟା: ୧.୪୪%

### ଦାଦ୍ରା ଓ ନଗର ହାବେଳି





ଭାଜପା: ୪୦.୯୨%
କଂଗ୍ରେସ: ୪.୩୩%
ଅନ୍ୟାନ୍ୟ: ୫୦.୭୯%
ନୋଟା: ୧.୪୮%

### ଡାମନ ଓ ଡିଉ




ଭାଜପା: ୪୨.୯୮%
କଂଗ୍ରେସ: ୩୧.୬୨%
ବିଏସ୍‌ପି: ୦.୯୧%
ନୋଟା: ୧.୭%

### ଗୋଆ




ଭାଜପା: ୫୧.୧୮%
କଂଗ୍ରେସ: ୪୨.୯୨%
ଏଏପି: ୩.୦୧%
ନୋଟା: ୧.୪୬%

### ଗୁଜରାଟ




ଭାଜପା: ୬୨.୨୧%
କଂଗ୍ରେସ: ୩୨.୧୧%
ନୋଟା:୧.୩୮%

### ହରିୟାଣା





ଭାଜପା: ୫୮.୦୨%
କଂଗ୍ରେସ: ୨୮.୪୨%
ଆଇଏନ୍ଏଲ୍‌ଡି: ୧.୮୯%
ନୋଟା: ୦.୩୩%

### ହିମାଚଳପ୍ରଦେଶ





ଭାଜପା: ୬୯.୧୧%
କଂଗ୍ରେସ: ୨୭.୩%
ନୋଟା: ୦.୮୬%

### ଜମ୍ମୁ ଓ କଶ୍ମୀର




ଭାଜପା: ୪୬.୩୯%
କଂଗ୍ରେସ: ୨୮.୪୭%
ଏନ୍‌ସି: ୭.୮୯%
ପିଡିପି: ୨.୩୭% | ନୋଟା: ୦.୬୧%

### ଝାଡ଼ଖଣ୍ଡ





ଭାଜପା: ୫୦.୯୬%
କଂଗ୍ରେସ: ୧୫.୬୩%
ଜେଏମ୍ଏମ୍: ୧୧.୫୧% | ଆର୍‌ଜେଡି: ୨.୪୨%
ଏଜେଏସ୍‌ୟୁପି: ୪.୩୩% | ନୋଟା: ୧.୨୭%

### କର୍ଣ୍ଣାଟକ





ଭାଜପା: ୫୧.୩୮%
କଂଗ୍ରେସ: ୩୧.୮୮%
ଜେଡିଏସ୍: ୯.୬୭%
ନୋଟା: ୦.୭୧%

### କେରଳ




କଂଗ୍ରେସ: ୩୭.୨୭%
ସିପିଏମ୍: ୨୫.୮୩%
ଭାଜପା: ୧୨.୯୩% | ଆଇୟୁଏମ୍ଏଲ୍: ୫.୪୫%
ସିପିଆଇ: ୬.୦୫% | ନୋଟା: ୦.୫୧%

### ଲାକ୍ଷାଦ୍ୱୀପ





କଂଗ୍ରେସ: ୪୬.୮୬%
ଏନ୍‌ସିପି: ୪୮.୬୧%
ଭାଜପା: ୦.୨୭%
ନୋଟା: ୦.୨୧%

### ମଧ୍ୟପ୍ରଦେଶ





ଭାଜପା: ୫୮%
କଂଗ୍ରେସ: ୩୪.୫%
ବିଏସ୍‌ପି: ୨.୩୮%
ନୋଟା: ୦.୯୨%

### ମହାରାଷ୍ଟ୍ର





ଭାଜପା: ୨୭.୫୯%
ଶିବସେନା: ୨୩.୨୯%
କଂଗ୍ରେସ: ୧୬.୨୭%
ଏନ୍‌ସିପି: ୧୫.୫୨% | ନୋଟା: ୦.୯%

### ମଣିପୁର





ଭାଜପା: ୩୪.୨୨%
କଂଗ୍ରେସ: ୨୪.୬୩%
ଏନ୍‌ପିଏଫ୍: ୨୨.୪୮%
ସିପିଆଇ: ୮.୨୭% | ନୋଟା: ୦.୩୩%

### ମେଘାଳୟ





କଂଗ୍ରେସ: ୪୮.୨୮%
ଏନ୍‌ପିଇପି: ୨୨.୨୭%
ୟୁଡିପି: ୧୯.୫୫% | ଭାଜପା: ୭.୯୩%
ନୋଟା: ୦.୮%

### ମିଜୋରାମ





ଏମ୍ଏନ୍ଏଫ୍: ୪୪.୮୯%
ଭାଜପା: ୫.୭୫%
ଅନ୍ୟାନ୍ୟ: ୪୮.୮୬%
ନୋଟା: ୦.୫%

### ନାଗାଲାଣ୍ଡ





ଏନ୍‌ଡିପିପି: ୪୯.୭୩%
କଂଗ୍ରେସ: ୪୮.୧୧%
ନୋଟା: ୦.୨୧%

### ଦିଲ୍ଲୀ





ଭାଜପା: ୫୬.୫୬%
କଂଗ୍ରେସ: ୨୨.୫୧%
ଏଏପି: ୧୮.୧୧%
ନୋଟା: ୦.୫୩%

### ଓଡ଼ିଶା





ବିଜେଡି: ୪୨.୭୬%
ଭାଜପା: ୩୮.୩୭%
କଂଗ୍ରେସ: ୧୩.୮୧%
ନୋଟା: ୧.୩୧%

### ପୁଡୁଚେରୀ




କଂଗ୍ରେସ: ୫୬.୨୭%
ଏଆଇଏନ୍ଆର୍‌ସି: ୩୧.୩୬%
ନୋଟା: ୧.୫୪%

### ପଞ୍ଜାବ





କଂଗ୍ରେସ: ୪୦.୧୨%
ଏସ୍ଏଡି: ୨୭.୪୫%
ଭାଜପା: ୯.୬୩%
ଏଏପି: ୭.୩୮% | ନୋଟା: ୧.୧୨%

### ରାଜସ୍ଥାନ





ଭାଜପା: ୫୮.୪୭%
କଂଗ୍ରେସ: ୩୪.୨୪%
ନୋଟା: ୧.୦୧%

### ସିକିମ





ଏସ୍‌କେଏମ୍: ୪୭.୪୬%
ଏସ୍‌ଡିଏଫ୍: ୪୩.୯୨%
ଭାଜପା: ୪.୭୧%
କଂଗ୍ରେସ: ୧.୧୩% | ନୋଟା: ୦.୬୫%

### ତାମିଲନାଡୁ





ଡିଏମ୍‌କେ: ୩୨.୭୬%
ଏଆଇଏଡିଏମ୍‌କେ: ୧୮.୪୮%
କଂଗ୍ରେସ: ୧୨.୭୬% | ଭାଜପା: ୩.୩୬%
ପିଏମ୍‌କେ: ୫.୪୨% | ନୋଟା: ୧.୨୮%

### ତେଲେଙ୍ଗାନା





ଟିଆର୍‌ଏସ୍: ୪୧.୨୯%
କଂଗ୍ରେସ: ୨୯.୪୮%
ଭାଜପା: ୧୯.୪୫% | ନୋଟା: ୧.୦୨%
ଏଆଇଏମ୍ଆଇଏମ୍: ୨.୬୮%

### ତ୍ରିପୁରା




ଭାଜପା: ୪୯.୦୩%
କଂଗ୍ରେସ: ୨୫.୩୪%
ସିପିଏମ୍: ୧୭.୩୧%
ନୋଟା: ୧.୦୮%

### ଉତ୍ତରପ୍ରଦେଶ





ଭାଜପା: ୪୯.୫୬%
ଏସ୍‌ପି: ୧୭.୯୬%
ବିଏସ୍‌ପି: ୧୯.୨୬%
କଂଗ୍ରେସ: ୬.୩୧% | ନୋଟା: ୦.୮୪%

### ଉତ୍ତରାଖଣ୍ଡ




ଭାଜପା: ୬୧.୦୧%
କଂଗ୍ରେସ: ୩୧.୪%
ବିଏସ୍‌ପି: ୪.୪୮%
ନୋଟା: ୧.୦୫%

### ପଶ୍ଚିମବଙ୍ଗ




ତୃଣମୂଳ କଂଗ୍ରେସ: ୪୩.୨୮%
ଭାଜପା: ୪୦.୨୫%
କଂଗ୍ରେସ: ୫.୬୧% | ନୋଟା: ୦.୯୬%
ସିପିଏମ୍: ୬.୨୮% | ସିପିଆଇ: ୦.୪%

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ସାଇନାଥ ମହାନ୍ତି (ସାଇ)
ପାଟସୁନ୍ଦରପୁର, କାକଟପୁର, ପୁରୀ

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଶିରିଡିସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ତୋର ସୁଦୀର୍ଘ ଭବିଷ୍ୟତ ପ୍ରଭୁ ସାଇବାବା ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଜନ୍ମଦିନର ଶୁଭକାମନା।

ଶୁଭେଚ୍ଛା ସହ

ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମା, ପିଉସା, ପିଉସୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାର ବର୍ଗ। ବାପା– ଶୁସାନ୍ତ ମହାନ୍ତି, ମା– ନୀଲାଞ୍ଜନା ମହାନ୍ତି।

ଧ–୧୨୩୫୧


## ନବନିର୍ବାଚିତ ବିଜେଡି ଲୋକ ସଭା ଏମ୍‌ପିଙ୍କ ସହ ନବୀନଙ୍କ ବୈଠକ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳର ୧୨ ନବନିର୍ବାଚିତ ଲୋକ ସଭା ଏମ୍‌ପି ରବିବାର ପୂର୍ବାହ୍ନ ୧୦ଟା ୩୦ରେ ନବୀନ ନିବାସରେ ଭେଟିଛନ୍ତି। ସାଧାରଣ ନିର୍ବାଚନରେ ବିରୋଧୀ ଦଳଗୁଡ଼ିକୁ ପରାସ୍ତ କରି ବିଜେଡିକୁ ବିଜୟୀ କରିଥିବାରୁ ପ୍ରତ୍ୟେକ ଏମ୍‌ପିଙ୍କୁ ନବୀନ ଶୁଭେଚ୍ଛା ଏବଂ କୃତଜ୍ଞତା ଜଣାଇଛନ୍ତି। ପାର୍ଲାମେଣ୍ଟରେ ଦଳର ଆଭିମୁଖ୍ୟ ନେଇ ନବନିର୍ବାଚିତ ଏମ୍‌ପିଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ନେତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ଚଳିତ ଥର ୧୨ ଏମ୍‌ପି ଜିତିଛୁ। ତନ୍ମଧ୍ୟରୁ ୭ ଜଣ ସମ୍ପୂର୍ଣ୍ଣ ନୂଆ। ତେଣୁ ଆସନ୍ତା ୨୮ ତାରିଖ ମଧ୍ୟରେ ବିଭିନ୍ନ ସଂସଦୀୟ ପଞ୍ଜୀକରଣ କିପରି ଭାବେ ହେବ ସେ ନେଇ ଆଲୋଚନା ହୋଇଛି। ଏଥିସହିତ ଜାତୀୟ ଫୋରମ୍‌ରେ ଦଳର ଆଭିମୁଖ୍ୟ ନେଇ ମଧ୍ୟ ବିଚାରବିମର୍ଶ ହୋଇଥିବା ମହତାବ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କହିଛନ୍ତି ଯେ, ବିଜେଡି ମୁଖ୍ୟତଃ ୩ଟି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେବ। ପ୍ରଥମତଃ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ଦ୍ୱିତୀୟରେ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଆର୍ଥିକ ସହାୟତା ଏବଂ ଶେଷରେ ପାର୍ଲାମେଣ୍ଟ, ରାଜ୍ୟ ବିଧାନସଭା ଗୁଡିକରେ ମହିଳାଙ୍କୁ ସର୍ବନିମ୍ନ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଗୁରୁତ୍ୱ ଦେବ ବୋଲି ଚନ୍ଦ୍ରଶେଖର କହିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ମହାନ୍ତି
ଝରମୁହଁ, ରାଜକନିକା, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୪।୧୧।୧୯୫୭
ତିରୋଧାନ: ୧୭।୦୫।୨୦୧୯

ଆପଣଙ୍କ ଅମୂଲ୍ୟ ସାହିତ୍ୟକୃତି ସବୁଦିନ ପାଇଁ ଅମର ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଏକାଦଶାହରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ପରିବାର ବର୍ଗ

ଧ–୧୨୬୭୨

## ସଂକ୍ଷେପରେ



### ଅସହାୟ ଅବସ୍ଥାରେ ବ୍ୟକ୍ତି ଉଦ୍ଧାର

**ପଦ୍ମପୁର,୨୬।୫(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ପଦ୍ମପୁର ପାଖ ଲାଉଗୁଡ଼ା ଯିବା ରାସ୍ତାର ଏକ ବିଲରେ ଗତ ୪ ଦିନ ଧରି ଜଣେ ଅସହାୟ ଅବସ୍ଥାରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି । ତାଙ୍କୁ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ । ତାଙ୍କର ଆନୁମାନିକ ବୟସ ୫୦ ବର୍ଷ ହେବ । ବ୍ୟକ୍ତି ଜଣଙ୍କର ଭାଷା ବୁଝା ପଡୁ ନ ଥିବା ବେଳେ ସେ ନିଜର ପରିଚୟ ଠିକ୍ ଭାବେ ଦେଇ ପାରୁନାହାନ୍ତି । ସେ ଶ୍ରମିକ ଭାବେ କାମ କରିବାକୁ ଆସିଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅତ୍ୟଧିକ ସ୍ୱାସ୍ଥ୍ୟ ଖରାପ ହେବାରୁ ଗାଁ ଲୋକେ କିଛି ଖାଇବାକୁ ଦେଇ ତାଙ୍କୁ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଅନୁସନ୍ଧାନ ଚଳାଇଛି ।

### ବର୍ଷା ଦେଲା ଆଶ୍ୱସ୍ତି

**ଗୁଣପୁର,୨୬।୫(ଡି.ଏନ.ଏ):** କିଛି ଦିନ ହେବ ରାୟଗଡା ଜିଲା ଗୁଣପୁରରେ ପ୍ରବଳଗରମ ଅନୁଭୂତ ହେଉଥିଲା । ହେଲେ ସେଥିରୁ ରବିବାର ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଅପରାହ୍ନରେ ବର୍ଷା ପବନ ସହ ସାମାନ୍ୟ କୁଆ ପଥର ବୃଷ୍ଟି ଯୋଗୁଁ ଗରମରୁ ଲୋକେ ତ୍ରାହି ପାଇଛନ୍ତି। ଗୁଣପୁରଏବଂ ଆଖପାଖ ଅଞ୍ଚଳରେ କିଛି ଦିନ ହେବ ପ୍ରଚଣ୍ଡ ଖରା ହେଉଥିଲା । ପୂର୍ବାହ୍ନ ୯ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇ ପଡୁଥିଲା । ରାସ୍ତା ଘାଟ ଖାଁ ଖାଁ ରହୁଥିଲା । ଗରମ ଯୋଗୁଁ ଅନେକ ଦୋକାନ ବଜାର ମଧ୍ୟ ପୂର୍ବାହ୍ନ ପରେ ବନ୍ଦ ହୋଇଯାଉଥିଲା । ୪୨ରୁ ୪୫ ଡିଗ୍ରୀ ମଧ୍ୟରେ ସହରର ତାପମାତ୍ରା ରହୁଥିଲା । ଫଳରେ ଲୋକମାନେ ବାହାରକୁ ବାହାରିବା ବିପଦ ମଣୁଥିଲେ ।

# ଚାକିରି ଛାଡି କିଏ ଫାଇଦାରେ ତ ଆଉ କିଏ ଘାଟାରେ

**ଗୁଣପୁର,୨୬।୫(ଡି.ଏନ.ଏ)**

**ସାଧାରଣ ନିର୍ବାଚନ**

ଏଇ ସାଧାରଣ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ କେତେଜଣ ଚାକିରି ଛାଡ଼ି ବିଭିନ୍ନ ଦଳରୁ ପ୍ରାର୍ଥୀ ହୋଇଥିଲେ । କିଏ ଯନ୍ତ୍ରୀ ଥିଲେ ତ କିଏ ଅଧିକାରୀ। କିଏ ପୋଲିସ ଥିଲେ ତ ଅନ୍ୟ କିଏ ଶିକ୍ଷକ। ଏଭଳି ବୃତ୍ତି ସବୁ ଛାଡ଼ି ରାଜନୀତିରେ ପ୍ରବେଶ କରିବା ପରେ କାହାକୁ ଫାଇଦା ହୋଇଛି ତ କିଏ ପୁଣି ଘାଟାରେ ମଧ୍ୟ ପଡ଼ିଛି। କୋରାପୁଟ ଏମ୍‌ପି ପାଇଁ ବିଜେଡି ପକ୍ଷରୁ କୌଶଲ୍ୟା ହିକ୍‌କାଙ୍କୁ ପ୍ରାର୍ଥୀ କରାଯାଇଥିଲା । ସେ ପ୍ରାର୍ଥୀ ହେବା ପୂର୍ବରୁ ଭୁବନେଶ୍ୱରରେ ଶିକ୍ଷକତା କରୁଥିଲେ । ନିର୍ବାଚନ ବେଳେ ଚାକିରି ଛାଡି ବିଜେଡି ଟିକଟରେ କୋରାପୁଟ ଏମପି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ହେଲେ ଭୋଟର ତାଙ୍କୁ ଚକମା ଦେଇଛନ୍ତି। କୌଶଲ୍ୟା ନିର୍ବାଚନରେ ହାରିଯାଇଛନ୍ତି। ଯନ୍ତ୍ରୀ ଚାକିରି ଛାଡ଼ି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସପ୍ତଗିରି ଉଲ୍ଲାକା ଏଠାରୁ ବିଜୟଲାଭ କରିଛନ୍ତି । ଏପରିସ୍ଥିତିରେ କୌଶଲ୍ୟା କଣ କରିବେ ତାହା ଏବେ ଦେଖିବାକୁ ବାକି ରହିଲା । କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କାଙ୍କୁ ଦଳ ଚଳିତ ଥର ପ୍ରାର୍ଥୀ ନ କରି ତାଙ୍କ ପତ୍ନୀ କୌଶଲ୍ୟାଙ୍କୁ ପ୍ରାର୍ଥୀ କରିଥିଲା । ସେ ପତ୍ନୀଙ୍କ ପାଇଁ ପ୍ରଚାରରେ ଲାଗିଥିଲେ । ହେଲେ ସେହି ପରିବାର ଏବେ ଲୋକ ପ୍ରତିନିଧି ଶୂନ୍ୟ ହୋଇପଡିଛନ୍ତି । ଏ ପରିସ୍ଥିତିରେ ସେମାନଙ୍କ ଭୂମିକା ଏବେ କଣ ରହୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର । ସେହିପରି ଭାଜପା କ୍ଷେତ୍ରରେ ମଧ୍ୟ ଏକା ସ୍ଥିତି । ପୋଲିସ ଚାକିରି ଛାଡି ରବି ଶଙ୍କର ଗମାଙ୍ଗ ଭୁବନେଶ୍ୱରଠାରେ ଭାଜପାରେ ଯୋଗ ଦେଇଥିଲେ । ଆଶା ରଖିଥିଲେ ବିଧାୟକ ପାଇଁ ଟିକେଟ ଖଣ୍ଡେ ପାଇବେ । ସେହି ଆଶା ଆଶାରେ ହିଁ ରହିଯାଇଥିଲା । ସେ ଟିକେଟ ପାଇବା ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡିକ ବୁଲି ପ୍ରଚାର କରିଥିଲେ । ହେଲେ ତାଙ୍କୁ ଦଳ ଟିକେଟ ଦେଇ ନ ଥିଲା । ଚାକିରି ତ ଗଲା ଟିକେଟ ନ ପାଇ ହତାଶ ହୋଇପଡିଥିଲେ ରବି। ଶେଷରେ ଦଳ ରାଜ୍ୟ ସମ୍ପାଦକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗଙ୍କ ପୁଅ ଶିଶିରଙ୍କୁ ଗୁଣପୁର ଆସନ ପାଇଁ ପ୍ରାର୍ଥୀ କରିଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗମାଙ୍ଗଙ୍କ ପାଇଁ ଆସନ ସମ୍ମାନର ପ୍ରଶ୍ନ ଥିଲା । ହେଲେ ଭୋଟର ତାଙ୍କୁ ଚକମା ଦେଇଛନ୍ତି । ପୁତ୍ର ଶିଶିର ପରାଜିତ ହୋଇଛନ୍ତି। ସେହିପରି ଗଜପତି ଜିଲା ଯୋଗାଣ ଅଧିକାରୀ ପଦ ଛାଡି ଗୁଣପୁର ନିର୍ବାଚନ ମଣ୍ଡଳୀରୁ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ରଘୁନାଥ ଗମାଙ୍ଗ । ଯିଏ ବିଜୟ ଲାଭ କରି ଖୁବ ଫାଇଦାରେ । ଗୁଣପୁର ଭୋଟର ତାଙ୍କ ପ୍ରତି ଆସ୍ଥା ଦେଖାଇଛନ୍ତି ।

# ଡାକ୍ତରଖାନାରେ ପ୍ରସବ ନେଇ ସଚେତନତା

**ଗୁଡାରୀ, ୨୬।୫ (ଡି.ଏନ୍.ଏ.)**



ଡାକ୍ତର ବିଶ୍ୱଜିତ୍ ବାହଲ ଉପସ୍ଥିତ ମହିଳାଙ୍କୁ ସଚେତନ କରାଉଛନ୍ତି।

ଘରେ ପ୍ରସବ ନ କରାଇ ଡାକ୍ତରଖାନାରେ କରାଇବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଗୁଡାରୀ ହରିଜନ କଲୋନୀ ଆମ୍ବତୋଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଶ୍ୱଜିତ୍ ବାହଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଡାକ୍ତରଖାନାରେ ପ୍ରସବ କରାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ଏନେଇ ସରକାରଙ୍କ ପକ୍ଷରୁ ଥିବା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ମାଗଣାରେ ପ୍ରସବ ହେବା ସହ ଘରୁ ନେବା ଆଣିବା ନିମନ୍ତେ ଗାଡି ଓ ସ୍ଥାନୀୟ ଆଶାକର୍ମୀଙ୍କ ସହଯୋଗ ରହିବ ବୋଲି କହିଥିଲେ। ଘରେ ପ୍ରସବ ହେଲେ ଉଭୟ ମା' ଓ ଶିଶୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଥିଲେ। ଗୁଡାରୀ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସିର ଆଶା କଲ୍ୟାଣୀ ବାଉରୀ, ଗୀତାଞ୍ଜଳି ଶବର ଓ ରାଧାରାଣୀ ସାହୁଙ୍କ ସମେତ ତିନୋଟି ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳା ଏବଂ ପଚାଶରୁ ଊର୍ଦ୍ଧ୍ୱ ମହିଳା,ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

# ସୁଙ୍ଗେର ଗ୍ରାମରେ ପାଣି ପାଇଁ ଲୋକେ ଡହଳବିକଳ

**ଟିକିରି,୨୬।୫(ଡ଼ି.ଏନ.ଏ)**

କାଶୀପୁର ବ୍ଲକସ୍ଥିତ ସୁଙ୍ଗେର ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଫଳରେ ଲୋକେ ପାଣିପାଇଁ ଡ଼ହଳବିକଳ ହେଉଛନ୍ତି। ଏନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି । ସୁଙ୍ଗେର ଗ୍ରାମରେ ୮୫ ପରିବାର ବସବାସ କରନ୍ତି । ସୁଙ୍ଗେର ପଞ୍ଚାୟତ ସଦର ଥିବା ଗଉଡ଼ସାହି, ପାଇକସାହି ଓ ହରିଜନ ସାହିରେ ୨ଟି ନଳକୂପ ରହିଛି । କିନ୍ତୁ ଖରା ଯୋଗୁ ଜଳସ୍ତର ହ୍ରାସ ପାଇଥିବାରୁ ନଳକୂପଗୁଡ଼ିକରେ ଯଥେଷ୍ଟ ପାଣି ବାହାରୁ ନାହିଁ । ନଳକୂପରୁ ଗୋଳିଆପାଣି ବାହାରୁଥିବାରୁ ବ୍ୟବହାର ଉପଯୋଗୀ ହେଉନାହିଁ । ସ୍ୱଚ୍ଛଳ ଧାରା ଯୋଜନାରେ ପାଇପ ପାଣିର ବ୍ୟବସ୍ଥା ହେଇଥିଲେ ମଧ୍ୟ ପାଣି ପହଞ୍ଚି ପାରୁନାହିଁ। ପାନୀୟ ଜଳ ସମସ୍ୟା ଦୂର ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଚିନ୍ତାଲଗୁଡାରେ ହନୁମାନଙ୍କ ମୂର୍ତ୍ତି ସ୍ଥାପନ

**କୋଲନରା, ୨୬।୫(ଡି.ଏନ୍.ଏ)**

କୋଲନରା ବ୍ଲକ୍‌ର ସୁରୀ ପଞ୍ଚାୟତ ଚିନ୍ତାଲଗୁଡା ଗାଁରେ ବିଧି ମୁତାବକ ପୂଜାର୍ଚ୍ଚନା ସହିତ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ୨ଦିନ ଧରି ଏହି ଗାଁରେ ବିଧିବିଧାନ ସହିତ ଗଜପତି ଜିଲା ପାରଳାଖେମୁଣ୍ଡିରୁ ଯଶୋଦାନନ୍ଦନ ମହନ୍ତ ମହାରାଜ, ରାମାନନ୍ଦ ଦାଶ ମହନ୍ତ, ସୁଧାନ ଦାଶ, ଦାମୋଦର ଦାଶ, ରାମହରି ଦାଶ ମହନ୍ତ ମହାରାଜ ଯୋଗ ଦେଇ ହନୁମାନଙ୍କ ଉପରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଗାଁ ଗାଦବା ସାହି, ପିଣ୍ଡାପଦର, ଗୁନାଖାଲ, ପୂଜାରୀଗୁଡା, ଲକଟିଗୁଡା, ଥେରୁବାଲି ଓ ଅନ୍ୟ ଗାଁଗୁଡ଼ିକରୁ ପ୍ରାୟ ୧୫ ଶହରୁ ୨ ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଆଗମନ ହୋଇଥିଲା । ଗାଁର ଯୁବକମାନଙ୍କ ସମେତ କବି ଚନ୍ଦ୍ର କାଡ୍ରାକା, ରାଧାକୃଷ୍ଣ ମିଶ୍ର, ଦୁର୍ଗାଚରଣ ମିଶ୍ର ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେବେଳେ ଯାଏ ଶ୍ୱାସ**
**ତେତେବେଳେ ଯାଏ ଆଶ ।**

ମଣିଷର ଆଶା ଅସୁମାରି । ଆଶାକୁ ନେଇ ମଣିଷ ଆଗକୁ ବଢ଼ିଥାଏ । ଆଶା ପଛରେ ଧାଇଁବା ସହ ତାକୁ ପୂରଣ କରିବାରେ ଲାଗି ପଡ଼ିଥାଏ । ହେତୁହେବା ଦିନରୁ ମଣିଷ ଆଶାକୁ ନେଇ ବଞ୍ଚି ରହିଥାଏ। ବଞ୍ଚି ରହିଥିବା ପର୍ଯ୍ୟନ୍ତ ମଣିଷ ଆଶାଠୁ ନିଜକୁ ଦୂରେଇ ରଖିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଯେବେ ଆଣିବୁ ଅରଜି**
**ତେବେ ଖାଇବୁ ଗରଜି ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ । ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ । ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ । କିନ୍ତୁ ଯିଏ ରୋଜଗାର କରି ନିଜ ଖର୍ଚ୍ଚ ନିଜେ ତୁଲାଇବାକୁ ସମର୍ଥ ହୋଇଥାଏ ସେ ମୁଣ୍ଡ ଉଠାଇ ବାଟ ଚାଲିଥାଏ, ଘର ସଂସାରକୁ ସୁରୁଖୁରୁରେ ଚଳାଇପାରିଥାଏ । ସେହିପରି ଅର୍ଜନକାରୀ ବ୍ୟକ୍ତି ନିଜ ପସନ୍ଦକୁ ଚାହିଁ ଖର୍ଚ୍ଚ କରିବାରେ କୌଣସି ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଝାମୁଯାତ୍ରାରେ କାଳିକା ବେଶ



କାଳିକା ବେଶରେ ଜଣେ ଯୁବକ ।

**ମୁନିଗୁଡ଼ା,୨୬।୫(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ମୁନିଖୋଲ ବୁର୍ଜିଗୁଡ଼ାଠାରେ ଝାମୁଯାତ୍ରାରେ ଯୁବକମାନେ ପ୍ରତ୍ୟେକ ଦିନ ବିଭିନ୍ନ ବେଶ ଧାରଣ କରି ମନୋରଞ୍ଜନ କରୁଛନ୍ତି । ସେହିପରି ରବିବାର ଜଣେ ଯୁବକ ନିଜ ମାନସିକ ଅନୁଯାୟୀ ମା' କାଳିକାଙ୍କ ବେଶ ଧାରଣ କରିଛନ୍ତି । ସେ ବୁର୍ଜିଗୁଡ଼ା ଝାମୁଯାତ୍ରା ମଣ୍ଡପଠାରୁ ମା'ଙ୍କ ଆଶୀର୍ବାଦ ନେଇ ମୁନିଗୁଡ଼ା ସହର ପରିକ୍ରମା କରିଥିଲେ । ଏହି ଅବସରରେ ବିଭିନ୍ନ ଦୋକାନ ଓ ଘର ବୁଲି ବୁଲି କିଛି ଟଙ୍କା ଆଦାୟ କରିଥିଲେ । ଏହାଦ୍ୱାରା ମାନସିକ ପୂରଣ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଏହିପରି ସନ୍ଧ୍ୟାରେ ମଧ୍ୟ ଯାତ୍ରା ମଣ୍ଡପଠାରେ ଯୁବତୀଯୁବକମାନେ ବିଭିନ୍ନ ବେଶ ଧାରଣ କରି ଲୋକଙ୍କୁ ମନୋରଞ୍ଜନ କରିଥାନ୍ତି ।

CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାସ ଦ୍ୱାରା ମାର୍କସିଟ୍, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ ।
ବାର୍ଷିକ 1% ସୁଧ ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675 8527858125 9454715754

ଖର୍ଚ୍ଚ ଋଣରୁ କଟିବ
Mudra Finance (Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ସମସ୍ତ ଋଣ
2% ସୁଧ, 40% ରିହାତି ।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ୍! ଲୋନ୍! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୭ ମେ, ୨୦୧୯



କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ସଂକ୍ଷେପରେ

### ୩ ରଥରେ ରଙ୍ଗକାମ ଆରମ୍ଭ



କୋରାପୁଟ,୨୬।୫(ସ୍ୱ.ପ୍ର.): ଚଳିତ ବର୍ଷ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରଥମ ଥର କରି ଗୋଟିଏ ସ୍ଥାନରେ ୩ଟି ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ରବିବାର ଏହି ରଥର ରଙ୍ଗମରା କାର୍ଯ୍ୟ ଆରମ୍ଭ ହୋଇଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗତ ୭ ତାରିଖରେ ଅକ୍ଷୟ ତୃତୀୟା ଅବସରରେ ପୂଜାର୍ଚ୍ଚନା ଓ ଯଜ୍ଞ କରାଯାଇ ଏହି ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏବେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନବରଙ୍ଗପୁର ଅଞ୍ଚଳର ବିଶ୍ୱକର୍ମାଙ୍କ ଦ୍ୱାରା ଏହି ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ଏହି ରଥରେ ରଙ୍ଗ ମରାଯିବା କାର୍ଯ୍ୟ ଆରମ୍ଭ ହୋଇଥିବା ମନ୍ଦିର ପରିଚାଳନା କମିଟି ସଂପାଦକ ଗଦାଧର ପରିଡ଼ା କହିଛନ୍ତି।

### ବଜ୍ରପାତରେ ଛାତ୍ରୀ ଗୁରୁତର, ବଳଦ ମୃତ

ବୈପାରୀଗୁଡ଼ା,୨୬।୫(ଡି.ଏନ୍.ଏ.): ଦଣ୍ଡାବାଡି ପଞ୍ଚାୟତ ପଣସପୁଟ ଗ୍ରାମରେ ରବିବାର ଅପରାହ୍ଣରେ ବଜ୍ରପାତ ଯୋଗୁ ଜଣେ ଛାତ୍ରୀ ଗୁରୁତର ଅବସ୍ଥାରେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଆହତ ଛାତ୍ରୀ ଜଣକ ହେଲେ ଗଙ୍ଗାଧର ସଗରିଆଙ୍କ ଝିଅ ରୁକ୍ମଣୀ ସଗରିଆ (୧୭)। ବର୍ଷା ଘଡ଼ଘଡ଼ି ସମୟରେ ରୁକ୍ମଣୀ ଘରେ ଥିବାବେଳେ ବଜ୍ରପାତ ହୋଇଥିଲା। ସେହି ସମୟରେ ତାଙ୍କ ଗୁହାଳରେ ଥିବା ଏକ ବଳଦ ମଧ୍ୟ ପ୍ରାଣ ହରାଇଥିଲା। ରୁକ୍ମଣୀଙ୍କୁ ଅଚେତ ଅବସ୍ଥାରେ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ଚିକିତ୍ସା ପରେ ତାଙ୍କ ଅବସ୍ଥା ଧୀରେଧୀରେ ସୁଧୁରୁଥିବା ଡାକ୍ତର ପ୍ରକାଶ କରିଛନ୍ତି। ରୁକ୍ମଣୀ ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି।

### ସତ୍‌ସଙ୍ଗ ସମାରୋହ

କୋଲାବନଗର,୨୬।୫(ଡି.ଏନ୍.ଏ.): କୋରାପୁଟ ସଦର ଅନ୍ତର୍ଗତ କୋଲାବନଗର ସ୍ଥିତ ସତ୍‌ସଙ୍ଗ ବିହାରରେ ସତସଙ୍ଗ ସମାରୋହ ଓ ଆନନ୍ଦବଜାର ଅନୁଷ୍ଠିତ ହୋଇଛି। ରବିବାର ସକାଳେ ଉଷା କୀର୍ତ୍ତନ ଓ ମହାପ୍ରାର୍ଥନା, ପୂର୍ବାହ୍ଣ ୧୦ଟାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗୁରୁଭାଇ ଓ ମା'ମାନଙ୍କ ପରିଚୟ ପ୍ରଦାନ ହୋଇଛି। ଜୟପୁରର ସାମ୍ବାଦିକ ତଥା ସତ୍‌ସଙ୍ଗୀ ବିନୋଦ ମହାପାତ୍ର, ସନ୍ତୋଷ କୁମାର ଖଣ୍ଡେଇ, ଅଜୟ କୁମାର ଭଦ୍ର, କୋରାପୁଟ କେନ୍ଦ୍ରର ସମ୍ପାଦକ ଦେବାଶିଷ ମହାପାତ୍ର, ଅଶୋକ ନାୟକ, ସୁବ୍ରତ ଦାସ, ରମେଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା ଭଗବାନ ରଥ, କୈଳାସ ଚନ୍ଦ୍ର ପଣ୍ଡା, ପଦ୍ମଚରଣ ଦାସ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଓ ଆନନ୍ଦବଜାରକୁ କୈଳାସ ଭାଇ ପରିଚାଳନା କରିଥିଲେ।

# ୨ ଏମ୍‌ଡିଙ୍କ ବେଳେ ୩୩ ଲକ୍ଷର ସାର ହେର୍‌ଫେର୍

**ପଟ୍ଟାଙ୍ଗି ଲ୍ୟାମ୍ପସ**
- ତାଲା ଭାଙ୍ଗି ଗୋଦାମଘର ଖୋଲିଲେ ବର୍ତ୍ତମାନର ଏମ୍‌ଡି, ସୁପରଭାଇଜର
- ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି

ପଟ୍ଟାଙ୍ଗି,୨୬।୫(ଡି.ଏନ୍.ଏ.)

ପଟ୍ଟାଙ୍ଗି ଲ୍ୟାମ୍ପସ କାର୍ଯ୍ୟାଳୟ ପରିସରରେ ଥିବା ଗୋଦାମଘରେ ଦୀର୍ଘ ମାସ ଧରି ପଡ଼ିଥିବା ତାଲାକୁ ଶନିବାର ଭଙ୍ଗାଯାଇଛି। ଲ୍ୟାମ୍ପ୍ସ ସଭାପତି ବେଣୁ ଖିଲ, ସୁପରଭାଇଜର ଦିଗାମ୍ବର ନାୟକ, ଶଶି ପାତ୍ର ଖରା, ନିର୍ଦ୍ଦେଶକ ରାମଚନ୍ଦ୍ର ଖିଲ, ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇଥିଲା। ଗୋଦାମ ଘର ଖୋଲିବା ପରେ ସେଠାରେ ୟୁରିଆ ୨ ବସ୍ତା, ଇପକୋ (୨୦-୨୦-୧୩) ୫ ବସ୍ତା ଏବଂ ଡିଏପି ୭ ବସ୍ତା ଥିଲା। ଏହାର ବଜାର ଦର ୧୩ ହଜାର ଟଙ୍କା ହେବ।

ସୂଚନା ଅନୁଯାୟୀ, ଉପରୋକ୍ତ ଲ୍ୟାମ୍ପ୍ସର ପୂର୍ବତନ ଏମ୍‌ଡି ବସନ୍ତ ଦାସଙ୍କ ସମୟରେ ଗୋଦାମ ଘର ଦାୟିତ୍ୱରେ ଥିବା କର୍ମଚାରୀ ରୂପଧର ପାଙ୍ଗି ୧୬ ଲକ୍ଷ ୨୩ ହଜାର ୫୯୯ ଟଙ୍କାର ସାର ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଏମ୍‌ଡି ଦାସ ଗତ ୨ ମାର୍ଚ୍ଚରେ ପୋଲିସକୁ ଏତଲା ଦେଇଥିଲେ। ଏହାକୁ ଆଧାର କରି ପୋଲିସ ରାତିଅଧିଆ



ଏମ୍‌ଡି ଓ ସୁପରଭାଇଜରଙ୍କ ଉପସ୍ଥିତିରେ ଲ୍ୟାମ୍ପସ୍ ଗୋଦାମଘର ତାଲା ଖୋଲାଯାଉଛି।

ରୂପଧରଙ୍କୁ ଥାନାକୁ ଡକାଇବା ପରେ ଚୁକ୍ତିନାମା କରାଇ ହେରଫେର ଅର୍ଥରୁ ୧ ଲକ୍ଷ ଟଙ୍କା ଲ୍ୟାମ୍ପସ ଖାତାରେ ଜମା କରାଇ ତାଙ୍କୁ ଛାଡ଼ି ଦେଇଥିଲା। କିନ୍ତୁ ଗୋଦାମଘରେ ପଡ଼ିଥିବା ତାଲା ଖୋଲିବା ପାଇଁ ରୂପଧରଙ୍କୁ ଚାବି ମଗାଯାଇ ନଥିଲା। ସରକାରୀ ସ୍ତରରେ ଏହାର ତଦନ୍ତ ହେବା ପୂର୍ବରୁ ଏମ୍‌ଡି ଦାସଙ୍କୁ ପାପଡ଼ାହାଣ୍ଡି ବଦଳି କରାଯାଇ ତାଙ୍କ ସ୍ଥାନରେ ସୁଙ୍କି ଲ୍ୟାମ୍ପ୍ସର ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁଙ୍କୁ ଅଣାଯାଇଥିଲା। ସେ ଦାୟିତ୍ୱ ନେବା ପରେ ମେ ୩ରେ ପୂର୍ବତନ ଏମ୍‌ଡି କିମ୍ବା କର୍ମଚାରୀ ଚାବି ହସ୍ତାନ୍ତର କରି ନଥିବା ଓ ଗୋଦାମ ଘର ତାଲା ଭାଙ୍ଗିବା ପାଇଁ ପୋଲିସକୁ ଅବଗତ କରିଥିଲେ। କିନ୍ତୁ ପୋଲିସ ସମୟ ଗଡ଼ାଇ ଚାଲିଥିବା ବେଳେ ଖେମୁଣ୍ଡୁ ବାରମ୍ବାର ତାଙ୍କୁ ଅଭିଯୋଗ କରିଆସୁଥିଲେ। ପୋଲିସର ଅସହଯୋଗ ପରେ ବାଧହୋଇ ଏମ୍‌ଡି ଖେମୁଣ୍ଡୁ ଓ ସୁପରଭାଇଜର ତାଲା ଖୋଲିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପଟ୍ଟାଙ୍ଗି ଲ୍ୟାମ୍ପସର ପୂର୍ବତନ ଏମ୍‌ଡି ସତ୍ୟ ପ୍ରକାଶ ମହାପାତ୍ରଙ୍କ ସମୟରେ ୧୭ ଲକ୍ଷ ଓ ପୂର୍ବତନ ଏମ୍‌ଡି ବସନ୍ତ ଦାସଙ୍କ ସମୟରେ ୧୬ ଲକ୍ଷରୁ ଅଧିକ ଟଙ୍କାର ସାର ହେରଫେର ହୋଇଥିବା ଅଭିଯୋଗ ହୋଇଛି। କିନ୍ତୁ ୨୦୧୩/୧୪ ଆର୍ଥିକ ବର୍ଷ ପରଠାରୁ ଏଯାବତ୍ କୌଣସି ଅଡିଟ୍ ହେଉନାହିଁ। ଏସ୍‌ପି, ଜିଲାପାଳ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ନିଆଯାଇ ଦୁର୍ନୀତି ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦରକାର ବୋଲି ସୁପରଭାଇଜର ଦିଗାମ୍ବର ନାୟକ ଓ ଏମ୍‌ଡି ଖେମୁଣ୍ଡୁ ଗଣମାଧ୍ୟମକୁ ଜଣାଇଛନ୍ତି।

# ମନ୍ତ୍ରୀପଦ ଆଶାରେ କୋରାପୁଟ ଜିଲାର ୨

କୋରାପୁଟ,୨୬।୫(ସ୍ୱ.ପ୍ର.)

ଚଳିତ ନିର୍ବାଚନରେ କୋରାପୁଟ ଜିଲାର ୫ଟି ବିଧାନସଭା ଆସନରୁ ବିଜେଡି ୪ଟି ଦଖଲ କରିଛି। ଜୟପୁର ବ୍ୟତୀତ କୋରାପୁଟ, ପଟ୍ଟାଙ୍ଗି, କୋଟପାଡ଼, ଲକ୍ଷ୍ମୀପୁରରେ ଶଙ୍ଖଧ୍ୱନି ଶୁଭିଛି। ୨୦୧୪ରେ କୋରାପୁଟ ଜିଲାର ୫ଟି ଆସନରୁ ବିଜେଡି ହାତରେ ଥିଲା କେବଳ ପଟ୍ଟାଙ୍ଗି। ଏଥର ବିଜେଡି ଜିତିଥିବା ୪ଟି ଆସନରେ ନିର୍ବାଚିତ ବିଧାୟକଙ୍କ ଭିତରେ ୩ ଜଣ ହେଲେ ନୂଆମୁହଁ। ୨୯ରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ପଞ୍ଚମ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ସେହିଦିନ ମୁଖ୍ୟମନ୍ତ୍ରୀ ନୂତନ ମନ୍ତ୍ରୀମଣ୍ଡଳ ଘୋଷଣା କରିବେ। ମନ୍ତ୍ରୀପଦ ପାଇଁ କୋରାପୁଟ ଜିଲାର ୨ ବିଧାୟକଙ୍କ ନାଁ ଚର୍ଚ୍ଚାରେ ରହିଛି। ସେମାନେ ହେଲେ କୋରାପୁଟରେ ୨୦୦୯ ପରେ ୨୦୧୯ରେ ଦ୍ୱିତୀୟଥର ପାଇଁ ବିଧାୟକ ହୋଇଥିବା ରଘୁରାମ ପଡାଲ ଓ କୋଟପାଡ଼ରେ କଂଗେସ ଦୁର୍ଗ ଭାଙ୍ଗି ବିଜେଡିର ଶୁଭ ପକାଇଥିବା ପଦ୍ମିନୀ ଦିଆନ। ବିଜେଡିର ଦୁଇଟି ସରକାରରେ କୋରାପୁଟ ଜିଲାରୁ ଏକମାତ୍ର ଭାବେ ମନ୍ତ୍ରୀ ରହିଥିବା ରବିନାରାୟଣ ନନ୍ଦ ଗତ ୨୦୧୪ ଓ ୨୦୧୯ରେ ପରାଜୟ ବରଣ କରିଛନ୍ତି। ତାଙ୍କ ପରାଜୟ ପରେ କୋରାପୁଟ ଜିଲାରୁ ଅନ୍ୟ କାହାକୁ ବିଜେଡି ମନ୍ତ୍ରୀପଦ ଦେଇନାହିଁ। ତେଣୁ ଏଥର ରଘୁରାମ ପଡାଲ ଓ ପଦ୍ମିନୀ ଦିଆନଙ୍କୁ ମନ୍ତ୍ରୀପଦ ମିଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କୋଟପାଡ଼ରେ ପ୍ରଥମ ମହିଳା ବିଧାୟିକା ହୋଇଥିବା ପଦ୍ମିନୀ ନବୀନଙ୍କ ମହିଳା ସଂରକ୍ଷଣ ନୀତି ଆଧାରରେ ମନ୍ତ୍ରୀପଦ ପାଇବାର ଆଶା ଅଧିକ ଥିବା କୁହାଯାଉଛି।

# କାଳବୈଶାଖୀ ଉଜାଡ଼ିଲା ଘର



କାଳବୈଶାଖୀରେ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି।

ବୈପାରୀଗୁଡ଼ା,୨୬।୫(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଚିପାକୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଯୋଡ଼ି ଗ୍ରାମରେ ରବିବାର କାଳବୈଶାଖୀ ଯୋଗୁ ଅନେକ କୁଡ଼ିଆ ଘର ଭାଙ୍ଗିଛି। ଗ୍ରାମର ବିଧବା ମହିଳା ଶାନ୍ତିମଣି ପାଙ୍ଗିଙ୍କ ଆଜବେଷ୍ଟସ ଛପର ଘର ସଂପୂର୍ଣ୍ଣ ଭାଙ୍ଗିଯାଇଛି। ଅସହାୟ ମହିଳା ଜଣକ ପିଲାଛୁଆ ସହ ଖୋଲା ଆକାଶ ତଳକୁ ଚାଲିଆସିଛନ୍ତି। ସେହି ଗ୍ରାମର ବୁଦୁ ଧାଙ୍ଗଡ଼ାମାଝିଙ୍କ ଘର ଛପର ଉପରେ ପଣସ ଗଛ ପଡ଼ିଯିବାରୁ ତାଙ୍କ ପରିବାର ମଧ୍ୟ ଗୃହଶୂନ୍ୟ ହୋଇଛନ୍ତି। ପ୍ରଶାସନ ପ୍ରଭାବିତ ପରିବାରକୁ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଅଗ୍ନି ଗଙ୍ଗାମା'ଙ୍କ ଯାତ୍ରା

# ମାମୁଘରକୁ ବିଜେକଲେ ଠାକୁରାଣୀ

ସେମିଳିଗୁଡ଼ା,୨୬।୫(ସ୍ୱ.ପ୍ର.)

ସେମିଳିଗୁଡ଼ା ସହରରେ ଗତ ୬ ଦିନ ଧରି ଅଧିଷ୍ଠାତ୍ରୀ ମା' ଗଙ୍ଗାମ୍ମାଙ୍କ ଯାତ୍ରା ଚାଲିଛି। ପରମ୍ପରା ଅନୁସାରେ ରବିବାର ଠାକୁରାଣୀ ସ୍ଥାନୀୟ ସେମିଳିଗୁଡ଼ା ଥାନା ସ୍ଥିତ ମାମୁଘରକୁ ବିଜେ କରିଛନ୍ତି। ଯାତ୍ରାର ଗୋଟିଏ ଦିନ ମାମୁଘରେ ପଣା ଓ ପୂଜା ପାଇବାର ବିଧି ରହିଛି। ଠାକୁରାଣୀ ମାମୁଘର ବିଜେ କରିବା ଯୋଗୁ ସହର ଓ ଥାନା ବିପଦମୁକ୍ତ ରହିବାର ବିଶ୍ୱାସ ରହିଛି। ଏହି ଅବସରରେ ଥାନା ପରିସରରେ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଭକ୍ତମାନେ ନିଆଁରେ ଚାଲିବାର ପରମ୍ପରା ରହିଆସିଛି। ପୂଜାରେ ସେମିଳିଗୁଡ଼ା ଥାନା ଅଧିକାରୀ ସମ୍ବିତ କୁମାର ବେହେରା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଏଏସ୍‌ଆଇ ରାମ ନାୟକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବପୁରୁଷରୁ ଚାଲିଆସିଥିବା ଏହି ପରମ୍ପରା ସ୍ଥାନୀୟ ଜନସାଧାରଣ ଓ ପୋଲିସ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିଥାଏ।



ଗଙ୍ଗାମା'ଙ୍କ ଯାତ୍ରାରେ ଜଣେ ଭକ୍ତ ନିଆଁରେ ଚାଲୁଛନ୍ତି।

## କ୍ୱାର୍ଟର ଉପରେ କାଳ ସାଜିଛି ଗଛ

### କାଟିବା ପାଇଁ ବନ ବିଭାଗକୁ ବାରମ୍ବାର କୁହାଯିବା ପରେ ମଧ୍ୟ ଫଳ ଶୂନ

କୋଲାବନଗର,୨୬।୫(ଡି.ଏନ୍.ଏ.)

୪୦ ବର୍ଷ ତଳେ ଅପରକୋଲାବ ଯୋଜନା କଲୋନୀରେ ଶୈଳଦୀକରଣ ପାଇଁ ନିଳଗିରି ଓ ଆକାଶିଆ ଗଛ ଲଗାଯାଇଥିଲା। ତାହା ଏବେ ମହାଦ୍ରୁମରେ ପରିଣତ ହୋଇଛି। କ୍ୱାର୍ଟର ପାଖରେ ଏସବୁ ବଡ଼ଗଛ ଥିବାରୁ କାଳବୈଶାଖୀରେ ଭାଙ୍ଗିଯାଇ ଆଜବେଷ୍ଟସ ଘର ଉପରେ ପଡ଼ିବା ଆଶଙ୍କା ରହିଛି। ଗଛଗୁଡ଼ିକ କାଟିବା ପାଇଁ ୨୦୧୬ରୁ କୋରାପୁଟ ବନ ବିଭାଗକୁ ଜଣାଯାଉଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନାହିଁ। ୨୦୧୭ରେ ଏହି ଗଛଗୁଡ଼ିକ ସର୍ଭେ କରି ଚିହ୍ନଟ ଓ ନମ୍ବରିଂ କରିଥିଲା ବିଭାଗ। ଗଛ କାଟିବା ପାଇଁ ପ୍ରତିଶ୍ରୁତି ଦେଇ ଦୁଇବର୍ଷ ହେଲା ଚୁପ୍ ବସିଛି ବିଭାଗ। ଗତବର୍ଷ ବର୍ଷାଦିନରେ ୬ଟି ପରିବାର ବେଘର ହୋଇଥିଲେ। ବୃହତକାୟ ନୀଳଗିରି ଗଛ ଭାଙ୍ଗି ସେମାନଙ୍କ ଘର ଉପରେ ପଡ଼ିବାରୁ କାନ୍ଥ ଓ ଆଜବେଷ୍ଟସ ଛପର ଚୁରମାର୍ ହୋଇଥିଲା। ଚଳିତବର୍ଷ ଅଧିକ କାଳବୈଶାଖୀର ଲାଗିରହୁଛି। ତେଣୁ ଅଞ୍ଚଳବାସୀ ଆତଙ୍କିତ ହୋଇ ରହୁଛନ୍ତି। ଗତ ୧୫ ତାରିଖ ଅପରାହ୍ଣରେ କୋଲାବନଗରରେ କାଳବୈଶାଖୀ ଅନେକ ଘରର ଛପର ଉଡ଼ାଇବା ସହ ଶତାଧିକ ଗଛ ଭାଙ୍ଗିଥିଲା। ବନ ବିଭାଗର କଠୋର ନିୟମ ପାଇଁ ଗଛର ଡାଳଟିଏ ମଧ୍ୟ ଲୋକେ କାଟିପାରୁ ନାହାନ୍ତି। ସମସ୍ୟାର ସମାଧାନ ପାଇଁ ଜିଲାପାଳ ପଦକ୍ଷେପ ନେବା ପାଇଁ ଲୋକେ ନିବେଦନ କରିଛନ୍ତି।

# ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଟୁଙ୍ଗି

ଜୟପୁର,୨୬।୫(ନି.ପ୍ର.)

ଜୟପୁର ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଆସର ଥିବା 'ସାହିତ୍ୟ ଟୁଙ୍ଗୀ'ରେ ଓଡ଼ିଶାର ପ୍ରଥମ ମହିଳା ଏଭରେଷ୍ଟ ଆରୋହୀଙ୍କ ପରଲୋକରେ ରବିବାର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହା ବ୍ୟତୀତ ସ୍ୱାଧୀନତା ସଂଗ୍ରାମୀ ରାଧାମୋହନ ସାହୁଙ୍କ ବିଷୟରେ ଆଲୋଚନା କରିଥିଲେ ପ୍ରଭାତ କୁମାର ରଥ। ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ବିଷୟରେ ଆଲୋଚନା କରିଥିଲେ ସାମାଜିକ କର୍ମୀ ବୁଲୁ ସାହୁ। ପରେ 'ଗଳ୍ପ ଆଜିର ଓ ସେଦିନର ବିଷୟ' ପ୍ରେମାନନ୍ଦ ଦାଶ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଇଂ କେଦାରନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ପ୍ରମୋଦ କୁମାର ରାଉଳ, ଅଶୋକ ପଲେଇ, ମନୋଜ ପଣ୍ଡା, ଗୌରୀ ପଣ୍ଡା, ରାଜେଶ୍ୱରୀ ନନ୍ଦ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ତପନ କିରଣ ତ୍ରିପାଠୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।




ସାହିତ୍ୟ ଟୁଙ୍ଗିରେ ଉପସ୍ଥିତ ଅତିଥିମାନେ।

# ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ

କୋରାପୁଟ,୨୬।୫(ସ୍ୱ.ପ୍ର.)

କୋରାପୁଟରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଦେଖାଯାଇଛି। କିଛି ଦିନ ହେଲା ହେଉଥିବା ଏହି ଗ୍ରୀଷ୍ମ ପ୍ରବାହ ଯୋଗୁ ସହରରେ ସକାଳ ୧୦ଟାରୁ ରାସ୍ତାଘାଟ ଦୋକାନବଜାର ଶୁନଶାନ ହୋଇଯାଉଥିବା ବେଳେ ବସ୍ ଯାତ୍ରୀଶୂନ୍ୟ ରହୁଛି। ଲୋକଙ୍କ ଅସୁବିଧାକୁ ଅଧିକ ଜଟିଳ କରିଛି ବିଦ୍ୟୁତ ବିଭାଗର ଅଘୋଷିତ ବିଜୁଳି କାଟ। ରବିବାର ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ପହଞ୍ଚିଥିବା ଜଣାପଡ଼ିଛି। ସେହିପରି ଜିଲାର ଜୟପୁର, ବୋରିଗୁମ୍ମା, କୋଟପାଡ଼, ଲମତାପୁଟ, ସେମିଳିଗୁଡ଼ା, ନନ୍ଦପୁର ବ୍ଲକ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ଯୋଗୁ ଏହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି।

■ ମଙ୍ଗଳ ବିଭାଗ ସ୍କୁଲରେ ମାଟ୍ରିକ ପାସ୍‌ହାର ନୈରାଶ୍ୟଜନକ

# ଗତ ୨ ବର୍ଷ ତୁଳନାରେ ୩୦ ପ୍ରତିଶତ ଖସିଛି

- ୮୬୬ ପରୀକ୍ଷାର୍ଥୀ ଫେଲ
- ଜଣେ ବି ପାଇନାହାନ୍ତି ଏ-୧

ଜୟପୁର,୨୬।୫(ନି.ପ୍ର.)

କୋରାପୁଟ ଜିଲା ମଙ୍ଗଳ ବିଭାଗ ଅଧୀନରେ ଥିବା ସ୍କୁଲଗୁଡ଼ିକରେ ମାଟ୍ରିକ ପରୀକ୍ଷା ଫଳ ନୈରାଶ୍ୟଜନକ ହୋଇଛି। ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଭିତ୍ତିଭୂମି, ଖାଦ୍ୟପେୟ, ହଷ୍ଟେଲ ସୁବିଧା, ଷ୍ଟାଇପେଣ୍ଡର ବ୍ୟବସ୍ଥା କରିଛନ୍ତି ସରକାର। ଏହାସତ୍ତ୍ୱେ ଫଳ ନିରାଶ କରିଛି। ଗତ ଦୁଇବର୍ଷ ହେଲା ୯୦ ପ୍ରତିଶତ ଉପରେ ରହିଥିବା ପାସ୍‌ହାର ଚଳିତ ବର୍ଷ ୩୦ ପ୍ରତିଶତ କମିଯିବା ସମସ୍ତଙ୍କୁ ଚକିତ କରିଛି।

ମଙ୍ଗଳ ବିଭାଗ ଅଧୀନରେ ୩୫ଟି ବିଦ୍ୟାଳୟର ୨୨୯୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୪୨୯ ଜଣ ପାସ୍ କରିଥିବା ବେଳେ ୮୬୬ ଜଣ ଫେଲ୍ ହୋଇଛନ୍ତି। ସେଥିରେ ଏ-୧ ଗ୍ରେଡରେ ଜଣେ ବି ଛାତ୍ରୀଛାତ୍ର ନାହାନ୍ତି। ଏ-୨ରେ ଜଣେ, ବି-୧ରେ ୭ ଜଣ, ବି-୨ରେ ୪୦ ଜଣ, ସି ଗ୍ରେଡରେ ୧୬୦ ଜଣ, ଡି-ଗ୍ରେଡରେ ୫୦୨ ଜଣ, ଇ ଗ୍ରେଡରେ ୭୧୯, ଏଫ୍ ଗ୍ରେଡରେ ୮୬୬ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ନୂଆଗାଁ ଏସ୍‌ଏସ୍‌ଡି ହାଇସ୍କୁଲରେ ୨୯ ପ୍ରତିଶତ, ବାଲଡା ଏସ୍‌ଏସ୍‌ଡି ହାଇସ୍କୁଲରେ ୩୯ ପ୍ରତିଶତ, ପଟାଙ୍ଗି ଏସ୍‌ଏସ୍‌ଡି ହାଇସ୍କୁଲରେ ୨୮ ପ୍ରତିଶତ, ସୁନାବେଡ଼ା ଏସ୍‌ଏସ୍‌ଡି ହାଇସ୍କୁଲରେ ୩୯ ପ୍ରତିଶତ, ପଞ୍ଚଡ଼ା ଏସ୍‌ଏସ୍‌ଡି ହାଇସ୍କୁଲରେ ୩୪ ପ୍ରତିଶତ, ବାଲିପେଟା ଏସ୍‌ଏସ୍‌ଡି ହାଇସ୍କୁଲରେ ୨୭ ପ୍ରତିଶତ ପାସ୍ କରିଛନ୍ତି। କୋରାପୁଟ ଜିଲା ମଙ୍ଗଳ ବିଭାଗର ସ୍କୁଲଗୁଡ଼ିକରେ ୨୦୧୭ରେ ୯୭ ପ୍ରତିଶତ, ୨୦୧୮ରେ ୯୧ ପ୍ରତିଶତ ପାସ୍‌ହାର ରହିଥିବା ବେଳେ ୨୦୧୯ରେ ମାତ୍ର ୬୨ ପ୍ରତିଶତ ଫଳ ମିଳିଛି। ପାସ୍‌ହାର ମାତ୍ରାଧିକ କମିଥିବାରୁ ଜିଲାରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଙ୍କୁ ଏନେଇ ପଚରାଯିବାରୁ ସେ କହିଛନ୍ତି ପରୀକ୍ଷା ଫଳ ଖରାପ ହୋଇଛି। ଭଲ ହେବା ପାଇଁ ଚେଷ୍ଟା କରିବୁ।

# ମାଣ୍ଡିଆ ଚାଷରେ ଅଗ୍ରଣୀ ହେଉଛନ୍ତି ଆଦିବାସୀ

**ଏକର ପିଛା ୨୦ କୁଇଣ୍ଟାଲ ଅମଳ କରି ରାଜ୍ୟରେ ସର୍ବାଧିକ ଉତ୍ପାଦନ ରେକର୍ଡ**

ପବନ ପାଣିଗ୍ରାହୀ
ଜୟପୁର,୨୬।୫





ଦିନ ଥିଲା ମାଣ୍ଡିଆକୁ ଏକ ଅବହେଳିତ ଶସ୍ୟ ତଥା ଗରିବ ଲୋକଙ୍କ ଖାଦ୍ୟ ଭାବେ ଗଣାଯାଉଥିଲା। ଏବେ ସମୟ ବଦଳିଛି। ମାଣ୍ଡିଆ ଆଉ କେବଳ ଗରିବଙ୍କ ଖାଦ୍ୟ ହୋଇ ରହିନାହିଁ। ଏଥିରେ ଥିବା ପୌଷ୍ଟିକ ଗୁଣ ପାଇଁ ଧୀରେଧୀରେ ଏହା ଶିକ୍ଷିତ ସମାଜର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ସହରାଞ୍ଚଳରେ ଏହାର ଚାହିଦା ମଧ୍ୟ ବଢୁଛି। ଏହି ଚାଷ ଏବେ ଲାଭଜନକ ବୋଲି ମଧ୍ୟ ଆଦିବାସୀ ଚାଷୀ ପ୍ରମାଣ କରି ଦେଖାଇଲେଣି।

କୋରାପୁଟ ନିକଟସ୍ଥ ଉମୁରି ପଞ୍ଚାୟତ ଅନ୍ତର୍ଗତ ମାଛରା ଗ୍ରାମର କ୍ଷୁଦ୍ର ଚାଷୀ ହରି ସୁକିଆ (୪୭)। ଦୁଇ ପୁଅ ଓ ପତ୍ନୀଙ୍କୁ ନେଇ ତାଙ୍କ ପରିବାର। ଶିକ୍ଷାଗତ ଯୋଗ୍ୟତା ନ ଥିଲେ ବି କୃଷି ସମ୍ବନ୍ଧୀୟ ନୂଆ ଜ୍ଞାନ କୌଶଳ ଶିଖିବା ଓ ତାକୁ ପ୍ରୟୋଗ କରିବାରେ ତାଙ୍କର ଭାରି ଆଗ୍ରହ। ହରି ଧାନ, ମାଣ୍ଡିଆ, କାଙ୍ଗୁ, ସୁଆଁ, ଅଳସୀ, ବୋଇତାଳୁ, ଟମାଟୋ, ମୂଳା, ଲଙ୍କା ଚାଷ କରନ୍ତି। ୨ ଏକର ଜମିରୁ ଚାଷକରି ଯାହା ପାଆନ୍ତି, ସେଥିରେ ତାଙ୍କ ପରିବାରର ଗୁଜୁରାଣ ଚଳେ। ବେଳେବେଳେ ସେ କୁଲି କାମ ମଧ୍ୟ କରନ୍ତି। ପୁରୁଣା ପ୍ରଣାଳୀରେ ଚାଷ କରିବା ଯୋଗୁ ସେତେ ଲାଭ ହେଉ ନଥିଲା। କିନ୍ତୁ ୨୦୧୮ରେ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନରେ ବୈକଳ୍ପିକ ବିହନ ଉତ୍ପାଦନ ଓ ବିତରଣ ପ୍ରକଳ୍ପ ଆରମ୍ଭ ହେବାଠାରୁ ସେହି ଅନୁଷ୍ଠାନର କର୍ମକର୍ତ୍ତା ଗ୍ରାମକୁ ଆସି ଧାଡ଼ିରୁଆ ମାଣ୍ଡିଆ ଚାଷ ଶିଖାଇବା ପରେ ହରି ସେହି ଚାଷ ଆରମ୍ଭ କରିଥିଲେ। ଡଙ୍ଗର ଜମିରେ ମାଣ୍ଡିଆ ବହୁଳ ଭାବରେ ଚାଷ ହେଉଥିଲେ ମଧ୍ୟ ପୁରୁଣା ପଦ୍ଧତି, ବହୁ ବର୍ଷ ଧରି ବ୍ୟବହାର ହେଇଆସୁଥିବା ବିହନ ପାଇଁ ଭଲ ଅମଳ ହୁଏନାହିଁ। ଗୋଟିଏ ଏକର ଜମିରେ ଚାଷକରି ମାତ୍ର ୨ରୁ ୩ କୁଇଣ୍ଟାଲ ମାଣ୍ଡିଆ ଅମଳ ହୁଏ। ତେଣୁ ଏହି ଚାଷରୁ ବିଶେଷ ଲାଭ ମିଳିପାରୁ ନଥିଲା। ଜୟପୁର ସ୍ଥିତ ଏମ୍.ଏସ. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ୍ ରାଜ୍ୟ କୃଷି ବିଭାଗ ସହ ମିଶି ମାଣ୍ଡିଆ ଚାଷ ପାଇଁ ଖରିଫ ୨୦୧୮ରୁ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ମାଧ୍ୟମରେ କୋରାପୁଟ ବ୍ଲକର ଉମୁରୀ ଓ ମଣ୍ଡିପୁଟ ପଞ୍ଚାୟତର କେତେକ ମାଣ୍ଡିଆ ଚାଷୀଙ୍କୁ ନେଇ ଉନ୍ନତ ବିହନ ଉତ୍ପାଦନ କାର୍ଯ୍ୟ ହାତକୁ ନିଆଯାଇଥିଲା। ଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳ ଓ ଚାଷ ପଦ୍ଧତି ଶିଖାଇବା ସହିତ ଏହା ମାଧ୍ୟମରେ ଚାଷୀଙ୍କର ଆର୍ଥିକ ଉନ୍ନତି ଆଣିବାରେ ସେମାନେ ପ୍ରଚେଷ୍ଟା ଚଳାଇଥିଲେ। ଏହି ପରିପ୍ରେକ୍ଷୀରେ ଗତ ଖରିଫ ଋତୁରେ କୋରାପୁଟର ନାମମାତ୍ର ଚାଷୀ ହରି ସୁକିଆ ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ଏକର ପ୍ରତି ୨୦ କୁଇଣ୍ଟାଲ ଅମଳ କରି ରାଜ୍ୟର ସର୍ବାଧିକ ଉତ୍ପାଦନ ରେକର୍ଡ ପ୍ରତିଷ୍ଠା କରିପାରିଛନ୍ତି। ମାଣ୍ଡିଆ ଚାଷ ଏକ ଲାଭଜନକ ଫସଲ ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି। ସୁନ୍ଦରଗଡ଼ ଜିଲାରୁ ୨୩ ଜଣ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଲକାନଗିରି ଜିଲାରୁ ୧୭ ଜଣ ଚାଷୀ ଏମ୍.ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନକୁ ପରିଦର୍ଶନରେ ଆସି ହରିଙ୍କ ମାଣ୍ଡିଆ ଖେତ ବୁଲି ଦେଖିଥିଲେ। ଚଳିତ ବର୍ଷ ଓଡ଼ିଶା ମିଲେଟ ମିଶନ ଜରିଆରେ ମାଣ୍ଡିଆର ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୨୮୯୭ ଟଙ୍କାରେ ମାଣ୍ଡିଆ କିଣାଯାଉଛି। ଆଦିବାସୀ ଚାଷୀ ହରି ଓ ଗୌରୀ ଶୁକିଆ ସମସ୍ତ ଚାଷୀଙ୍କ ପ୍ରେରଣା ପାଲଟିଥିବା ରିସର୍ଚ୍ଚ ଫାଉଣ୍ଡେସନର ବୈଜ୍ଞାନିକ ପ୍ରଶାନ୍ତ ପରିଡ଼ା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ



କାଶୀନଗର, ୨୬।୫ (ଡି.ଏନ୍.ଏ.)- ଗଜପତି ଜିଲା କାଶୀନଗର ନିକଟସ୍ଥ ଖୁରିଗାଁ ଅଞ୍ଚଳରେ ଏକ ମାକ୍ସ ପିକ୍‌ଅପ୍ (ଓଡି୧୮ବି-୨୭୮୪) ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡ଼ିରେ ଥିବା ଦୁଇଟି ଗୋରୁଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶର ଭାମିନି ହାଟରୁ ୧୧ଟି ଗୋରୁଙ୍କୁ ନେଇ ଏକ ମାକ୍ସ ପିକ୍‌ଅପ୍ ଡାଲାରେ ବୋଝେଇ ଓଡ଼ିଶାର ହାଡୁଭାଙ୍ଗିକୁ ଆସୁଥିଲା। ଖୁରିଗାଁ ନିକଟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୧ଟି ଗୋରୁଙ୍କ ମଧ୍ୟରୁ ୨ଟି ଗୋରୁଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। କାଶୀନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରୁଛି। ଗୁଣପୁର-ପାରଳାଖେମୁଣ୍ଡି ରାସ୍ତାଦେଇ ଏଭଳି ନିୟମିତ ବେଆଇନ୍ ଗୋରୁ ଚାଲାଣ ଚାଲିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ।

### ମହିଳାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଅଟକ

ଚନ୍ଦାହାଣ୍ଡି, ୨୬।୫(ଡି.ଏନ୍.ଏ.) ଜଣୈକା ବିବାହିତା ମହିଳାଙ୍କୁ ଅପହରଣ ଅଭିଯୋଗରେ ଚନ୍ଦାହାଣ୍ଡି ପୋଲିସ ରବିବାର ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ ଚନ୍ଦାହାଣ୍ଡି ଥାନା ଅଧୀନ ଝରାବାହାଲ ଗ୍ରାମର ଭରତ ଗୋପାଳ। ସୋମବାର ମହିଳାଙ୍କ ବୟାନ ରେକର୍ଡ଼ ପରେ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ ତରଣୀସେନ ନାୟକ ପ୍ରକାଶ କରିଛନ୍ତି। ପ୍ରକାଶଯେ, ମହିଳାଙ୍କ ସ୍ୱାମୀ ଶୁକ୍ରବାର ରାତିରେ କୌଣସି କାମରେ ନୂଆପଡା ଜିଲା ଖଡିଆଲି ଯାଇଥିଲେ। ଏହି ଖବର ଜାଣି ଭରତ ଗୋପାଳ ଉକ୍ତ ଦିନ ରାତିରେ ମହିଳାଙ୍କ ଘରକୁ ଆସି ତାଙ୍କୁ ଅପହରଣ କରି ନେଇଥିଲେ। ଏତି ସମୟରେ ମହିଳାଙ୍କ ସ୍ୱାମୀ ଉଭୟଙ୍କୁ ଦେଖି ଦେବାରୁ ଭରତ ତାଙ୍କୁ ଧକ୍କା ଦେଇ ମହିଳାଙ୍କୁ ସାଙ୍ଗରେ ନେଇ ଚାଲି ଯାଇଥିଲେ। ମହିଳାଙ୍କ ସ୍ୱାମୀ ଖବରପାଇ ଶନିବାର ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ଚନ୍ଦାହାଣ୍ଡି ଥାନାଧିକାରୀ ବିଲ୍ଲ ମଙ୍ଗଳ ସେଠୀ କେଶ୍ ନଂ. ୪୩/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଅଭିଯୁକ୍ତ ଜଣଙ୍କ ଏହି ଖବର ପାଇବା ପରେ ରବିବାର ମହିଳାଙ୍କୁ ଧରି ଚନ୍ଦାହାଣ୍ଡି ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଅଭିଯୁକ୍ତ ଭରତ ଗୋପାଳଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛନ୍ତି।

### କାର୍ତ୍ତିକେଶ୍ୱର, ଆୟାପ୍ପା ମନ୍ଦିର ପ୍ରତିଷ୍ଠା



ନବରଙ୍ଗପୁର,୨୬।୫(ବି.ପ୍ର)- ନବରଙ୍ଗପୁର ରାଜୁସାହିସ୍ଥିତ ସିଦ୍ଧି ବିନାୟକ ମନ୍ଦିର ପରିସରରେ କାର୍ତ୍ତିକେଶ୍ୱର ଓ ଆୟାପ୍ପା ମନ୍ଦିର ପ୍ରତିଷ୍ଠା କରାଯାଇଛି। ତିନିଦିନ ଧରି ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଥିଲା। ପ୍ରଥମ ଦିନରେ ଇନ୍ଦ୍ରାବତୀ ନଦୀରୁ ଶତାଧିକ ମହିଳା ଓ ପୁରୁଷ କଳସରେ ପାଣିଧରି ଜଳଯାତ୍ରା କରି ମନ୍ଦିରକୁ ଆଣିଥିଲେ। ଅଙ୍କୁରାରୋପଣ, କାୟା ଶୁଦ୍ଧି, ଦୀକ୍ଷା ଗ୍ରହଣ, ଶାଳା ପ୍ରବେଶ, ହୋମଯଜ୍ଞ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଶେଷ ଦିନରେ ବିଗ୍ରହଙ୍କ ଜୀବନ୍ୟାସ ଓ ପୂର୍ଣ୍ଣାହୁତି କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ରାଜ ପୁରୋହିତ ନରସିଂହ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ଗୁପ୍ତ ଷଡଙ୍ଗୀ, ଗେଲ୍ଲଇ ତ୍ରିପାଠୀ, ସୁମିତ ହଡପ, ମିନି ପାଢୀ, ଚିନୁ ଦାଶ, ଶ୍ରୀନିବାସ ମିଶ୍ର, ମୁନା ମିଶ୍ର, ସନ୍ତୋଷ ପାଲ, ରାମ ରଥ ପ୍ରମୁଖ ପୁରୋହିତଙ୍କ ଉପସ୍ଥିତିରେ ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର କର୍ତ୍ତା ଭାବେ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟିର ଶାନ୍ତନୁ ପାତ୍ର, ଶମ୍ଭୁ ସାହୁ, ଗଣେଶ ଦାଶ, ସତ୍ୟନାରାୟଣ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବୋଲି କୁନା ପାତ୍ର ସୂଚନା ଦେଇଛନ୍ତି।

# ଘଣ୍ଟାଏ ତାଣ୍ଡବ ରଚିଲା କାଳବୈଶାଖୀ



କାଳବୈଶାଖୀ ପ୍ରଭାବରେ ଗଛପଡି ଗୁମୀଦୋରା-ତୁମ୍ବରଲା ରାସ୍ତା ବନ୍ଦ ହୋଇପଡିଛି।



ଝିଟୁକୁଗୁଡ଼ା ସ୍କୁଲ ଆଜ୍‌ବେଷ୍ଟସ୍ ଉଡ଼ିଯାଇଛି।

- ରାଜାମାଟ୍ଟୁ, ଲୋହରାକାନି ଗାଁରେ ବ୍ୟାପକ କ୍ଷୟକ୍ଷତି
- ବର୍ଷା ପବନରେ ଶତାଧିକ ଘର ଛାତ ଉଡ଼ିଲା
- ଟିଣ ପଡି ଲୋହରାକାନି ଗାଁର ଗୋଟିଏ ପରିବାରର ୩ ଆହତ
- ଉଭୟ ଗାଁରେ ବିଦ୍ୟୁତ ସରବରାହ ବନ୍ଦ

ପାପଡାହାଣ୍ଡି, ୨୬।୫(ଡି.ଏନ୍.ଏ.)

ଚାହୁଁଚାହୁଁ ହଠାତ୍ ଆରମ୍ଭ ହୋଇଗଲା ଘଡ଼ଘଡି ସହ ବର୍ଷା। ଏଥିସହ ଅତି ଜୋରରେ ପବନ ମଧ୍ୟ ବହିଥିଲା। ଏହି ସମୟରେ ଗାଁର ଅନେକ ଚାଳ ଓ ଆଜ୍‌ବେଷ୍ଟସ୍ ଘରର ଛପର ଉଡିଯାଇଥିଲା। ପବନ ବେଗ ପାଖରେ ହାର୍‌ମାନି ଛୋଟ ବଡ଼ ଗଛ ସବୁ ଟଳି ପଡୁଥିଲେ ଭୂମି ଉପରେ। ବିଦ୍ୟୁତ୍ ଖୁଣ୍ଟ ସବୁ ଉପୁଡି ପଡିଥିଲା। ଏହାଥିଲା ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ବରଲା ପଞ୍ଚାୟତରେ ରବିବାର ହୋଇଥିବା କାଳବୈଶାଖୀର ଦୃଶ୍ୟ। ଏଥିରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜାମାଟ୍ଟୁ, ଲୋହାରକାନି, ବାଲିଗୁଡା ଓ ନୂଆଗୁଡା ଗ୍ରାମରେ ଶତାଧିକ ଘରର ଛାତ ଉଡିଯିବା ସହ ବହୁ ଗଛ ଭାଙ୍ଗିଯାଇଛି। ଲୋହାରାକାନିରେ ଗଛ ପଡି ଗୁମୀଦୋରା-ତୁମ୍ବରଲା ରାସ୍ତା ଅବରୋଧ ଅଛି। ବିଦ୍ୟୁତ୍ ତାର ସବୁ ଛିଣ୍ଡି ପଡି ଥିବାରୁ ଗ୍ରାମଗୁଡିକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ରାଜସ୍ୱ ନିରୀକ୍ଷକ ଉମ୍ବରୁଧର ବିଶୋଇ ଓ ସହକାରୀ ନିରୀକ୍ଷକ ମୁନା ସମରଥ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

ପ୍ରକାଶ ଯେ, ମଧ୍ୟାହ୍ନ ୧.୩୦ଟାରେ ହଠାତ୍ ଘଡଘଡି ସହ ବର୍ଷା ହୋଇଥିଲା। ବହୁ ସ୍ଥାନରେ ଛୋଟ ବଡ଼ ବହୁ ଗଛ ଭାଙ୍ଗି ଯାଇଥିଲା। ପବନ ଯୋଗୁ ରାଜାମାଟ୍ଟୁ ଗ୍ରାମର ଲକ୍ଷ୍ମୀନାଥ ଜାନୀ, ଜଳଧର ହରିଜନ, ପତି ହରିଜନ, ଟଙ୍କ ହରିଜନ, ସୁବାସ ହରିଜନ, ରତ୍ନାବତୀ ହରିଜନଙ୍କ ସମେତ ଅନ୍ୟ ଗ୍ରାମବାସୀଙ୍କ ଘରର ଚାଳ ଛପର ଓ ଆଜବେଷ୍ଟସ୍ ଉଡ଼ିଯାଇଛି। ସେହିପରି ଲୋହାରାକାନି ଗ୍ରାମର କାଶୀନାଥ ଜାନୀ, କୁଳୁଷ ଭତରା, ପ୍ରଦୀପ ଭତରା, ଅକ୍ଷୟ କଟିମଙ୍କ ସମେତ ଗ୍ରାମର ଅନ୍ୟ କେତେକଙ୍କ ଘରର ଛପର ମଧ୍ୟ କାଳ ବୈଶାଖୀ ପ୍ରଭାବରେ ଉଡ଼ିଯାଇଛି। ଉଡି ଯାଉଥିବା ଟିଣ ବାଜି ଲୋହାରାକାନି ଗାଁର ପ୍ରତ୍ୟୁଷ ଭତରାଙ୍କ ସହ ପ୍ରଣତି ଭତରା ଓ ରିତା ଭତରା ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଲିଗୁଡା ଗ୍ରାମର ଶୌଖୁ ଜାନୀଙ୍କ ଘର ଉପରେ ଗଛ ପଡି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ନୂଆଗୁଡା ଗ୍ରାମର ଅନାଦି ଜାନୀଙ୍କ ଘର ଉପରେ ଗଛ ପଡି ଘର ନଷ୍ଟ ହୋଇଯାଇଛି। ଏଥିରେ ଝିଟୁକୁଗୁଡ଼ା ସ୍କୁଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ଗାଁଗୁଡିକରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଲୋହାରାକାନି ଗ୍ରାମରେ ଏକ ତେନ୍ତୁଳି ଗଛ ପଡି ତୁମ୍ବର୍ଲ ଠାରୁ ଗୁମିଦାର ରାସ୍ତା ବନ୍ଦ ଅଛି। ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ■ ଖାଦ୍ୟ, ପାଣି ଅଭାବ

# ଜନପଥମୁହାଁ ଭାଲୁ

ନବରଙ୍ଗପୁର,୨୬।୫(ବି.ପ୍ର.)

ନବରଙ୍ଗପୁର ଜିଲାରେ ହିଂସ୍ର ଭାଲୁ ଆକ୍ରମଣରେ ଅନେକ ଲୋକଙ୍କ ଜୀବନ ଗଲାଣି। ଭାଲୁମାନେ ଖାଦ୍ୟ ଓ ପାଣି ଅଭାବ ହେତୁ ଜନପଥ ଆଡକୁ ପଶି ଆସୁଛନ୍ତି। ଲଙ୍କାଆମ୍ବ ଓ କାଜୁ ପାଚିବା ପରେ କାଜୁ ବଗିଚାରେ ଭାଲୁଙ୍କ ପ୍ରବେଶ ବଢୁଛି। ଚଳିତ ଖରା ମଧ୍ୟ ଅଧିକ ଥିବାରୁ ନଦୀ, ନାଳ ଓ ପୋଖରୀ ଗୁଡିକ ଶୁଖା ପଡିଛି। ଏଭଳି ସ୍ଥିତିରେ ଭାଲୁମାନେ ଗାଁ ମୁହାଁ ହେଉଛନ୍ତି। ନବରଙ୍ଗପୁର ସହର ଆଖପାଖ ଓ ରାସ୍ତାଘାଟରେ ଏବେ ବିଭିନ୍ନ ସମୟରେ ଭାଲୁ ବୁଲିବା ଦେଖିବାକୁ ମିଳୁଛି। ଶନିବାର ଅପରାହ୍ନରେ ଗୋଟିଏ ଭାଲୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ରାସ୍ତାଦେଇ ଜମି ଆଡକୁ ଚାଲିଯାଇଥିଲା। ସ୍ଥାନୀୟ ଲୋକ ପାଟି କରିବା ପରେ ଭାଲୁଟି ଗେଲାଗାଦବାଗୁଡା ଆଡକୁ ଚାଲି ଯାଇଥିଲା। ସେହିଭଳି ନନ୍ଦାହାଣ୍ଡି ବ୍ଲକ ରଙ୍ଗମାଟିଗୁଡା, ମାଳିଗୁଡା ରାସ୍ତାରେ ସନ୍ଧ୍ୟା ହେଲେ ଭାଲୁ ରାସ୍ତା ଉପରକୁ ଆସି ଯାଉଛି। ତାରାଗାଁ ଜଙ୍ଗଲ ତଥା ଚରକ ବନ ନିକଟରେ ଭାଲୁ ବୁଲୁଥିବା ଏବେ ଦେଖିବାକୁ ମିଳୁଛି । ଏନେଇ ପଥିକମାନେ ସନ୍ଧ୍ୟା ହେଲେ ଭୟଭୀତ ହୋଇ ପଡୁଛନ୍ତି। ଜଙ୍ଗଲକ୍ଷୟ, ଖାଦ୍ୟ ଓ ପାଣି ଅଭାବ ହେତୁ ଏଭଳି ପରିସ୍ଥିତି ଦେଖାଦେଉଛି।



ଶନିବାର ଅପରାହ୍ନରେ ନବରଙ୍ଗପୁର ଡାକ୍ତରଖାନା ନିକଟ ଜମିରେ ଦେଖାଦେଇଥିବା ଭାଲୁ।

# ନିତ୍ୟାନନ୍ଦଙ୍କ ବିଜୟ ଶୋଭାଯାତ୍ରା



ସମର୍ଥକଙ୍କ ସହ ନିତ୍ୟାନନ୍ଦ ଗଣ୍ଡ ଶୋଭାଯାତ୍ରାରେ ଯାଉଛନ୍ତି।

ରାଇଘର, ୨୬।୫(ଡି.ଏନ୍.ଏ.)

ଉମରକୋଟର ନବ ନିର୍ବାଚିତ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରବିବାର ଏକ ବିଜୟ ଶୋଭାଯାତ୍ରାରେ ରାଇଘର ସହର ଓ ବିଭିନ୍ନ ସାହି ପରିକ୍ରମା କରି ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି। ଅଞ୍ଚଳବାସୀ ମଧ୍ୟ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ବାହାରିଥିବା ଶୋଭାଯାତ୍ରାରେ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ରାଇଘର ବ୍ଲକ ଅଧ୍ୟକ୍ଷ ବିନ ଗଣ୍ଡ, ଉପାଧ୍ୟକ୍ଷ ବିଶ୍ୱନାଥ ସିଲ, ବି.କେ. ବାନାର୍ଜୀ, ଟିକୁନି, ମୁନା, ଜିତୁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନରେ ଭାଜପା ରାଇଘରରେ ଚାରୋଟି ଜିଲା ପରିଷଦ ଆସନ ସହ ପଞ୍ଚାୟତ ସମିତି ହାତେଇଥିଲା। ସେବେଠାରୁ ହିଁ ବିଜେଡିର ଗଡ଼ ରାଇଘରରେ ପରିବର୍ତ୍ତନ ନଜର ଆସିଥିଲା। ନିତ୍ୟାନନ୍ଦ ଗଣ୍ଡ ରାଇଘର ପଞ୍ଚାୟତ ଚଲାନପାରା ଗ୍ରାମର ଯୁବକ ହୋଇ ମଧ୍ୟ ସେ ଆଇନଜୀବୀ ଭାବେ କାର୍ଯ୍ୟ କରି ଉମରକୋଟରେ ରହୁଥିଲେ। ଏହା ପୂର୍ବରୁ ନିର୍ବାଚନ ଲଢି ପରାଜିତ ହୋଇଥିଲେ ସୁଦ୍ଧା ଚଳିତ ନିର୍ବାଚନରେ ସେ ବିଜୟ ମୁକୁଟ ପିନ୍ଧିଥିଲେ।

## ଶବର ସମାଜ କଲ୍ୟାଣ ସମିତିର ଛାତ୍ରୀଛାତ୍ର ସମାବେଶ

ପାରଳାଖେମୁଣ୍ଡି, ୨୬।୫(ସ୍ୱ.ପ୍ର.)

ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ମିନି ଷ୍ଟାଡିୟମରେ ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ୩ଦିନିଆ ଛାତ୍ରୀଛାତ୍ର ସମାବେଶ ଅନୁଷ୍ଠିତ ହୋଇଛି । ଶବର ସମାଜ ଏବଂ ଜାତିର ସ୍ୱାଭିମାନ, ଶିକ୍ଷାର ବିକାଶ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ସମାଜର ସର୍ବୋଚ୍ଚ ସଭାପତି ଝାମ୍ପୁରା ରଇତ ଯୋଗଦେଇ ସମାଜର ଛାତ୍ରୀଛାତ୍ର କିପରି ଉତ୍ତମ ଶିକ୍ଷା ପାଇ ଉନ୍ନତି କରିପାରିବେ ଏବଂ ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରି ଶବର ସମାଜର ଗୌରବ ବୃଦ୍ଧିକରିବେ, ସେ ସମ୍ପର୍କରେ କହିଥିଲେ । ବିକାଶର ସ୍ରୋତରେ ନିଜକୁ ସାମିଲ କରିବା ପାଇଁ ଶିକ୍ଷାର ଉନ୍ନତି ନିତାନ୍ତ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ସମାବେଶ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଶବର ସମାଜର ବହୁ ପ୍ରତିନିଧି ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶବର ସମାଜର ସର୍ବୋଚ୍ଚ ମାର୍ଗଦର୍ଶକ ଅରକ୍ଷିତ ମଣ୍ଡଳ, ସର୍ବୋଚ୍ଚ ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ଉପସ୍ଥିତ ଥିଲେ।

## ରନ୍ଧା ମଦ ଜବତ, ଜଣେ ଗିରଫ

ଆସିକା,୨୬।୫(ଡି.ଏନ୍.ଏ.)- ଆସିକା ଥାନା କୋଟିବାଡିସ୍ଥିତ ଏରୋଗୋଲା ବସା ଉପରେ ପୋଲିସ ଶନିବାର ରାତିରେ ଚଢାଉ କରି ୬୦ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଏରୋଗୋଲା ବସାର ଏ. ଶଙ୍କରଙ୍କୁ ଗିରଫ କରାଯାଇଛି। ଏନେଇ ଆସିକା ଥାନାରେ ନଂ.୧୬୭/୧୯ରେ ଏକ ମାମଲା ରୁଜୁ କରି ରବିବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ବିହାରରୁ ୭ଶିଶୁ ଶ୍ରମିକ ଉଦ୍ଧାର

ପାରଳାଖେମୁଣ୍ଡି, ୨୬।୫(ସ୍ୱ.ପ୍ର.)

- ପାରଳାଖେମୁଣ୍ଡି ମୁକ୍ତ ଆଶ୍ରୟକେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି
- ଥାନାରେ ଏତଲା ସତ୍ତ୍ୱେ ଧରାପଡ଼ିନାହାନ୍ତି ଦଲାଲ

ଗଜପତି ଜିଲାର ୭ଜଣ ଶିଶୁ ଶ୍ରମିକଙ୍କୁ ବିହାରର ଗୟା ଜିଲାରୁ ଉଦ୍ଧାର କରିଛି ପାରଳାଖେମୁଣ୍ଡି ସିଡ୍‌ବ୍ଲୁସି। ଏହି ଶିଶୁମାନଙ୍କ ବୟସ ୧୫ରୁ ୧୭ବର୍ଷ ମଧ୍ୟରେ ହେବ। ଗତ ଅକ୍ଟୋବରରୁ ରାୟଗଡ ବ୍ଲକ ଅଡଗାଁ ଅଂଚଳର ୭ଜଣ ନାବାଳକଙ୍କୁ ସେହି ବ୍ଲକର ହରିଶ୍ଚନ୍ଦ୍ର ପରିଚ୍ଛା ମିଥ୍ୟା ପ୍ରଲୋଭନ ଦେଖାଇ କାମ ଯୋଗାଇଦେବା ନାମରେ ବିହାର ନେଇଥିଲେ । ସେମାନଙ୍କୁ ପ୍ରଥମେ ଗଞ୍ଜାମ ଜିଲାର ଖଲ୍ଲିକୋଟକୁ ନିଆଯାଇଥିବା ବେଳେ ପରେ ଗୟା ଜିଲାର ମାନପୁର ସ୍ଥିତ ରେଲ୍‌ୱେ ସ୍ଲିପର କମ୍ପାନୀରେ କାମରେ ଲଗାଯାଇଥିଲା। ସେଠାରେ ସେମାନଙ୍କୁ ଦୈନିକ ୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରିଶ୍ରମ କରିବାକୁ ପଡୁଥିଲା । ଦୈନିକ ଖାଇବା ସହ ମାସିକ ୭ହଜାର ଟଙ୍କା ଦେବା ପାଇଁ ଚୁକ୍ତି କରାଯାଇଥିଲା। ତେବେ ମଜୁରି ସେମାନଙ୍କ ପରିବାର ନିକଟରେ ନ ପହଞ୍ଚିବାରୁ ଶିଶୁଙ୍କ ପରିବାର ଲୋକେ ପାରଳାଖେମୁଣ୍ଡି ଚାଇଲ୍ଡଲାଇନ୍ ମାଧ୍ୟମରେ ଶିଶୁ କଲ୍ୟାଣ ସମିତିକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗୟା ଜିଲା ଶିଶୁ କଲ୍ୟାଣ ସମିତିକୁ ଯୋଗାଯୋଗ କରି ସେଠାକାର ପୋଲିସ୍ ଓ ଶ୍ରମ ଅଧିକାରୀଙ୍କ ସହାୟତାରେ କମ୍ପାନୀରେ କାର୍ଯ୍ୟରତ ଶିଶୁମାନଙ୍କୁ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଉଦ୍ଧାର କରାଯାଇ ଗୟା ସ୍ଥିତ ଏକ ଶିଶୁ ସଂସ୍ଥାରେ ରଖାଯାଇଥିଲା। କମ୍ପାନୀର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନିୟମ ଅନୁଯାୟୀ ପାରିଶ୍ରମିକ ଆଦାୟ କରାଯାଇ ଶିଶୁଶ୍ରମିକଙ୍କ ପରିବାର ନାମରେ ଡିମାଣ୍ଡ ଡ୍ରାଫ୍ଟ କରାଯାଇଥିଲା। ପରେ ପୋଲିସ ଓ ସେଠାକାର ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀଙ୍କ ସହଯୋଗରେ ରବିବାର ୭ଜଣ ଶିଶୁଙ୍କୁ ଗଜପତି ଅଣାଯାଇଥିଲା। ଶିଶୁ କଲ୍ୟାଣ ସମିତିର ନିର୍ଦ୍ଦେଶକ୍ରମେ ଏମାନଙ୍କୁ ପାରଳାଖେମୁଣ୍ଡି ସ୍ଥିତ ମୁକ୍ତ ଆଶ୍ରୟ କେନ୍ଦ୍ରରେ ଅସ୍ଥାୟୀଭାବେ ରଖାଯାଇ ସେମାନଙ୍କ ପରିବାରକୁ ଖବର ଦିଆଯାଇଛି । ସେହିପରି ଦଲାଲଙ୍କ ସମ୍ପର୍କରେ ରାୟଗଡ ଓ ଗାରାବନ୍ଧ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଦଲାଲ ହରିଶ୍ଚନ୍ଦ୍ର ପରିଚ୍ଛା ବର୍ତ୍ତମାନ ସୁଦ୍ଧା ଧରାପଡିନଥିବା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

## ■ ସ୍ୱଚ୍ଛ, ସବୁଜ ଅଦାଲତ କାର୍ଯ୍ୟକ୍ରମ

# କୋର୍ଟ ପରିସର ସଫା କଲେ ଆଇନଜୀବୀ, କର୍ମଚାରୀ

ଚନ୍ଦାହାଣ୍ଡି, ୨୬।୫(ଡି.ଏନ୍.ଏ.)



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଆଇନଜୀବୀ, କୋର୍ଟ କର୍ମଚାରୀ।

ସ୍ୱଚ୍ଛ ଓ ସବୁଜ ଅଦାଲତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଜେଏମ୍‌ଏଫ୍‌ସି କୋର୍ଟ ପରିସର ସଫେଇ କରାଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରବିବାର ଏହି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟର ସମସ୍ତ ଅଦାଲତ ପରିସରକୁ ସବୁଜ ଓ ସ୍ୱଚ୍ଛ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଗ୍ରୀନ ଏଣ୍ଡ କ୍ଲିନ କୋର୍ଟ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏହି କ୍ରମରେ ରବିବାର ଚନ୍ଦାହାଣ୍ଡି ଜେଏମଏଫସି କୋର୍ଟ ସଫେଇ କରାଯାଇଛି। ଏଥିରେ ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ସାମିଲ ହୋଇଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଆଇନଜୀବୀ ମହମ୍ମଦ ହୁସେନ, ମନୋଜ ବାରିକ, ଜୟଦେବ ଖମାରୀ, ହୁମେଶ୍ୱର ହଂସ, କୋର୍ଟ କର୍ମଚାରୀ କେଶରୀ ମନହିରା, ସିଏସଆଇ କେ.ପି. ମହାରଣା, ହରିହର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ ବିଜୟ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ପିଲାମାନେ ।

ପାରଳାଖେମୁଣ୍ଡି, ୨୬।୫(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହର ରାଜଗୁରୁ ସାହି ସ୍ଥିତ ପରିଚ୍ଛା ମଠ ପରିସରରେ ବାଲ୍‌ମୁକୁନ୍ଦ କେନ୍ଦ୍ର ପକ୍ଷରୁ 'ବିଜୟ ଉତ୍ସବ' ପାଳିତ ହୋଇଛି। ଏଥିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଯାଇଛି। କେନ୍ଦ୍ରର ପୁରୋଧା ହରେରାମକୃଷ୍ଣ ଚୌଧୁରୀ ଜଗଦ୍‌ଗୁରୁ କୃପାଳୁ ମହାରାଜଙ୍କଠାରେ ଶିଶୁଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା 'ଜନସେବା ହିଁ ପ୍ରଭୁସେବା' ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ ସେନା ଅଧିକାରୀ ମଲ୍ଲିକାର୍ଜୁନ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ପ୍ରତିରକ୍ଷା ବିଭାଗର ସୈନିକ ଭୁବନେଶ୍ୱର ପାଣିଗ୍ରାହୀ ଯୋଗଦେଇ ଶିଶୁଙ୍କ ସହ ଦେଶର ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ । ଏଥିରେ କେନ୍ଦ୍ରର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ଯୋଗଦେଇ ଦେଶ, ରାଜ୍ୟ, ଜିଲା, ବ୍ଲକ, ପଂଚାୟତ ଏବଂ ୱାର୍ଡ ସମ୍ପର୍କରେ ଅବଗତ କରାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ମୁରଲିଧର ପରିଚ୍ଛା ପରିଚାଳନା କରିଥିଲେ ।

## ■ କୋଷାଗୁମୁଡ଼ାରେ ପାନୀୟ ଜଳ ସଙ୍କଟ

# ଶୁଖିଲା ପଡିଛି ମହାବନ୍ଧ, ନଳକୂପ ଅଚଳ

ନବରଙ୍ଗପୁର,୨୬।୫(ବି.ପ୍ର.)

ଦିନକୁଦିନ ବଢୁଛି ଖରା। ଏହାର ପ୍ରକୋପରେ ପୋଖରୀ ନଦୀ ନାଳ ସବୁ ଶୁଖିଲା ପଡିଲାଣି। ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି ବୋଲି କହିଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକବାସୀ। ପାଣି ଅଭାବରୁ ବଞ୍ଚିବା କଷ୍ଟକର ହୋଇପଡୁଛି ବୋଲି ସେମାନେ କହିଛନ୍ତି। ନବରଙ୍ଗପୁରର କୋଷାଗୁମୁଡ଼ାରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସଦର ବ୍ଲକରୁ ୫କିମି ଦୂର ଦେଓଳାରେ ରାସ୍ତାକଡରେ ଥିବା ନଳକୂପ ଏବେ ଅଚଳ ହୋଇ ପଡି ରହିଛି। ସେମିତି କୋଷାଗୁମୁଡା ଦେବଦୋରା ଗାଁରେ ନଳକୂପ ଖନନ ହେବାର ଅନେକ ବର୍ଷ ପରେ ମଧ୍ୟ ଏଠାରେ ହ୍ୟାଣ୍ଡ ପମ୍ପ ଲଗାଯାଇ ନାହିଁ। ଫାର୍ସଗୁଡା ଓ କୋଡିଙ୍ଗା ରାସ୍ତାକଡ ପୋଖରୀ ଗୁଡିକ ଶୁଖିଲା ପଡିଛି। ରାସ୍ତାକଡର ନଳକୂପଗୁଡିକ ଅଚଳ ହୋଇ ପଡି ରହିଥିଲେ ମଧ୍ୟ ମରାମତି କରାଯାଉନାହିଁ। ପଥିକ ଓ ଗାଁ ଲୋକ ସମସ୍ୟା ଭୋଗୁଛନ୍ତି। ପୋଖରୀ, ନଦୀ ନାଳଗୁଡିକ ଶୁଖିଲା ପଡିବାରୁ ଗାଈଗୋରୁ ଗୋଠକୁ ଗଲେ ପାଣି ପାଉ ନାହାନ୍ତି। ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି। ନଦୀକୂଳିଆ ଜମି ମାନଙ୍କରେ ଆଖୁ ଚାଷ ପରେ ନିଆ ଲଗାଯିବା ଦ୍ୱାରା ଚାରା ମଧ୍ୟ ମିଳୁନାହିଁ। କୋଷାଗୁମୁଡା ବ୍ଲକ ବିଏମ୍ ସେମଲା ଗାଁର ମହାବନ୍ଧ ମଧ୍ୟ ଶୁଖିଲା ପଡିଛି। ପ୍ରଶାସନ ପାଣି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି। ତୁରନ୍ତ ପାଣି ଯୋଗାଇ ଦେବାକୁ ଜିଲା ଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ନଳକୂପ ମରାମତି ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଛି। ଲୋକଙ୍କ ସମସ୍ୟା କେବେ ଦୂର ହେବ ତାହା ଦେଖିବାକୁ ବାକି ରହିଲା।



ସେମଳାର ଶୁଖା ପଡିଥିବା ମହାବନ୍ଧ।

## ସଂକ୍ଷେପରେ

### କ୍ରିକେଟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ୍,୨୬।୫:** ଲିଡ୍‌ସ ସ୍ପୋର୍ଟିଂ କ୍ଲବ ତରଫରୁ ସ୍ଥାନୀୟ ମେଡ଼ିକାଲ୍ ପଡ଼ିଆ ଠାରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରିକେଟ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ରାଉତରାୟ ମୁଖ୍ୟଅତିଥି ଏବଂ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କ୍ରିକେଟ କ୍ୟାମ୍ପର ଅଧକ୍ଷ ଆର୍. ମୂରଲୀ ମୋହନ, କ୍ଲବର ସଂପାଦକ ଇଂ. ମନୋଜ ଦଣ୍ଡପାଟ ଏବଂ ଏ. ସନ୍ତୋଷ ପାତ୍ର ସହଯୋଗ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର୍ ବାପୁଜୀ ସାମଲ ଏବଂ ମୁକୁନ୍ଦ ଗୌଡ଼ ଯୋଗଦେଇଥିଲେ । କ୍ଲବର ସଞ୍ଜୟ ବିଷୋୟୀ, ଆଦିତ୍ୟ ପଟ୍ଟନାୟକ, ସତ୍ୟବ୍ରତ ଦାସ, ସନ୍ଦିପ ପାତ୍ର, ଜଗା ରାଓ, କ୍ରିଷ୍ଣା ରାଓ, ସୂର୍ଯ୍ୟନାରାୟଣ ଗୌଡ଼ଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ ।

### ପୋଡି ହୋଇ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୬।୫:** ଘରେ ରୋଷେଇ କରୁଥିବା ବେଳେ ଭାତହାଣ୍ଡି ଖସିପଡି ପୋଡି ହୋଇଯାଇଥିବା ଜଣେ ଛାତ୍ରୀଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବିଭୀଷଣ ଦାସଙ୍କ ଝିଅ ଜ୍ୟୋତି (୧୫)। ମେଡିକାଲ ଫାଣ୍ଡି ପୋଲିସ ଜ୍ୟୋତିଙ୍କ ମୃତଦେହ ଜବତ କରିଛି। ଏ ନେଇ ନଂ.୨୬୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶନିବାର ସକାଳେ ଜ୍ୟୋତି ଘରେ ରୋଷଇ କରୁଥିବା ବେଳେ ଅସାବଧାନତାରୁ ଗରମଭାତ ଦେହରେ ଢାଳି ହୋଇଯାଇଥିଲା। ଫଳରେ ସେ ଗୁରତର ଭାବେ ପୋଡି ହୋଇଯାଇଥିଲେ। ଚିତ୍କାର ଶୁଣି ଖୁଡି ସେଠାରେ ପହଞ୍ଚି ଜ୍ୟୋତିଙ୍କୁ ଉଦ୍ଧାର କରି ସାହି ଲୋକଙ୍କ ସହାୟତାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ବତକଙ୍କୁ ପ୍ରତିଷେଧକ ଟିକା ପ୍ରଦାନ

ମାଲକାନଗିରି,୨୬।୫(ସ୍ୱ.ପ୍ର.)
ମାଲକାନଗିରି ଜିଲା ପ୍ରାଣୀରୋଗ ନିଦାନକେନ୍ଦ୍ର ପକ୍ଷରୁ ଜିଲାରେ ପ୍ରଥମ ଥର ବତକମାନଙ୍କୁ ସଂକ୍ରାମକ ରୋଗ ପ୍ଲେଗ ଓ କଲେରାରୁ ସୁରକ୍ଷା ଦେବା ଲାଗି ଟୀକାକରଣ କରାଯଇଛି। ଓଡ଼ିଶାରେ ବତକମାନଙ୍କ ପାଇଁ କୋଣସି ପ୍ରତିଷେଧକମୂଳକ ଟୀକା ମିଳୁ ନ ଥିବାରୁ ବତକପାଳକମାନେ ବତକ ପାଳିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ପ୍ରାଣୀପାଳନ ବିଭାଗ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ବତକ ପାଳନ ନେଇ ଏକ କର୍ମଶାଳା ହେବା ପରେ ଚାଷୀ ମାନେ ବତକ ପାଳନ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବତକ ମାନଙ୍କୁ କଲେରା ଓ ପ୍ଲେଗ ରୋଗରୁ ରକ୍ଷା କରିବା ପାଇଁ ପୋଡ଼ଶୀ ପଶ୍ଚିମବଙ୍ଗର ଆନିମଲ ହେଲଥ ଓ ଭେଟେନାରୀ ବଟୋଲଜିକାଲସ ପ୍ରସ୍ତୁତ ଟୀକା ଆଣି ବିନା ମୂଲ୍ୟରେ ପ୍ରଦାନ କରାଯାଉଛି। ପ୍ରାଣୀ ରୋଗ ନିଦାନକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ବୀରେନ୍ଦ୍ର କୁମାର ପୃଷ୍ଟିଙ୍କ ସହିତ ଡା.ବିକାଶ ଚନ୍ଦ୍ର ନାଗ, ଡା. ସତ୍ୟରଞ୍ଜନ ଖାଡ଼ଙ୍ଗା,ଡା.ଦେବାଶିଷ ଷଡ଼ଙ୍ଗୀ ବତକ ମାନଙ୍କୁ ଟୀକା ଦେଇଥିଲେ। ମୋଟୁ ପ୍ରାଣୀ ଚିକିତ୍ସା ଅଧିକାରୀ ଜିଲାରେ ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ ବତକମାନଙ୍କୁ ମାରାତ୍ମକ ରୋଗରୁ ରକ୍ଷା କରି ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରତାପ କୁମାର ଦାସ ଏହା ଏକ ବଳିଷ୍ଠ ପଦକ୍ଷେପ। ଜିଲାରେ ବହୁ ଜଳାଶୟ ଥିବାରୁ ବତକ ପ୍ରାଣୀଧନ ସହଯୋଗୀ ଲୋକନାଥ ସ୍ୱାଇଁ ଓ ଭେଷଜ ବିଜ୍ଞାନ ଛାତ୍ର ଚିନ୍ମୟ ମାଝି ଟୀକାକରଣରେ ସହଯୋଗ କରିଥିଲେ।

### ଆର୍ଯ୍ୟ ସମାଜ ପକ୍ଷରୁ ସତ୍‌ସଙ୍ଗ

**ବ୍ରହ୍ମପୁର ଅଫିସ,୨୬।୫:** ବ୍ରହ୍ମପୁର ଆର୍ଯ୍ୟ ସମାଜ ପକ୍ଷରୁ ରବିବାର ସତସଙ୍ଗ ଅନୁଷ୍ଠିତ ହେଇଯାଇଛି। ଗୋଷାଣୀନୂଆଗାଁ ରାଜୀବନଗରରେ ଥିବା ବେଦ ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ତଥା ଭାରତର ବିଶିଷ୍ଟ ବୈଦିକ ବିଦ୍ୱାନ ଇଂ ପ୍ରିୟବ୍ରତ ଦାଶ, ବିଦୁଷୀ ଶନ୍ତୋଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାତ୍ମିକ ପ୍ରବଚନ ମାଧମରେ ଆତ୍ମା ଓ ପରମାତ୍ମାଙ୍କର ସ୍ୱରୂପ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବେଦର ପ୍ରଚାର ମାଧମରେ ସମାଜର ଉନ୍ନତି ଓ ମାନବ କଲ୍ୟାଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଉଚ୍ଚ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଭୟ



■ଚୁପ୍ ବସିଛି ଅଗ୍ନିଶମ ବିଭାଗ, ନୋଟିସ ଜାରି କଲା ବିଏମ୍‌ସି
■ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନେଇନାହାନ୍ତି ବ୍ୟବସାୟିକ ପ୍ରତିଷ୍ଠାନ

**ବ୍ରହ୍ମପୁର ଅଫିସ,୨୬।୫**

ଗୁଜରାଟର ସୁରଟସ୍ଥିତ ଏକ କୋଚିଂ ସେଣ୍ଟରରେ ଶୁକ୍ରବାର ନିଆଁ ଲାଗିଯାଇଥିଲା। ଏଥିରେ ପୋଡ଼ି ହୋଇ ଓ ନିଆଁରୁ ବର୍ତ୍ତିବା ପାଇଁ ତୃତୀୟ ଓ ଚତୁର୍ଥ ମହଲାରୁ ଡ଼େଇଁ ୨୨ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ୍ୟ ତାହାକୁ ଠିକ ଭାବେ ପାଳନ କରାଯାଉନାହିଁ। ଏଣୁ ଏପରି ଦୁର୍ଘଟଣା ଘଟୁଛି। ବ୍ରହ୍ମପୁର ସହରରେ ଦିନକୁ ଦିନ ବହୁ ମହଲା ବିଶିଷ୍ଟ ଅଟ୍ଟାଳିକା ବୃଦ୍ଧି ପାଉଛି। ସହରବାସୀ ଖୁବ୍ ସହଜରେ ଓ ସୁବିଧାରେ କେମିତି ସବୁ କିଛି ହାତ ପାହାନ୍ତରେ ମିଳିଯିବ ସେ ଚିନ୍ତାରେ ରହୁଛନ୍ତି। ଲୋକଙ୍କ ଏହି ଚାହିଦା ମେଣ୍ଟାଇବା ପାଇଁ ବ୍ରହ୍ମପୁର ସହରରେ ଉଚ୍ଚ ଅଟ୍ଟାଳିକାରେ ବିଭିନ୍ନ ଶପିଂ ମଲ, ଘରୋଇ ଶିକ୍ଷାନୁଷ୍ଠାନ ଖୋଲି ଚାଲିଛି । ସେହିପରି ସହରରେ ଆପାର୍ଟମେଣ୍ଟ କଲଚର ମଧ୍ୟ ଜୋର ଧରିଛି । ଲୋକେ ଜାଗା କିଣି ଆଉ ଘର ତିଆରି କରିବା ଝାମେଲାରେ ନ ପଡ଼ି ଆପାର୍ଟମେଣ୍ଟ କ୍ରୟ କରିବାକୁ ପସନ୍ଦ କରୁଛନ୍ତି। ଶପିଂ ମଲ, ଆପାର୍ଟମେଣ୍ଟରେ ଲୋକଙ୍କ ସୁବିଧା ପ୍ରତି ଦୃଷ୍ଟି ଦିଆଯାଉଥିବା ବେଳେ ସୁରକ୍ଷା ଦିଗ ପ୍ରତି ଅବହେଳା କରାଯାଉଛି । ଯାହାକି ଗତ କିଛି ମାସ ତଳେ ଅଗ୍ନିଶମ ବିଭାଗର ଚଢ଼ାଉ ବେଳେ ସ୍ପଷ୍ଟ ହୋଇଛି ।

ବ୍ରହ୍ମପୁର ସହରରେ ଗୋଟିଏ ବି ବ୍ୟବସାୟିକ ପ୍ରତିଷ୍ଠାନ କିମ୍ବା ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମହଜୁଦ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କେହି ବି ଅଗ୍ନି ନିରାପତ୍ତା ନିୟମକୁ ମାନୁ ନାହାନ୍ତି। ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଇଲାକାରେ ଶପିଂମଲ, ହୋଟେଲଗୁଡ଼ିକ ଖୋଲିଛି । କେତେକ ମଲରେ ପାର୍କିଂ ସ୍ଥାନ ନ ଥିବାରୁ ବିଗତ ଦିନରେ ତାହାକୁ ସିଲ କରି ଦିଆଯାଇଥିଲା । କିନ୍ତୁ ପରେ ସେହି ମଲଗୁଡ଼ିକରେ ପୁଣି ଚାଲିଛି। କୌଣସି ବି ବ୍ୟବସାୟିକ ପ୍ରତିଷ୍ଠାନ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନେଇନାହାନ୍ତି। ଏ ନେଇ ବହୁବାର ଅଭିଯୋଗ ହୋଇଥିଲା । ସେପଟେ ଫାୟାର ସେଫ୍ଟି ରୁଲ ଏବଂ ନ୍ୟାଶନାଲ ବିଲ୍ଡିଂ ରୁଲ ମଧ୍ୟ ଉଲ୍ଲଂଘନ ନେଇ ଅଭିଯୋଗ ହୋଇଥିଲା । ଏଭଳି ପ୍ରତିଷ୍ଠାନରେ ଯଦି ଅଗ୍ନିକାଣ୍ଡ ଘଟିବ, ତେବେ ବହୁ ଧନଜୀବନ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି । ୨୦୧୭ରେ ପ୍ରଣୟନ ହୋଇଥିବା ଫାୟାର ସେଫ୍ଟି ରୁଲ ଅନୁସାରେ ବ୍ରହ୍ମପୁରରେ ପ୍ରାୟ ୫୦୦ ପ୍ରତିଷ୍ଠାନକୁ ପର୍ଯ୍ୟାୟକ୍ରମେ ନୋଟିସ ଜାରି ହୋଇଥିଲା । ସେଥିମଧ୍ୟରୁ ୧୨ଟି ଶପିଂମଲ, ୮ଟି ହୋଟେଲ ଓ ୭ଟି ଆପାର୍ଟମେଣ୍ଟକୁ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଥିଲା । ପ୍ରତି ୨ ମାସରେ ଉକ୍ତ ପ୍ରତିଷ୍ଠାନ ଗୁଡ଼ିକ ଯାଞ୍ଚ କରାଯିବ । ଏହା ପରେ ଏହି ପ୍ରତିଷ୍ଠାନରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହେବ ତାହା ସିଲ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସେ ସମୟରେ କୁହାଯାଇଥିଲା। ସେହିପରି ଆପାର୍ଟମେଣ୍ଟ ଗୁଡ଼ିକରେ ମଧ୍ୟ ଆବଶ୍ୟକ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ ସେଥିପ୍ରତି ଆଉ ଗୁରୁତ୍ୱ ଦିଆଗଲାନି। ସୁରଟ ଘଟଣା ପରେ ସହରରେ ଅଗ୍ନିଶମ ବିଭାଗ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବହୁତଳ ପ୍ରାସାଦର ମାଲିକଙ୍କୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ହାସଲ କରିବାକୁ ବିଏମ୍‌ସ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି ହୋଇଛି । ୩ ମାସ ମଧ୍ୟରେ ଅଗ୍ନିନିରାପତ୍ତା ପ୍ରମାଣପତ୍ର ସଂଗ୍ରହ ନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି କୁହାଯାଇଛି। ଏନେଇ ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର କୁହନ୍ତି ବ୍ରହ୍ମପୁର ସହରରେ ଥିବା ସପିଂମଲ, ବହୁ ମହଲା ବିଶିଷ୍ଟ ଅଟ୍ଟାଳିକା ଓ ହୋଟେଲ ଗୁଡ଼ିକୁ ନୋଟିସ ଜାରି ହୋଇଛି। ଖୁବଶୀଘ୍ର ସେଠାର ଚଢ଼ାଉ କରି ଅଗ୍ନି ନିର୍ବାପକ ବ୍ୟବସ୍ଥା ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି ।

### ଚକ୍ଷୁ ସଚେତନତା ଶିବିର



**ବ୍ରହ୍ମପୁର ଅଫିସ,୨୬।୫**

ବ୍ରହ୍ମପୁର ରୁବି ଚକ୍ଷୁ ଚିକିତ୍ସାଳୟ ସାନବଜାର ଶାଖା ରୁବି ସିଟି ସେଣ୍ଟର ପକ୍ଷରୁ ଚକ୍ଷୁ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭେଷଜ ବିଶେଷଜ୍ଞ ଡା. ଇ. ପଦ୍ମନାଭ ରାଓ, ମଧୁମେହ ବିଶେଷଜ୍ଞ ଡା. ପି. ରବି କୁମାର, ଚକ୍ଷୁ ବିଶେଷଜ୍ଞ ତଥା ରୁବି ଚକ୍ଷୁ ଚିକିତ୍ସାଳୟର ଉପଦେ ପ୍ରଫେସର ଡା. ବି. ନାଗେଶ୍ୱର ସୁବୁଦ୍ଧି ଅତିଥି ଭାବେ ଯୋଗଦେଇଥିଲେ । ମଧୁମେହ ଓ ଚକ୍ଷୁ ଉପରେ ଏହାର ପ୍ରଭାବ, କାରଣ ଓ ନିରାକରଣ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଶିବିରରେ ୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ଶର୍କରା ଏବଂ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଇ. ନାଗମଣୀ ସମେତ ଲାୟନ୍ସ କ୍ଲବ, ଫ୍ରେଣ୍ଡସ ହେଲ୍ପିଂ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ। ଲାୟନ୍ସ କ୍ଲବର ଧର୍ମା ରାଓ ଧନ୍ୟବାଦ ଦେଇଥିଲେ ।

## ରକ୍ତଦାନ କଲେ ଏଡିଆଇଭି କ୍ଲବ ସଦସ୍ୟ



ଏଡିଆଇଭିର ସଦସ୍ୟା ସଦସ୍ୟମାନେ ରକ୍ତଦାନ ପାଇଁ ସଚେତନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୨୬।୫**

ବ୍ରହ୍ମପୁର ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତର ଅଭାବ ଦୂର କରିବା ପାଇଁ ଗୋଟିଏ ପରେ ଗୋଟିଏ ସଙ୍ଗଠନ ଆଗକୁ ଆସୁଛନ୍ତି । ବ୍ରହ୍ମପୁର ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ ଗୁଣ୍ଡବନ୍ଧ, ମାରୱାଡି ମହିଳା ସମିତି, ନେଚର ଲଭର୍ସ ଓଡିଶା, ବକ୍ସିଂ ଓଡିଶାର ମିଳିତ ଆନୁକୂଲ୍ୟରେ ତଥା ବିଭିନ୍ନ ସଂଗଠନର ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହେଉଛି । ରବିବାର ନବମ ରକ୍ତଦାନ ଶିବିରରେ ସାମିଲ୍ ହୋଇଥିଲା ଏରୋବିକ୍ସ ଡେଡିକେସନ ଇନ ଭିମ(ଏଡିଆଇଭି) । ଏହି କ୍ଲବର ୧୨ ସଦସ୍ୟାସଦସ୍ୟ ରକ୍ତଦାନ କରିଥିଲେ । ସେଥିମଧ୍ୟରୁ ୪ ଜଣ ପ୍ରଥମ ଥର ଏବଂ ୨ ଜଣ ମହିଳା ମଧ୍ୟ ରକ୍ତଦାନ କରିଥିଲେ। ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସଂପାଦକ ଏମ୍.ଦିଲୀପ କୁମାର, ପରିଷଦର ସଭାପତି ସାଗର କୁମାର ପାତ୍ର, ସଞ୍ଜୟ ପାତ୍ର, ସୁଶିଲ କୁମାର, ବନମାଳୀ ପ୍ରଧାନ, ସନିଆ ଗୌଡ଼, ବି.ସୂର୍ଯ୍ୟନାରାୟଣ ପାତ୍ର, ଏଡିଆଇଭିର ମୁଖ୍ୟ ଜି. ଆଦି ନାରାୟଣ ପାତ୍ର, ନଳିନୀକାନ୍ତ ତ୍ରିପାଠୀ, ବାଦଲ କୁମାର, ସୂର୍ଯ୍ୟ ନାରାୟଣା, ସର୍ବେଶ୍ୱର, ସମାଜସେବୀ ସବିତା ସାହୁକାର ଏବଂ ନେଚର୍ସ ଲଭର୍ସ ଓଡିଶାର ଆବାହକ ଶ୍ରୀନିବାସ ରାଜନାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରକ୍ତ ଭଣ୍ଡାରର ଡା.ରଶ୍ମିତା ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସୂଚନାଯୋଗ୍ୟ ଯେ, ରବିବାରର ଏହି ଶିବିରକୁ ମିଶାଇ ମୋଟ ୯ଟି ଶିବିରରେ ସମୁଦାୟ ୧୪୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ଦିଆଯାଉ

**ବ୍ରହ୍ମପୁର ଅଫିସ,୨୬।୫**

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକଙ୍କୁ ପୋଲିସ ପକ୍ଷରୁ ପରିଚୟ ପତ୍ର ପ୍ରଦାନ ପାଇଁ ଦାବି ପ୍ରସ୍ତାବ ବୈଠକରେ ଗୃହୀତ ହୋଇଛି। ଏଥିପାଇଁ ଦକ୍ଷିଣାଞ୍ଚଳ ଆଇଜି ଓ ବ୍ରହ୍ମପୁର ଏସପିଙ୍କ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଉତ୍କଳ ଆଶ୍ରମ ପରିସରରେ ହୋଇଥିବା ବୈଠକରେ ଫୋରମ ସଭାପତି ରାସ ବିହାରୀ ଦାସ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଶୋୟୀ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ଆଲୋଚନାରେ ସୂର୍ଯ୍ୟକାନ୍ତ ପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଜୟନ୍ତଲାଲ ଚୌହ୍ୱାନ, ରବି ରଥ, ବଂଶୀଧର ପାଳ, ଡି. ଆପ୍ପାରାଓ, ଶିଶିର ସାହୁ ଓ ରବି ମହାରଣା ପ୍ରମୁଖ ଭାଗ ନେଇଥିଲେ । ,ହି ଅବସରରେ ଫନୀ ବାତ୍ୟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ମୃତକଙ୍କ ସଦଗତି କାମନା କରାଯାଇଥିଲା। ଜୁଲାଇ ୨୮ରେ ଫୋରମର ବାର୍ଷିକ ସମ୍ମିଳନୀ ଓ ନୂଆ କର୍ମକର୍ତ୍ତା ନିର୍ବାଚନ ପରିଚାଳନା ପାଇଁ ୩ ଜଣଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ପଞ୍ଚମ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେଉଥିବାରୁ ତାଙ୍କୁ ଅଭିନନ୍ଦନ ବାର୍ତ୍ତା ପଠାଯିବା ସହ ବରିଷ୍ଠ ନାଗରିକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି ।

## ଜୀବନ ଧାରାକୁ ସୁଗମ କରେ ହେତୁବାଦ

**ବ୍ରହ୍ମପୁର ଅଫିସ୍,୨୬।୫**

ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ରବିବାର ସ୍ଥାନୀୟ ସଂକଳ୍ପ ସ୍କୁଲ ପରିସରରେ 'ହେତୁବାଦ: ଆଧାର, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ସଙ୍ଗଠନର ସଭାପତି କିଶୋର ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ । ରାଜ୍ୟ ସଂପାଦକ ରାଜା ସୁରେଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗଞ୍ଜାମ ଜିଲା ସଙ୍ଗଠନର ସମ୍ପାଦକ କେ. ନନ୍ଦେସୁ ସେନାପତି ପ୍ରାରମ୍ଭିକ ସୂଚନା ଦେଇଥିଲେ । ସମାଜ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ନିଜର ମତ ରଖି ହେତୁବାଦ ଜୀବନ ଧାରାକୁ ସୁଗମ କରେ ବୋଲି କହିଥିଲେ। ସେ କହିଥିଲେ, କୌଣସି ବିଷୟକୁ ବିନା ଯୁକ୍ତିରେ ଗ୍ରହଣ କରିବା ଅନୁଚିତ। ପ୍ରଶ୍ନ ପଚାରିବାର ମାନସିକତା ଆମ ସମସ୍ତଙ୍କ ଭିତରେ ଉଦ୍ରେକ ହେବା ଆବଶ୍ୟକ । ଏଭଳି ଚିନ୍ତାଧାରାକୁ ସମାଜରେ ପ୍ରସାର କରିବାରେ ସହାୟକ ହୁଏ ହେତୁବାଦ। ବିବିଧତା ଭାରତୀୟ ସମାଜର ମୂଳଉତ୍ସ । କିନ୍ତୁ କିଛି ଲୋକ ସାଂସ୍କୃତିକ ଜାତୀୟତବାଦ ନାମରେ ଗୋଟିଏ ଧର୍ମ, ସଂସ୍କୃତି, ଭାଷାକୁ ଅନ୍ୟମାନଙ୍କ ଉପରେ ବଳପୂର୍ବକ ଲଦି ଦେବାକୁ ଚାହୁଁଛନ୍ତି । ଏଥିରେ ସବୁଠାରୁ ଅଧିକ ଶିକାର ହେଉଛନ୍ତି ଦଳିତ, ସଂଖ୍ୟାଲଘୁ ଓ ହେତୁବାଦୀମାନେ। ଏଭଳି ଚିନ୍ତାଧାରା ବିରୋଧରେ ଲଢ଼େଇ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଆଲୋଚନାଚକ୍ରରେ ପ୍ରତାପ ଚୌଧୁରୀ, ସୁନେଜ କୁମାର ପାଣିଗ୍ରାହୀ, ଅଧ୍ୟାପିକା ରାଜବାଳା ତ୍ରିପାଠୀ, ଅଧ୍ୟାପକ ସୁଶାନ୍ତ ପ୍ରଧାନ, ପ୍ରତାପ ପ୍ରଧାନ, ବି.ବାଳକୃଷ୍ଣ ରାଓ, କେ. ବାସବ ରାଜୁ, ସୁଧୀର ପଟ୍ଟନାୟକ, ଭାଲଚନ୍ଦ୍ର ଷଡ଼ଙ୍ଗୀ, ଡ. ମଞ୍ଜୁପ୍ରଭା ଦାଶ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ରବୀନ୍ଦ୍ର କୁମାର ଗୌଡ଼, ଅଶୋକ ଦାସ, ପ୍ରତାପ ପ୍ରଧାନଙ୍କ ସମେତ ବହୁ ହେତୁବାଦୀ ଉପସ୍ଥିତ ଥିଲେ ।



ପ୍ରଫେସର ପ୍ରତାପ କୁମାର ରଥ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ବିଷ ପ୍ରକ୍ରିୟାରେ ୨ ମହିଳାଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୬।୫**

ପୃଥକ ବିଷ ପ୍ରକ୍ରିୟାରେ ଗୁରୁତର ଥିବା ୨ ମହିଳାଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୨୬୩/୧୯ ଓ ନଂ.୨୬୪/୧୯ରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି । ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଦେଉଳପଲି ଗ୍ରାମର ବନିତା ମୁନି (୨୫) ଘରୋଇ କଳିକୁ କେନ୍ଦ୍ରକରି ୨୨ ତାରିଖରେ ବିଷ ପିଇ ଦେଇଥିଲେ। ଗୁରତର ଅବସ୍ଥାରେ ତାଙ୍କୁ ବଡ଼ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ବନୀତାଙ୍କ ମୃତ୍ୟୁ ଘଟିଥିଲା । ସେହିପରି ବାଲୁଗାଁ ଅଞ୍ଚଳର ସୁବାସିନୀ ବେହେରା (୪୦) ମଧ୍ୟ ବିଷ ପିଇ ଚିକିତ୍ସିତ ହେଉଥିବା ବେଳେ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି ।

## ■ ରାସ୍ତା ଅବସ୍ଥା ଶୋଚନୀୟ
## ମାଟି ଦବି ଅଟକିଲା ଯାତ୍ରୀବାହୀ ବସ୍



ଜେସିବି ସାହାର୍ଯ୍ୟରେ ରାସ୍ତାରୁ ମାଟି ହଟାଯାଉଛି।

**ତେନ୍ତୁଳିଖୁଣ୍ଟି, ୨୬।୫(ଡି.ଏନ୍.ଏ.)**

ତେନ୍ତୁଳିଖୁଣ୍ଟି ବ୍ଲକରୁ ଇନ୍ଦ୍ରାବତୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ଶୋଚନୀୟ। ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ହୋଇପଡିବାରୁ ରବିବାର ନବରଙ୍ଗପୁରରୁ ଇନ୍ଦ୍ରାବତୀ ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍ ଗଉଡ଼ାଗୁଡ଼ ନିକଟରେ ପ୍ରାୟ ୪ଘଣ୍ଟା ଅଟକି ରହିଥିଲା। ଜେସିବି ସାହାର୍ଯ୍ୟରେ ମାଟି କଢା ଯିବାପରେ ବସ୍‌ଟି ବାହାରିଥିଲେ। ଏହି ସମୟରେ ଅନ୍ୟ ଯାତ୍ରୀବାହୀ ବସ୍‌ଗୁଡ଼ିକ ଅଲଗା ରାସ୍ତା ଦେଇ ଯାତାୟତ କରିଥିଲେ। ପ୍ରକାଶ ଯେ, ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ ତେନ୍ତୁଳିଖୁଣ୍ଟି ବ୍ଲକର ଚରାମୂଳାଠାରୁ ନରସିଂହପୁର ରାସ୍ତା ପାଇଁ ଟେଣ୍ଡର ହୋଇଥିଲା। ଠିକାଦାର ରାସ୍ତାକାମ ବିଳମ୍ବ କରିବାରୁ ଜିଲା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଆନ୍ଦୋଳନ କରିବା ପରେ ରାସ୍ତାକାମ ଆରମ୍ଭ ହୋଇଥିଲା। କିନ୍ତୁ ବ୍ରିଜ୍ ନିର୍ମାଣରେ ଠିକାଦାର ବିଳମ୍ବ କରୁଛନ୍ତି। ବ୍ରିଜ ସ୍ଥାନରେ ଡ୍ରାଇଭରଶନ କରାଯାଇଛି। ଡାଇଭରଶନ ରାସ୍ତା ସମତୁଲ କରାଯାଇ ନ ଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ବିଭିନ୍ନ ସମୟରେ ରାସ୍ତା ଦବି ଯାଉଥିବା ନଜିର ରହିଛି।

## ଅଦିନିଆ ବର୍ଷାରେ ଆଶ୍ୱସ୍ତ ଜନଜୀବନ
## ଅସନ୍ତୋଷ ବଢ଼ାଉଛି ଘନ ଘନ ବିଦ୍ୟୁତ୍‌କାଟ

**ପାରଳାଖେମୁଣ୍ଡି, ୨୬।୫(ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହରରେ ଗତ କିଛି ଦିନ ହେବ ପାରଦ ୪୨ରୁ ଉର୍ଦ୍ଧ୍ୱରେ ରହିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଥିବାବେଳେ ରବିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ଯୋଗୁ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ତେବେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ମଧ୍ୟାହ୍ନ ଏବଂ ରାତିରେ ବିଦ୍ୟୁତକାଟ ଅଧିକ କଷ୍ଟ ଦେଉଛି। ରାତି ତମାମ ବିଦ୍ୟୁତ ଲୁଚକାଳି ଖେଳୁଥିବାବେଳେ ମଧ୍ୟବିତ୍ତ ଏବଂ ସାଧାରଣ ଶ୍ରେଣୀର ଲୋକଙ୍କ ଘରେ ବିନା ଏସିରେ ଶିଶୁ, ବୟସ୍କ ଏବଂ ରୋଗଗ୍ରସ୍ତଙ୍କ କଷ୍ଟ ବଢ଼ିଯାଉଛି। ପ୍ରତିବର୍ଷ ଗ୍ରୀଷ୍ମ ଦିନ ପୂର୍ବରୁ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଯେତେ ସମ୍ଭବ କମ୍ ବିଦ୍ୟୁତକାଟ କରାଯିବ ବୋଲି କୁହାଯାଉଥିଲେ ମଧ୍ୟ ତାହା ଆଦୌ ପାଳନ କରାଯାଉନାହିଁ। ତେବେ ଏହା ନୂଆ ନୁହେଁ, ପାରଳାଖେମୁଣ୍ଡିରେ ପ୍ରତିବର୍ଷ ଖରାଦିନରେ ଘନ ଘନ ବିଦ୍ୟୁତ୍‌କାଟ ଯୋଗୁ ଅସନ୍ତୋଷ ବଢୁଛି। ତେଣୁ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଦାବି ହେଉଛି।

## ଲୋପ ପାଉଛି 'ବାଦୁଡ଼ି' ପ୍ରଜାତି

**ପାରଳାଖେମୁଣ୍ଡି, ୨୬।୫(ସ୍ୱ.ପ୍ର.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ରହିଥିବା ବେଳେ ଏଠାରେ ବର୍ତ୍ତମାନ ପକ୍ଷୀ ଶିକାର ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଥିବା 'ବାଦୁଡ଼ି' ଏବେ ଶିକାରୀଙ୍କ ଯୋଗୁ ଲୋପପାଉଥିବା ଦେଖିବାକୁ ମିଳୁଛି । ଜଙ୍ଗଲର କିଛି ପଶୁପକ୍ଷୀ ଶିକାରୀଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ସହର ତଥା ଗ୍ରାମାଭିମୁଖୀ ହେଉଛନ୍ତି। ଏହି ବିଲୁପ୍ତ ପ୍ରଜାତି ମଧ୍ୟରେ ଅନ୍ୟତମ ହେଉଛି ବାଦୁଡି। ଏହାର ଶରୀର ଚର୍ମଯୁକ୍ତ ଏବଂ ଡେଣାଥିଲେ ମଧ୍ୟ ସେମାନଙ୍କ ମୁହଁର ଆକାର ଅନ୍ୟ ପ୍ରାଣୀଙ୍କଠାରୁ ଭିନ୍ନ ହୋଇଥିବାରୁ ଏମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାନ୍ତି । ଏମାନେ ବିଶେଷତଃ ବିଭିନ୍ନ ଜଳାଶୟ ନିକଟରେ ଥିବା ବର, ଅଶ୍ୱତଥ୍ ବୃକ୍ଷରେ ଓହଳି ରହିଥିବା ଦୃଶ୍ୟ ବେଶ୍ ମନୋରମ ଅଟେ । ଏମାନେ ରାତି ତମାମ ଖାଦ୍ୟ ଅନ୍ୱେଷଣରେ ଯାଇଥିଲେ ମଧ୍ୟ ସୂର୍ଯ୍ୟ ଉଦୟ ପୂର୍ବରୁ ନିଜ ବାସସ୍ଥାନକୁ ଫେରିଆସିଥାନ୍ତି । ଏମାନେ ସମ୍ପୂର୍ଣ୍ଣ ଶାକାହାରୀ ହୋଇଥିବାବେଳେ ଏମାନେ ପାଟିରେ ଖାଦ୍ୟ ଗ୍ରହଣ ଏବଂ ପାଟିରେ ହିଁ ମଳତ୍ୟାଗ କରିଥାନ୍ତି । ଯାହାକି ଏହି ପ୍ରଜାତିର ଏକ ବିରଳ ସ୍ୱଭାବ ବୋଲି କୁହାଯାଏ । ଏହି ପ୍ରାଣୀର ମାଂସ ଶ୍ୱାଶରୋଗୀ ଔଷଧ ଭାବେ ଖାଇଥାନ୍ତି। ସେଥିପାଇଁ ଏମାନଙ୍କୁ ଶିକାର କରି ମାଂସକୁ ବିକ୍ରିକରି ଭଲ ରୋଜଗାର ମଧ୍ୟ କରିଥାନ୍ତି ଶିକାରୀ। ବାଦୁଡ଼ି ମାଂସ ପ୍ରାୟ ୧୫୦ ଟଙ୍କାରୁ ୨୦୦ଟଙ୍କାରେ ବିକ୍ରି ହୋଇଥାଏ। ଆର୍.ଉଦୟଗିରି ବ୍ଲକରେ ଗତ ୧୦ବର୍ଷ ଧରି ଏମାନେ ବଡ ବଡ ବୃକ୍ଷ ମାନଙ୍କରେ ବାସ କରିଆସୁଥିଲେ । ତେବେ ଶିକାରୀଙ୍କ ଯୋଗୁ ଏମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ଏପରି ଏକ ବିଲୁପ୍ତପ୍ରାୟ ପ୍ରାଣୀର ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ପାଇଁ ପ୍ରକୃତିପ୍ରେମୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।




# ଗବେଷଣା ଯାହାଙ୍କର ନିଶା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ବୈଜ୍ଞାନିକମାନେ ସାଧାରଣତଃ ଉଦାର ମନୋଭାବ ସମ୍ପନ୍ନ ହୋଇଥାନ୍ତି, କିନ୍ତୁ ସେମାନଙ୍କ ସାମାଜିକ ସମ୍ପର୍କ ଥାଏ ସୀମିତ। କାରଣ ସେମାନେ ବିଜ୍ଞାନାଗାରର ଚାରିକାନ୍ଥ ମଧ୍ୟରେ ଗବେଷଣାରତ ରହିବାକୁ ଅଧିକ ପସନ୍ଦ କରନ୍ତି। କେବଳ କେହି କେହି ଥାଆନ୍ତି



ଏଥିରୁ ବ୍ୟତିକ୍ରମ। ସେମାନେ ଗବେଷଣା ସହିତ ସମାଜସେବା ଏବଂ ଜନସମ୍ପର୍କ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରିଥାନ୍ତି। ଏହା ଫଳରେ ସେମାନେ ବିଜ୍ଞାନକୁ ଜନସାଧାରଣଙ୍କ ନିକଟକୁ ନେବାରେ ସମର୍ଥ ହୁଅନ୍ତି। ପ୍ରଫେସର ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ଥିଲେ ଏହିଭଳି ଜଣେ ବୈଜ୍ଞାନିକ।

ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ବ୍ଲକସ୍ଥିତ ଏକ ଅଖ୍ୟାତ ପଲ୍ଲୀ ଗ୍ରାମ ପ୍ରତାପପୁରରେ ୧୯୫୨ ମସିହା ଜାନୁୟାରୀ ୧୨ ତାରିଖରେ ସେ ନଟବର ଏବଂ ଶ୍ରୀମତୀ ଆଚାର୍ଯ୍ୟଙ୍କ କୋଳମଣ୍ଡନ କରି ଜନ୍ମଲାଭ କରିଥିଲେ। ସେ ଥିଲେ ତାଙ୍କର ୩ ଭାଇ ଏବଂ ୨ ଭଉଣୀଙ୍କ ମଧ୍ୟରେ ସର୍ବକନିଷ୍ଠ। ଅତି ବାଲ୍ୟକାଳରୁ ମାତାଙ୍କୁ ହରାଇଲା ପରେ ତାଙ୍କ ସମସ୍ତ ଲାଳନପାଳନ ଦାୟିତ୍ୱ ପଡ଼ିଥିଲା ପିତାଙ୍କ ଉପରେ। ଜଣେ ନୀତିବାଦି ଧର୍ମପରାୟଣ ବ୍ୟକ୍ତି ହିସାବରେ ସେ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଉତ୍ତମ ମଣିଷ ହେବା ଲାଗି ଦିଗ୍‌ଦର୍ଶନ ଦେଇଥିଲେ, ଯାହାକି ପ୍ରସ୍ଫୁଟିତ ହୋଇଥିଲା ପ୍ରଫେସର ଆଚାର୍ଯ୍ୟଙ୍କ ଚରିତ୍ରରେ। ତାହାହିଁ ତାଙ୍କୁ ଜଣେ ବୈଜ୍ଞାନିକ ହେବା ସଙ୍ଗେ ସଙ୍ଗେ ସଫଳ ମଣିଷଟିଏ କରି ଗଢ଼ିଥିଲା।

ନିଜ ଗ୍ରାମ ଉଚ୍ଚ ବିଦ୍ୟାଳୟରୁ ୧୯୬୮ ମସିହାରେ କୃତିତ୍ୱର ସହ ମାଧ୍ୟମିକ ଏବଂ ୧୯୭୦ ମସିହାରେ ଖଲିକୋଟ ମହାବିଦ୍ୟାଳୟରୁ ବିଜ୍ଞାନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମ୍ପନ୍ନ କଲାପରେ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟରେ ଛାତ୍ର ରୂପେ ଯୋଗଦେଇଥିଲେ। ସେଠାରୁ ସେ ୧୯୭୪ ମସିହାରେ ସ୍ନାତକ ଏବଂ ୧୯୭୬ ମସିହାରେ ସୂତ୍ରକୀଟ ବିଜ୍ଞାନ ବା ନେମାଟୋଲୋଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। ତତ୍ପରେ ବାରିପଦାଠାରେ ଆରମ୍ଭ ହୋଇଥିବା ଜାତୀୟ କୃଷି ବିକାଶ ଯୋଜନାରେ ଗବେଷଣା ଅଧିକାରୀ ରୂପେ ଯୋଗଦେଲେ। ଏଥିରେ ତାଙ୍କୁ ନିୟୋଜିତ କରିବାକୁ ପଡ଼ିଥିଲା ତାଙ୍କ ବୈଜ୍ଞାନିକ କୃତିତ୍ୱ ସହିତ ସମାଜସେବାର ପରାକାଷ୍ଠା। କାରଣ ଏ ଯୋଜନାର ଲକ୍ଷ୍ୟ ଥିଲା ବିବିଧ ନୂତନ କିସମର ଅଧିକ ଅମଳକ୍ଷମ ଧାନ ତଥା ଅନ୍ୟାନ୍ୟ ଫସଲକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ଏବଂ ତାଙ୍କୁ ଏହାର ଚାଷ ପାଇଁ ଆବଶ୍ୟକ ନୂତନ ଜ୍ଞାନକୌଶଳ ଶିକ୍ଷା ଦେବା। ଫଳରେ କୃଷି ସମ୍ପର୍କିତ ନୂତନ ପ୍ରଯୁକ୍ତିବିଦ୍ୟାକୁ ବିଜ୍ଞାନାଗାରରୁ କୃଷି କ୍ଷେତ୍ରକୁ ସ୍ଥାନାନ୍ତର କରିବାରେ ସେ ନିଜର ଏକ ବିଶିଷ୍ଟ ପରିଚୟ ସୃଷ୍ଟି କରିପାରିଥିଲେ। ଇତିମଧ୍ୟରେ ୧୯୮୧ ମସିହାରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ସର୍ବଗୁଣସମ୍ପନ୍ନା ବିଷ୍ଣୁପ୍ରିୟାଙ୍କ ସହିତ। ଏହାପରେ ସେଠାରୁ ବଦଳି ହୋଇ ସେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ରୋଗ ନିଦାନ ବିଭାଗରେ ଆରମ୍ଭ ହୋଇଥିବା ପାନଚାଷ ଉପରେ ସର୍ବଭାରତୀୟ ଗବେଷଣା କାର୍ଯ୍ୟକ୍ରମରେ ସହ ଗବେଷକ ରୂପେ ଯୋଗଦେଲେ। ସେତେବେଳେ ଆମ ରାଜ୍ୟର ପାନବରଜଗୁଡ଼ିକ ବହୁଳଭାବେ ନାନାଦି ସୂତ୍ରକୀଟମାନଙ୍କ ଦ୍ୱାରା ସଂକ୍ରମିତ ହେଉଥାନ୍ତି। ତେଣୁ ସେ ସମଗ୍ର ରାଜ୍ୟ ଭ୍ରମଣକରି ତାହାର ସର୍ବେକ୍ଷଣ କଲେ। ସେଗୁଡ଼ିକୁ ଚିହ୍ନଟକରି ତାହାର ପ୍ରତିଷେଧକ ବ୍ୟବସ୍ଥା ସ୍ଥିରକଲେ। ପୁନଶ୍ଚ ଚେର ଗଣ୍ଠି



ଓଡ଼ିଶାର ବୈଜ୍ଞାନିକ
ପ୍ରଫେସର ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ

ଖାଇଯାଉଥିବା ସୂତ୍ରକୀଟଙ୍କ ଉପରେ ଅଧ୍ୟୟନକରି ସେହି ଗବେଷଣାର ଫଳାଫଳ ଉପରେ ନିବନ୍ଧ ଲେଖି ଡକ୍ଟରେଟ୍ ଉପାଧି ଅର୍ଜନ କଲେ। ଏହାପରେ ତାଙ୍କୁ ସୂତ୍ରକୀଟ ବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ପଦକୁ ପଦୋନ୍ନତି ଦିଆଗଲା। ସେଠାରୁ ସେ ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ ରୂପେ କାର୍ଯ୍ୟ କରି ୨୦୧୨ ମସିହାରେ ସେବା ନିବୃତ୍ତ ହେଲେ।

ପାନ ତଥା ଅନ୍ୟାନ୍ୟ ଫସଲରେ ଲାଗୁଥିବା ସୂତ୍ରକୀଟଙ୍କ ଉପରେ ଗବେଷଣା କ୍ଷେତ୍ରକୁ ପ୍ରଫେସର ଆଚାର୍ଯ୍ୟଙ୍କର ଅବଦାନ ଥିଲା ଉଲ୍ଲେଖନୀୟ। ଏ ସମ୍ପର୍କରେ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେବା ସଙ୍ଗେ ସଙ୍ଗେ ସେ ବିବିଧ ସୁନାମଧନ୍ୟ ଗବେଷଣା ପତ୍ରିକାରେ ପ୍ରକାଶ କରିଥିଲେ ୪୦ଟିରୁ ଊର୍ଦ୍ଧ୍ୱ ଗବେଷଣାପତ୍ର। ଏହା ବ୍ୟତୀତ ଚାଷୀ ଏବଂ ସର୍ବସାଧାରଣଙ୍କୁ ଏ ବିଷୟରେ ସଚେତନ କରିବା ଲାଗି ମଧ୍ୟ ସେ ଅନେକ ଜନପ୍ରିୟ ପ୍ରବନ୍ଧ ରଚନା କରିଥିଲେ।

ପ୍ରଫେସର ଆଚାର୍ଯ୍ୟ ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଓ ଗବେଷକ ଏବଂ ପରୋପକାରୀ ସାମାଜିକ କର୍ମୀ। ସେ ଥିଲେ ଅଜାତଶତ୍ରୁ, କାରଣ ଶତ୍ରୁକୁ ମଧ୍ୟ ସ୍ନେହ ଦେଇ ଆପଣାର କରିବା କଳା ତାଙ୍କୁ ଜଣା ଥିଲା। ମସ୍ତିଷ୍କ ଅର୍ବୁଦ ହେତୁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ହେଲା ପରେ ମାର୍ଚ୍ଚ ୩୧ ତାରିଖ ୨୦୧୯ରେ ସେ ସ୍ୱର୍ଗାରୋହଣ କଲେ। ଫଳରେ ଆମ ରାଜ୍ୟ ହରାଇଲା ଜଣେ ବିଶିଷ୍ଟ କୃତବିଦ୍ କୃଷିବିଜ୍ଞାନୀଙ୍କୁ। କୃଷକମାନେ ହରାଇଲେ ଜଣେ ପରାମର୍ଶଦାତାଙ୍କୁ ଏବଂ ସମାଜ ହରାଇଲା ପରକୁ ଆପଣାର କଲା ଭଳି ଆଦର୍ଶ ଚରିତ୍ରଧାରୀ ଜଣେ ଉଚ୍ଚକୋଟୀର ମଣିଷଙ୍କୁ।

*-୧୨୪/୨୪୪୫,*
*ଖଣ୍ଡଗିରି ବିହାର, ଭୁବନେଶ୍ୱର,*
*ମୋ-୯୯୩୭୯୮୫୭୬୭*

# ଓଜନ କମାଇବାର ସହଜ ଉପାୟ

ଓଜନ ବଢ଼ିବା ଆଜିକାଲି ଏକ ସାଧାରଣ ସମସ୍ୟା। ଏହା ନିୟନ୍ତ୍ରଣରେ ନ ରହିଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ପରିଶ୍ରମ ଅନୁସାରେ ଆମକୁ ଆବଶ୍ୟକ ମୁତାବକ ବିଶ୍ରାମ ନେବାକୁ ପଡ଼ିଥାଏ। ତେଣୁ ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଓଜନ କେତେକାଂଶରେ ନିୟନ୍ତ୍ରିତ ରହିଥାଏ। ଅନେକ ବାହାର ଖାଦ୍ୟ ଏପରି କି ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏପରି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଦହି ସାମିଲ କରନ୍ତୁ। ଏହା ଚର୍ବି କମାଇବାରେ ସାହାଯ୍ୟ କରିଥାଏ। ଆଉ ଏକ କଥା- ରାତ୍ରିଭୋଜନ ଏବଂ ନିଦ୍ରା ଯିବା ଭିତରେ



ଅତିକମ୍‌ରେ ଦୁଇଘଣ୍ଟା ବ୍ୟବଧାନ ରହିବା ଦରକାର। ଏହାକୁ ଗୁରୁତ୍ୱ ଦେଲେ ଓଜନ କେତେକାଂଶରେ କମିଥାଏ। ଏହାବ୍ୟତୀତ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରନ୍ତୁ। କମ୍ ପାଣି ପିଇବା ଯୋଗୁ ଓଜନ ବଢ଼ିଥାଏ। ତେଣୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ସହ ଅତିକମ୍‌ରେ ୪-୫ ଲିଟର ପାଣି ପିଅନ୍ତୁ।

# ଲିଭର : କିଛି କଥା

ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ଲିଭର (ଯକୃତ)। ଏହାର କାର୍ଯ୍ୟଦକ୍ଷତା ପ୍ରତିହତ ହେଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଇଥାଏ। ତେବେ ଲିଭର ସମ୍ପର୍କରେ ଜାଣନ୍ତୁ କିଛି କଥା...

-ଲିଭରରୁ ନିର୍ଗତ ହେଉଥିବା ପିତ୍ତ ଶରୀରରେ ବୃଦ୍ଧିପାଉଥିବା ଫ୍ୟାଟ୍ ପରିମାଣକୁ ନିୟନ୍ତ୍ରିତ ରଖିଥାଏ।

-ଲିଭରର ଲମ୍ବ ୬.୫ ଇଞ୍ଚ, ଚଉଡ଼ା ୮ ଇଞ୍ଚ ଏବଂ ଗୋଲେଇ ୪.୫ ଇଞ୍ଚ। ଏହାର ଓଜନ ୩.୫ ପାଉଣ୍ଡ।

-ଲିଭରର କାର୍ଯ୍ୟକୁ ତିନିଭାଗରେ ବିଭକ୍ତ କରାଯାଇଛି। ଏହାର ପ୍ରଥମ ଜୋନ୍‌ରେ ରକ୍ତ ପ୍ରବେଶ କରିବା ପରେ ଦ୍ୱିତୀୟ ଜୋନ୍‌କୁ ଯାଇଥାଏ। ତା'ପରେ ତୃତୀୟ ତଥା



ଶେଷ ଜୋନ୍‌ରେ ରକ୍ତ ବିଶୁଦ୍ଧ ହୋଇ ଶରୀରରେ ପ୍ରବାହିତ ହୋଇଥାଏ। ତେଣୁ ଲିଭର ସୁସ୍ଥ ରହିବା ନିହାତି ଦରକାର।

-ଆମେ ଖାଉଥିବା ଖାଦ୍ୟରୁ ଲିଭର କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସଂଗ୍ରହକରି ମସ୍ତିଷ୍କକୁ ଯୋଗାଇଥାଏ। ଏହାଦ୍ୱାରା ମସ୍ତିଷ୍କ ଠିକ୍ ଭାବରେ କାର୍ଯ୍ୟ କରିଥାଏ।


-ଲିଭର ଆମ ଶରୀର ଭିତରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। ଶରୀର ଭିତରେ ନିର୍ମିତ ହେଉଥିବା ବିଷାକ୍ତ ତତ୍ତ୍ୱକୁ ଏହା ନଷ୍ଟ କରିଦିଏ।

-ଲିଭର ଭିତରେ ପ୍ରସ୍ତୁତ ହେଉଥିବା ପ୍ରୋଟିନ୍ ରକ୍ତକୁ ପରିଷ୍କାର ରଖେ।

-ଆମ ଶରୀରରେ ନଷ୍ଟହୋଇପାରୁ ନ ଥିବା ଟକ୍ସିନ୍‌ଗୁଡ଼ିକ ଲିଭର ଭିତରେ ଗଚ୍ଛିତ ହୋଇ ରହିଥାଏ।

-ଯଦି ଲିଭରଜନିତ ସମସ୍ୟା ଦେଖାଯାଏ ତେବେ ଅଧିକାଂଶ ସମୟ ମୁଣ୍ଡ ବିନ୍ଧିଥାଏ। ବାନ୍ତି ଲାଗେ, ବେଳେବେଳେ ବାନ୍ତି ହୋଇଥାଏ। ଚର୍ମ ହଳଦିଆ ଦେଖାଯାଏ ଏବଂ ଜଣ୍ଡିସ୍‌ର ଲକ୍ଷଣ ଦେଖାଦେଇଥାଏ। ଲିଭର ସମସ୍ୟା ଦେଖାଦେବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଭାଷା ବୁଝିବ ରୋବୋ




ଆଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋକୁ ବ୍ୟବହାର କରାଯାଉଛି। ବିଶେଷଭାବରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏହାର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ସାଧାରଣତଃ ଜଣେ ମଣିଷ ଭାଷାକୁ ମଣିଷ ହିଁ ବୁଝିଥାଏ। ହେଲେ ଏଣିକି ଏହାକୁ ରୋବୋ ବୁଝିପାରିବ। ନିକଟରେ କର୍ନେଲ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏପରି ଏକ ଅତ୍ୟାଧୁନିକ ରୋବୋ ପ୍ରସ୍ତୁତ କରିଛନ୍ତି। ଉକ୍ତ ରୋବୋ ସାମ୍ନାରେ କିଛି କହିଲେ ସେ ତାହାକୁ ବୁଝି ସହଜରେ ଅନୁବାଦ କରିପାରିବ। କେବଳ ସେତିକି ନୁହେଁ, ଏଥିରେ ଏକ ଥ୍ରୀଡି କ୍ୟାମେରା ସଂଯୋଗ କରାଯାଇଛି। ଏହି କ୍ୟାମେରା ସାମ୍ନାରେ ଥିବା ଦୃଶ୍ୟର ଫଟୋ ଉଠାଇପାରିବ ଏବଂ ତା'ପରେ ରୋବୋ ତାହାକୁ ଅନୁଧ୍ୟାନକରି ସେ ସମ୍ପର୍କରେ ସୂଚନା ଦେଇପାରିବ। ହେଲେ ଏଭଳି ରୋବୋ ବଜାରରେ ଉପଲବ୍ଧ ହେବାକୁ ଆଉ କିଛି ମାସ ସମୟ ଲାଗିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି।

# ଆଣ୍ଠୁଗଣ୍ଠି ବ୍ୟଥାର ଅତ୍ୟାଧୁନିକ ଚିକିତ୍ସା

ଆଣ୍ଠୁଗଣ୍ଠି ବାତରୋଗରେ ପ୍ରାୟ ପୃଥିବୀରେ ୬୦ ଭାଗ ଲୋକ କଷ୍ଟ ପାଉଛନ୍ତି। ଆମେ ଭାରତୀୟମାନେ ତଳେ ବସି କାମ କରୁଥିବା ଯୋଗୁ ଆଣ୍ଠୁ ବ୍ୟଥା ଅନ୍ୟ ଦେଶ ଅପେକ୍ଷା ପ୍ରାୟ ବହୁ ଗୁଣରେ ଅଧିକ। ଆଣ୍ଠୁଗଣ୍ଠି ବାତରୋଗ ସାଧାରଣତଃ ଦୁଇଟି କାରଣରୁ ହୋଇଥାଏ।

**ପ୍ରଥମତଃ ବୟସଜନିତ:** ବୟସଜନିତ ଆଣ୍ଠୁଗଣ୍ଠି ବ୍ୟଥା ଦୈନନ୍ଦିନ ଜୀବନରେ ଏକ ସାଧାରଣ କଥା। ଆଣ୍ଠୁ ଆମ ଶରୀରର ସବୁଠାରୁ ବଡ଼ ଗଣ୍ଠି। ଏହା ତିନୋଟି ହାଡ଼ ଯଥା- ଜଙ୍ଘହାଡ଼, ନଳୀହାଡ଼ ଓ ଚକିହାଡ଼କୁ ମିଶି ହୋଇଥାଏ। ପ୍ରତ୍ୟେକ ହାଡ଼ର ଶେଷ ଅଂଶ ଏକ ନରମ କୁସନ ଭଳି ଜିନିଷରେ ଆବୃତ୍ତ ହୋଇଥାଏ। ଏହାକୁ କାର୍ଟିଲେଜ କହନ୍ତି। ବସ୍ ଉଠ ହେବା ସମୟରେ ଦୁଇ ହାଡ଼ ମୁଣ୍ଡରେ ଏହି କାର୍ଟିଲେଜ ରହିଥିବା ଯୋଗୁ ଶକ୍ତ ହାଡ଼ଗୁଡ଼ିକ ମଧ୍ୟରେ ଘର୍ଷଣ ହୋଇପାରେ ନାହିଁ, ମାତ୍ର ବୟସ ବଢ଼ିଲେ ଏହି କାର୍ଟିଲେଜ ବର୍ଷ ବର୍ଷ ଧରି ଘର୍ଷଣ ହେବା ଯୋଗୁ ଧୀରେ ଧୀରେ ଛୋଟ କଣା ହୋଇଯାଏ ଓ ଏହି କଣା ବଢ଼ିଯିବା ଫଳରେ ହାଡ଼ ମଧ୍ୟରେ ଘର୍ଷଣ





ବଢ଼ିଚାଲେ ଓ ସେଥିପାଇଁ ବିନ୍ଧା ଆରମ୍ଭ ହୁଏ। ଘର୍ଷଣ ଯୋଗୁ ଆଣ୍ଠୁ ଭିତରେ ଥିବା ଝିଲ୍ଲୀରେ ମଧ୍ୟ ଆଘାତ ଆସେ ଓ ସେଥିପାଇଁ ଝିଲ୍ଲୀ ଫୁଲିଯାଏ ଓ ଗଣ୍ଠିରେ ପାଣି ଅଂଶ ବଢ଼ିଯାଏ ଓ ଗଣ୍ଠି ଫୁଲିଯାଏ। ବେଳେ ବେଳେ ଚିକିତ୍ସା ହେବାରେ ବିଳମ୍ବ ହେଲେ କାର୍ଟିଲେଜ ଆସ୍ତେ ଆସ୍ତେ ପୂରା ଖାଇଯାଏ। ଏହାଦ୍ୱାରା ଆଣ୍ଠୁ ବଙ୍କା ହୋଇଯାଏ। ବୟସ୍କ ଲୋକଟିଏ ତା'ର ଦୈନନ୍ଦିନ କାମ ଏପରିକି ତଳେ ବସି ଖାଇବା ଓ ଠିଆହୋଇ ଉଠିଲାବେଳେ କଷ୍ଟ ଅନୁଭବକରେ। ଏକକାଳୀନ ଚାଲିବାର ଦୂରତା ଆସ୍ତେ ଆସ୍ତେ କମିଯାଏ।

**ଦ୍ୱିତୀୟ (ରୋଗ ଜନିତ):** ଗଣ୍ଠିବାତର ବହୁପ୍ରକାର କାରଣ ଅଛି। ସାଧାରଣତଃ ଏହା ତିନୋଟି ରୋଗ ଦ୍ୱାରା ବେଶି କ୍ଷତିଗ୍ରସ୍ତ ହୋଇଥାଏ। ତାହା Rheumatoid Arthritis Ankylcsing Spondylitis, Gouty Arthritis. ଆମ ଦେହରେ କୌଣସି କାରଣବଶତଃ ରୋଗ ପ୍ରତିରୋଧକ ଶକ୍ତି (Immunity power) କମିଗଲେ ପ୍ରାୟ ବହୁ ଗଣ୍ଠି ଧୀରେ ଧୀରେ ଫୁଲିଯାଏ ଓ ବ୍ୟଥା ହୁଏ। ଏହାକୁ Rheumatoid Arthritis କୁହାଯାଏ। ପ୍ରୋଟିନ୍ ବା ରେଡ୍ ମିଟ୍ ବେଶି ଖାଇଲେ ଆମ ଶରୀରରେ ୟୁରିକ୍ ଏସିଡ୍ ବଢ଼ିଯାଏ। ଏହାକୁ Gouty Arthritis କୁହାଯାଏ। ଏହିସବୁ Arthritis ଯୋଗୁ ଆଣ୍ଠୁଗଣ୍ଠିର ସବୁଠାରୁ ବେଶି ଆକାରରେ କ୍ଷତି ହୁଏ। ଏହି ରୋଗଗୁଡ଼ିକରେ ଆଣ୍ଠୁଗଣ୍ଠି ଭିତରେ ଥିବା ଝିଲ୍ଲୀ ଆଗ ଫୁଲିଯାଏ ଓ ଗଣ୍ଠିରେ ପାଣି ଅଂଶ ଜମିଯାଏ ଏବଂ ଆସ୍ତେ ଆସ୍ତେ ପୂରା ଗଣ୍ଠି ଖାଇଯାଏ। ଆଣ୍ଠୁବ୍ୟଥାର ଠିକ୍ କାରଣ ଆଜିକାଲିର ଅତ୍ୟାଧୁନିକ ପରୀକ୍ଷା ଦ୍ୱାରା ଅତି ସହଜରେ ଜାଣିହୋଇପାରୁଛି ଓ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ସବୁ ଜାଗାରେ ହୋଇପାରୁଛି। ଡାଇବେଟିସ ରୋଗୀ ହୋଇଥିଲେ ଏହି କାର୍ଟିଲେଜ ଶୀଘ୍ର ଖାଇଯାଏ। ବିଂଶଶତାବ୍ଦୀରେ ଆଣ୍ଠୁବ୍ୟଥାର ଚିକିତ୍ସା ପାଇଁ ବହୁ ପ୍ରକାର ଔଷଧ ଆସିଲାଣି। ବିଶେଷତଃ କାର୍ଟିଲେଜ ଭିଟାମିନ, ତା'ଛଡ଼ା କ୍ୟାଲସିୟମ, ଭିଟାମିନ୍ ଡି-୩, ଓଷ୍ଟିଓପୋରିସିସର ଭିଟାମିନ ଓ Rhmatismର ମେଡିସିନ (Salazopyrin, hydroxy chloroquin, Mathotrexate) ଓ Gouty Arthritisର ମେଡିସିନ (Febuxostat, problnecid, colchicin) ମଧ୍ୟ ଅତି ସହଜରେ ମିଳିପାରୁଛି। ଏହିସବୁ ଭିଟାମିନ ଖାଇ ପ୍ରତିଦିନ ବ୍ୟାୟାମ କରି ବହୁ ପ୍ରଥମ ଷ୍ଟେଜ୍‌ର ଆଣ୍ଠୁବ୍ୟଥା ରୋଗୀମାନେ ବେଶ୍ ଭଲ ଅଛନ୍ତି। ଦ୍ୱିତୀୟ ଷ୍ଟେଜ୍‌ରେ ଥିବା ରୋଗୀମାନେ ମଧ୍ୟ ବ୍ୟାୟାମ ତଥା କ୍ୟାଲସିୟମ ଓ ଅଷ୍ଟିଓପୋରିସିସ୍‌ର ଔଷଧ ଦ୍ୱାରା କିଛି ଅଂଶରେ ଉପକାର ପାଉଛନ୍ତି। ତା'ଛଡ଼ା ଆର୍ଥୋସ୍କୋପି (ଛୋଟ କଣା ସାହାଯ୍ୟରେ) ଯନ୍ତ୍ର ଦ୍ୱାରା ଆଣ୍ଠୁକୁ ସଫା କରାଗଲେ ମଧ୍ୟ ବିନ୍ଧା ବହୁ ଅଂଶରେ କମିଯାଏ। ଏହି ଆର୍ଥୋସ୍କୋପି ଯନ୍ତ୍ରଟି ସରୁ ନଳୀ ଭଳି ଆଣ୍ଠୁକୁ ଗୋଟିଏ ପାର୍ଶ୍ୱରୁ କାଲୁଆକରି ପ୍ରବେଶ କରାଯାଏ। ଏହାକୁ କ୍ୟାମେରା ସାହାଯ୍ୟରେ ଲଗାଯାଇ ମନିଟରକୁ ଖଞ୍ଜାଯାଇଥାଏ। ଆଣ୍ଠୁର ପୂରା ଚିତ୍ର ବହୁ ବଡ଼ ଆକାରରେ ଅତି ସୁନ୍ଦର ଭାବରେ ମନିଟରରେ ଦେଖିହୁଏ ଓ ଅତ୍ୟାଧୁନିକ ଯନ୍ତ୍ର ଦ୍ୱାରା କାର୍ଟିଲେଜର ଛୋଟ ଛୋଟ ରନ୍ଧ୍ରକୁ ବନ୍ଦ କରିହୁଏ। ମାତ୍ର ତୃତୀୟ ଷ୍ଟେଜ୍‌ରେ ଯେତେବେଳେ ପୂରା ଖାଇଯାଏ ଓ ଆଣ୍ଠୁ ପୂରା ବଙ୍କା ହୋଇଯାଏ ଏହିସବୁ ଚିକିତ୍ସା ଆଉ କାମ ଦିଏନାହିଁ। ପ୍ଲାଷ୍ଟିକ କାର୍ଟିଲେଜକୁ ବୋନ୍ ସିମେଣ୍ଟ ଦ୍ୱାରା ପେଷ୍ଟ କରିବାକୁ ପଡ଼େ। ଏହାକୁ ଗଣ୍ଠି ପ୍ରତ୍ୟାରୋପଣ ବା Joint Replacement ବୋଲି କୁହାଯାଏ। ତେଣୁ Joint Replacementର ଅର୍ଥ ଆଣ୍ଠୁ ଭିତରେ ଥିବା ତିନୋଟି ହାଡ଼ ଉପରେ ଛିଣ୍ଡିଯାଇଥିବା କାର୍ଟିଲେଜକୁ ବାହାରକରି ହାଡ଼ ଅଠା ଦ୍ୱାରା Artifical plastic cartilageକୁ paste କରିଦିଆଯାଏ। ଏହି ଅପରେଶନ ଆଖିର ମୋତିଆବିନ୍ଦୁ ପରି ଅତି ସହଜ, ସରଳ ଓ ବିପଦମୁକ୍ତ। ବିଂଶଶତାବ୍ଦୀରେ ଗଣ୍ଠି ପ୍ରତ୍ୟାରୋପଣ ଖୁବ୍ ବହୁଳ ଭାବରେ ଦେଖିବାକୁ ମିଳୁଛି। ଏହାର କାରଣ ବିଂଶଶତାବ୍ଦୀରେ ଗବେଷଣା ଏତେ ଆଗେଇଯାଇଛି ଯେ ଆଗରୁ ହେଉଥିବା ଅପରେଶନର କୌଶଳ, ବ୍ୟବହାର ଦେଉଥିବା ମ୍ୟାଟେରିଆଲ ବା ପ୍ଲାଷ୍ଟିକ ନୂଆକରି ତିଆରି ହେଉଥିବା ମଡ୍ୟୁଲର୍ ଅପରେଶନ ଥିଏଟର ଓ ନୂଆ ନୂଆ ଉଦ୍ଭାବନ ହେଉଥିବା ଔଷଧ ଫଳରେ ସଂକ୍ରମଣ (infection)ର ଆଶଙ୍କା ପୂରାପୂରି କମିଯାଇଛି। ଏହିସବୁ ଜିନିଷକୁ ଉପଯୋଗ କରି ଆଜିର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଅତି ବଙ୍କା ହୋଇଯାଇଥିବା ଆଣ୍ଠୁକୁ ଖୁବ୍ ଅଳ୍ପ କାଟି ଅପରେଶନ କରିପାରୁଛନ୍ତି। ଫଳରେ ଅଳ୍ପ ରକ୍ତ କ୍ଷୟ ହେଉଛି। ରୋଗୀକୁ ପୂରା ଅଚେତ ନ କରି ଗୋଡ଼କୁ କାଲୁଆ କରାଯାଉଛି। ଏଥିରେ ଷ୍ଟିଚ୍‌ର



ଡା. ପି.ସି. ଦେ

ବହୁ ଅଂଶରେ କମିଯାଏ। ଏହି କିଛିଦିନ ଧରି କମ୍ପ୍ୟୁଟର ଗଣ୍ଠି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ବ୍ୟବହୃତ ହେଉଛି। ଏହାକୁ ସିଏଏସ୍(CAS) ବା କମ୍ପ୍ୟୁଟର ଏସିସ୍‌ଟେଡ୍ ସର୍ଜରି କୁହାଯାଏ। ଏହା କମ୍ପ୍ୟୁଟର ସାହାଯ୍ୟରେ ହେଉଥିବା ଯୋଗୁ ଅତି ଛୋଟ କଟା ସାହାଯ୍ୟରେ କରାଯାଉଛି ଓ ଖୁବ୍ କମ୍ ରକ୍ତ କ୍ଷୟ ହେଉଛି। ଅପରେଶନ ବେଳେ ରକ୍ତର ଆବଶ୍ୟକତା ପଡୁନାହିଁ। ନିୟମିତ ସମୟଠାରୁ ଖୁବ୍ କମ୍ ସମୟ ଲାଗୁଛି। ଷ୍ଟିଚ୍‌ର ଆବଶ୍ୟକତା ପଡୁନାହିଁ। ଇନ୍‌ଫେକଶନର ଆଶଙ୍କା ପୂରାପୂରି କମିଯାଇଛି। ପୃଥିବୀରେ ସବୁ ଦେଶରେ ଆଜିର ଦିନରେ ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଏହି କୌଶଳ ବ୍ୟବହାରକରି ଗଣ୍ଠି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ପ୍ରତି ସାଧାରଣ ଲୋକମାନଙ୍କ ମଧ୍ୟରେ

> "ଆର୍ଥୋସ୍କୋପି ଯନ୍ତ୍ରଟି ସରୁ ନଳୀ ଭଳି ଆଣ୍ଠୁକୁ ଗୋଟିଏ ପାର୍ଶ୍ୱରୁ କାଲୁଆକରି ପ୍ରବେଶ କରାଯାଏ । ଏହାକୁ କ୍ୟାମେରା ସାହାଯ୍ୟରେ ଲଗାଯାଇ ମନିଟରକୁ ଖଞ୍ଜାଯାଇଥାଏ। ଆଣ୍ଠୁର ପୂରା ଚିତ୍ର ବହୁ ବଡ଼ ଆକାରରେ ଅତି ସୁନ୍ଦର ଭାବରେ ମନିଟରରେ ଦେଖିହୁଏ ଓ ଅତ୍ୟାଧୁନିକ ଯନ୍ତ୍ର ଦ୍ୱାରା କାର୍ଟିଲେଜର ଛୋଟ ଛୋଟ ରନ୍ଧ୍ରକୁ ବନ୍ଦ କରିହୁଏ। ମାତ୍ର ତୃତୀୟ ଷ୍ଟେଜ୍‌ରେ ଯେତେବେଳେ ପୂରା ଖାଇଯାଏ ଓ ଆଣ୍ଠୁ ପୂରା ବଙ୍କା ହୋଇଯାଏ ଏହିସବୁ ଚିକିତ୍ସା ଆଉ କାମ ଦିଏନାହିଁ"

ଆବଶ୍ୟକତା ପଡୁନାହିଁ। ଅପରେଶନ ପରଦିନ ରୋଗୀ ଛିଡ଼ାହୋଇ ନିଜେ ପାଇଖାନା ଯାଇପାରୁଛି। ତୃତୀୟରୁ ଚତୁର୍ଥ ଦିନ ପାହାଚ ଚଢ଼ିପାରେ ଓ ପଞ୍ଚମ ଦିନ ଘରକୁ ଯାଇପାରେ। ୨୦ରୁ ୨୫ ବର୍ଷ ପର୍ଯ୍ୟନ୍ତ ଆଣ୍ଠୁରେ କୌଣସି ଅସୁବିଧା ହୁଏ ନାହିଁ। ଏହା ଦୁଇ ହାଡ଼ ମୁଣ୍ଡରେ ଥିବା କାର୍ଟିଲେଜ ଯେଉଁଟି ଖରାପ ହୋଇଯାଇଥାଏ, ତାକୁ ବଦଳାଇ ପ୍ଲାଷ୍ଟିକ କାର୍ଟିଲେଜକୁ ଏକ ସ୍ୱତନ୍ତ୍ର ଅଠା ଦ୍ୱାରା ଲଗାଇ ଦିଆଯାଏ। ବଙ୍କା ଆଣ୍ଠୁ ସିଧା ହୋଇଯାଏ। ଅପରେଶନ ପରେ ଦୀର୍ଘକାଳୀନ ଔଷଧର ଆବଶ୍ୟକତା ପଡ଼େନାହିଁ। ଦୁଇଟି ଆଣ୍ଠୁର ଅପରେଶନ ଏକା ସଙ୍ଗେ କରିବା ଫଳରେ ଖର୍ଚ୍ଚ ଓ କଷ୍ଟ ବିଶ୍ୱାସ ଆଣିପାରିଛନ୍ତି। ପୃଥିବୀରେ ଯେତେ ପ୍ରକାର ଅସ୍ତ୍ରୋପଚାର ଅଛି ଗଣ୍ଠି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ଆଖିର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପରି ଏକ ଉତ୍ତମ ଅସ୍ତ୍ରୋପଚାର। ଆଜିକାଲି ଅତ୍ୟାଧୁନିକ ଟେକ୍ନୋଲୋଜି ଯନ୍ତ୍ରପାତି ଯୋଗୁ ଦୁଇଟି ଆଣ୍ଠୁର ପ୍ରତ୍ୟାରୋପଣ ଏକାଦିନେ ଓ ଏକା ସାଙ୍ଗରେ କରାଯାଇପାରୁଛି। ଏହା ଆଣ୍ଠୁରୁ ଗୋଡ଼କୁ କାଲୁଆକରି କରାଯାଉଥିବା ଯୋଗୁ ବିପଦର କୌଣସି ଆଶଙ୍କା ନ ଥାଏ।

*-ମଡର୍ନ ଅର୍ଥୋ କ୍ଲିନିକ୍(କଳିଙ୍ଗ ଷ୍ଟାଡିୟମ ଦକ୍ଷିଣ ପାର୍ଶ୍ୱ)ନୟାପଲ୍ଲୀ,*
*ବେହେରାସାହି, ଭୁବନେଶ୍ୱର*
*ମୋ : ୯୪୩୮୦୦୦୨୦*

# ରୋଗ ପ୍ରତିରୋଧକ ଶକ୍ତି କମାଏ ଅତ୍ୟଧିକ ଥଣ୍ଡା ପାଣି

ଏବେ ତ ଗ୍ରୀଷ୍ମଋତୁ। ଲସି, ସର୍ବତ ବ୍ୟତୀତ ଥଣ୍ଡା ପାଣିର ଚାହିଦା କିଛି କମ୍ ନୁହେଁ। କେତେକେ ଅତ୍ୟଧିକ ଥଣ୍ଡା ପାଣି ପିଇବାକୁ ପସନ୍ଦ କରିଥାଆନ୍ତି। ହେଲେ ଏହା ଅଭ୍ୟାସରେ ପରିଣତ ହୋଇଗଲେ ତାହା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ରହିଥାଏ। ତେଣୁ ଆମେ ପିଉଥିବା ପାଣିର ତାପମାତ୍ରା ୨୦-୨୨ ଡିଗ୍ରୀ ସେଲ୍‌ସିୟସ ରହିବା ଆବଶ୍ୟକ। ସବୁବେଳେ ଅତ୍ୟଧିକ ଥଣ୍ଡା ପାଣି ପିଇଲେ ତାହା ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପ୍ରଥମ କଥା ହେଲା ଏହା ରୋଗ ପ୍ରତିରୋଧକ ଶକ୍ତିକୁ କମାଇଦିଏ। କେବଳ ସେତିକି ନୁହେଁ, ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଅତ୍ୟଧିକ ଥଣ୍ଡା ପାଣି ପିଇଲେ ତାହାକୁ ଡୋକିବାକୁ କିଛି ସମୟ ଲାଗିଥାଏ। କାରଣ ଏହି ପାଣିର ତାପମାତ୍ରା ଅଳ୍ପ ପରିମାଣରେ



ସାମାନ୍ୟ ହେବା ପରେ ତାହା ଗଳାରୁ ଖସିଥାଏ। ଏହାଦ୍ୱାରା ଟନ୍‌ସିଲଜନିତ ସମସ୍ୟା ଦେଖାଯିବା ଆଶଙ୍କା ଅଧିକ ଥାଏ। ସବୁବେଳେ ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ପେଟର ଅନ୍ତନଳୀ ସଙ୍କୁଚିତ ହୋଇଯାଇଥାଏ, ଯାହାଦ୍ୱାରା କଫଜନିତ ସମସ୍ୟା ଦେଖାଯାଏ। ଅତ୍ୟଧିକ ଥଣ୍ଡାପାଣି ପିଇବା ଅଭ୍ୟାସରେ ପରିଣତ ହେଲେ ତାହା ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥାଏ ବୋଲି ଆମେରିକୀୟ ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି।



ଟ୍ୟାବଲେଜ ବର୍ଷକୁ ୫ ଓ ଆସନ୍ତା ୫ ବର୍ଷରେ ୨୫ ଟି ରିଟେଲ ଷ୍ଟୋର ଖୋଲିବାର ଲକ୍ଷ୍ୟ ରଖିଛି। ଏହାର ଖେଳନା ପରେ ରିଟେଲ ସେଗ୍‌ମେଣ୍ଟରେ ଅଭିବୃଦ୍ଧି ଜାରି ରହିଛି।

– ଆଦିବ ଅହମ୍ମଦ, ଏମଡି, ଟ୍ୟାବ୍‌ଲେଜ



ଇଣ୍ଡିଆ ସିମେଣ୍ଟସର ଅଭିବୃଦ୍ଧି ଜାରି ରହିଛି। କମ୍ପାନୀର ଉତ୍ପାଦନ କ୍ଷମତା ୮୪%ରେ ପହଞ୍ଚିଯାଇଛି। ଆଗାମୀ ଦିନରେ ଏନ୍‌ଡିଏ ସରକାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରକୁ ଅଗ୍ରାଧିକାର ଦେଲେ କମ୍ପାନୀର ଆୟ ବଢ଼ିବ।

– ଏନ୍.ଶ୍ରୀନିବାସନ, ଉପାଧ୍ୟକ୍ଷ ତଥା ଏମ୍‌ଡି, ଇଣ୍ଡିଆ ସିମେଣ୍ଟସ ଲିମିଟେଡ

## ସଂକ୍ଷେପରେ

### ପରିସଂଖ୍ୟାନ ପ୍ରଣାଳୀରେ ସଂସ୍କାର ସପକ୍ଷରେ ନୀତି ଆୟୋଗ




ନୂଆଦିଲ୍ଲୀ,୨୬-୫: ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଭାରତୀୟ ପରିସଂଖ୍ୟାନ ପ୍ରଣାଳୀରେ ସଂସ୍କାର ଏବଂ ଏହାକୁ ଆଧୁନିକ ରୂପ ଦେବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ବାସ୍ତବିକ ସମୟର ପରିସଂଖ୍ୟାନ ମିଳିବ ଏବଂ ଏହାର ବ୍ୟବହାର ନୀତି ବିଶ୍ଳେଷଣରେ କରାଯାଇପାରିବ ବୋଲି ସେ କହିଛନ୍ତି। ଦେଶର ପରିସଂଖ୍ୟାନ ପ୍ରଣାଳୀକୁ ଆଧୁନିକ ରୂପ ଦେବା ଲାଗି ନୀତି ଆୟୋଗ ବିଶ୍ୱ ବ୍ୟାଙ୍କ ସହ ସମ୍ପର୍କ ରକ୍ଷା କରୁଛି ବୋଲି କୁମାର କହିଛନ୍ତି। ଦେଶର ପରିସଂଖ୍ୟାନ ପ୍ରଣାଳୀରେ ସୁଧାର, ଏହାକୁ ଆଧୁନିକ ରୂପ ଦେବା ତଥା ବିଶ୍ୱର ପରିସଂଖ୍ୟାନ ପ୍ରଣାଳୀ ସମକକ୍ଷ କରିବାର ଆବଶ୍ୟକତା ରହିଛି ବୋଲି ତାଙ୍କର ମତ ସ୍ପଷ୍ଟ ଥିବା କୁମାର କହିଛନ୍ତି। ସୂଚନାଥାଉ କି, ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ, ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନଙ୍କ ସମେତ ଅନେକ ବିଶେଷଜ୍ଞ ଦେଶରେ ସଂଶୋଧିତ ଆର୍ଥିକ ବୃଦ୍ଧି ହାର ପରିସଂଖ୍ୟାନକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଉଭୟ ରାଜନ ଓ ସୁବ୍ରମଣ୍ୟନ କହିଥିଲେ ଯେ, ବର୍ତ୍ତମାନ ଜାରି କରାଯାଇଥିବା ଜିଡିପି ତଥ୍ୟକୁ ନେଇ ସନ୍ଦେହ ଦୂର ହେବା ଆବଶ୍ୟକ। ଏଥିଲାଗି ଏକ କମିଟି ଗଠନ କରାଯିବା ଜରୁରୀ, ଯିଏ କି ଏହା ଉପରେ ତର୍ଜମା କରିପାରିବ। କୁମାର କହିଛନ୍ତି ଯେ, ନିକଟରେ ବିଶ୍ୱ ବ୍ୟାଙ୍କ ପ୍ରତିନିଧିମାନେ ତାଙ୍କୁ ସାକ୍ଷାତ କରିଥିଲେ। ଦେଶରେ ପରିସଂଖ୍ୟାନ ପ୍ରଣାଳୀକୁ ଆଧୁନିକ ରୂପ ଦେବା ନେଇ କିଭଳି ପଦକ୍ଷେପ ନିଆଯାଉଛି ସେମାନେ ଜାଣିବାକୁ ଚାହିଁଥିଲେ।

■ଜେପି ଇନ୍‌ଫ୍ରା ଦେବାଳିଆ ମାମଲା

### ୩୦ରେ ଋଣ ପ୍ରଦାନକାରୀଙ୍କ ବୈଠକ

ନୂଆଦିଲ୍ଲୀ,୨୬-୫: ଋଣରେ ବୁଡି ରହିଥିବା ଜେପି ଇନ୍‌ଫ୍ରାଟେକ୍‌ର ଋଣପ୍ରଦାନକାରୀ ଆସନ୍ତା ୩୦ରେ ବୈଠକରେ ବସିବେ। ରାଷ୍ଟ୍ରାୟତ୍ତ ଏନ୍‌ବିସିସିର ରିୟଲିଟି କମ୍ପାନୀ ଦ୍ୱାରା ଏହାର ଅଧିଗ୍ରହଣ ପାଇଁ ଦିଆଯାଇଥିବା ବିଡ୍, ଅଟକି ରହିଥିବା ଆବାସ ପ୍ରକଳ୍ପ ସଂକ୍ରାନ୍ତରେ ଏହି ବୈଠକରେ ନିଷ୍ପତ୍ତି ନିଆଯିବ। ଋଣପ୍ରଦାନକାରୀ କମିଟି(ସିଓସି)ର ବୈଠକରୁ ୧୩ ବ୍ୟାଙ୍କ ତଥା ୨୩ ହଜାର ଘର କ୍ରେତା ମତଦାନ କରିବାକୁ ଯାଉଛନ୍ତି। ଚଳିତ ମାସ ଆରମ୍ଭରେ ସିଓସି ସୁରକ୍ଷା ରିୟଲିଟିର ବିଡ୍‌କୁ ପ୍ରତ୍ୟାଖ୍ୟାନ କରିଥିଲେ। ଏନ୍‌ବିସିସିର ବିଡ୍ ଉପରେ ବିଚାର କରିବା ଲାଗି ପରେ ସିଓସି ରାଜି ହୋଇଛି।

### ୧୦୦ ବିମାନ ସହ ୪ର୍ଥ ସ୍ଥାନରେ ସ୍ପାଇସ୍‌ଜେଟ୍




ମୁମ୍ବାଇ,୨୬-୫: ଘରୋଇ ବିମାନ କମ୍ପାନୀ ସ୍ପାଇସ୍‌ଜେଟ୍ ରବିବାର ଏକ ବୋଇଂ ୭୩୭ ବିମାନକୁ ସାମିଲ କରିଛି। ଫଳରେ କମ୍ପାନୀ ନିକଟରେ ବିମାନ ସଂଖ୍ୟା ଏବେ ୧୦୦ରେ ପହଞ୍ଚିଗଲାଣି। ଏତେ ସଂଖ୍ୟକ ବିମାନ ରଖିବାରେ ଏୟାର ଇଣ୍ଡିଆ, ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍, ଇଣ୍ଡିଗୋ ପରେ ସ୍ପାଇସ୍‌ଜେଟ୍ ୪ର୍ଥ ଘରୋଇ ବିମାନ କମ୍ପାନୀ ହୋଇଛି। ବର୍ତ୍ତମାନ ୮ ଘରୋଇ ବିମାନ କମ୍ପାନୀ ଏୟାର ଇଣ୍ଡିଆ, ଇଣ୍ଡିଗୋ, ସ୍ପାଇସ୍‌ଜେଟ୍, ଗୋଏୟାର, ଏୟାର ଇଣ୍ଡିଆ ଏକ୍ସପ୍ରେସ୍, ଭିସ୍ତାରା, ଏୟାର ଏସିଆ ଓ ଆଲାଏନ୍ସ ନିକଟରେ ମୋଟରେ ୫୯୫ ବିମାନ ରହିଛି। ସ୍ପାଇସ୍‌ଜେଟ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇ କୁହାଯାଇଛି ଯେ, ଏହା ଗତମାସରେ ୨୩ ବିମାନ ସାମିଲ କରିଥିଲା। ଏ ସମ୍ପର୍କରେ କମ୍ପାନୀର ସିଏମ୍‌ଡି ଅଜୟ ସିଂ କହିଛନ୍ତି ଯେ, ୨୦୧୪ ଡିସେମ୍ବରରେ ବନ୍ଦ ହେବାକୁ ଯାଉଥିବା ସ୍ପାଇସ୍‌ଜେଟ୍‌ରେ ଆଜି ୧୦୦ ବିମାନ ସାମିଲ ହେବ କେହି ଭାବି ନ ଥିଲେ। କମ୍ପାନୀ ନିକଟରେ ଏବେ ୬୮ ବୋଇଂ ୭୩୭, ୩୦ ବମ୍ବାର୍ଡିୟର କ୍ୟୁ-୪୦୦ ଓ ୨ଟି ବି୭୩୭ ଫାଇଟର ବିମାନ ରହିଛି। ଏବେ ହାରାହାରି ୬୨ ସ୍ଥାନକୁ ଦୈନିକ ୫୭୫ ଥର ଉଡ଼ାଣ ଭରାଯାଉଛି।

■ସୁଇସ୍ ବ୍ୟାଙ୍କରେ କଳାଧନ

# ୧୧ ଭାରତୀୟଙ୍କୁ ନୋଟିସ୍

ନୂଆଦିଲ୍ଲୀ,୨୬-୫





ବ୍ୟାଙ୍କିଙ୍ଗ୍ ଗୋପନୀୟତାକୁ ନେଇ ବିଶ୍ୱରେ ସମାଲୋଚନାର ଶିକାର ହୋଇଆସୁଥିବା ସୁଇଜରଲାଣ୍ଡ ଏବେ ନିଜର ମତ ପରିବର୍ତ୍ତନ କରିଛି। ନିକଟ ଅତୀତରେ ଏହା ଭାରତୀୟଙ୍କ କଳାଧନ ସମ୍ପର୍କିତ ତଥ୍ୟ ପ୍ରଦାନ କରିବା ଆରମ୍ଭ କରିଛି। ଏହାକୁ ଦୃଷ୍ଟିରେ ରଖି ସୁଇଜରଲାଣ୍ଡ ୧୧ ଜଣ ଭାରତୀୟଙ୍କୁ ଗତ ସପ୍ତାହରେ ନୋଟିସ ଜାରି କରିଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ମାର୍ଚ୍ଚରୁ ଅତିକମ୍‌ରେ ୨୫ ଜଣ ଭାରତୀୟଙ୍କୁ ସୁଇଜରଲାଣ୍ଡ କର୍ତ୍ତୃପକ୍ଷ ନୋଟିସ ଜାରି କରିଛନ୍ତି। ଭାରତକୁ ସୂଚନା ଜାରି କରିବା ପୂର୍ବରୁ ବ୍ୟାଙ୍କ ଆକାଉଣ୍ଟଧାରୀଙ୍କୁ କର୍ତ୍ତୃପକ୍ଷ ଅପିଲ୍ ପାଇଁ ଅନ୍ତିମ ସୁଯୋଗ ଦେଇଛନ୍ତି। ସୂଚନା ଜାରି କରିବାର ଅଧିକାର ପାଇଥିବା ଫେଡେରାଲ ଟ୍ୟାକ୍ସ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ ବିଶ୍ୱର ବିଭିନ୍ନ ଦେଶକୁ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ସୂଚନା ପ୍ରଦାନ କରିବା ଆରମ୍ଭ କରାଯାଇଛି। ପ୍ରଦତ୍ତ ତଥ୍ୟ ବିଶ୍ଳେଷଣରୁ ଜଣାପଡିଛି ଯେ, ଗତ କେଇ ସପ୍ତାହ ହେଲା ସୁଇଜରଲ୍ୟାଣ୍ଡ ପକ୍ଷରୁ ଭାରତକୁ ସୂଚନା ପ୍ରଦାନ କରିବା କାର୍ଯ୍ୟ ଜୋରଦାର ହୋଇଛି। ମେ ୨୧ରେ ୧୧ ଜଣ ଭାରତୀୟଙ୍କୁ ଆଡମିନିଷ୍ଟ୍ରେଶନ ପକ୍ଷରୁ ନୋଟିସ ଜାରି କରାଯାଇଛି। ତେବେ ସୁଇସ୍ ସରକାରଙ୍କ ଗେଜେଟ୍‌ରେ ପ୍ରକାଶିତ ତଥ୍ୟରେ ଆକାଉଣ୍ଟଧାରୀଙ୍କ ନାମ ଗୋପନ ରଖାଯାଇଛି। ସେମାନଙ୍କ ସଂକ୍ଷେପ ନାମ, ସ୍ୱାକ୍ଷର, ଜାତୀୟତା ଏବଂ ଜନ୍ମତାରିଖ ପ୍ରକାଶ କରାଯାଇଛି। ତେବେ ଦୁଇ ଜଣ ଭାରତୀୟଙ୍କ ନାମ ସମ୍ପୂର୍ଣ୍ଣ ପ୍ରକାଶ କରାଯାଇଛି। ସେମାନେ ହେଲେ କ୍ରିଷ୍ଣା ଭଗବାନ ରାମଚନ୍ଦ(ମେ,୧୯୪୯ରେ ଜନ୍ମ) ଏବଂ କଲ୍ପେଶ ହର୍ଷଦ କିନାରିୱାଲା(ସେପ୍ଟେମ୍ବର, ୧୯୭୨ରେ ଜନ୍ମ)। ସେମାନଙ୍କ ସମ୍ପର୍କରେ ଅନ୍ୟ କୌଣସି ସୂଚନା ପ୍ରକାଶ କରାଯାଇନାହିଁ। ସଂକ୍ଷେପରେ ନାମ ଜାରି କରାଯାଇଥିବା ଅନ୍ୟ ଭାରତୀୟମାନେ ହେଲେ ଏ. ଏସ୍, ବି. କେ.(ଜନ୍ମ ନଭେମ୍ବର ୨୪,୧୯୪୪), ଏ.ବି.କେ(ଜନ୍ମ ୯ ଜୁଲାଇ, ୧୯୪୪), ପି.ଏ.ଏସ୍(ଜନ୍ମ ୨ ନଭେମ୍ବର, ୧୯୮୩), ଆର୍.ଏ.ଏସ୍(ଜନ୍ମ ୨୨ ନଭେମ୍ବର, ୧୯୭୩), ଏ.ପି.ଏସ୍(ଜନ୍ମ ୨୭ ନଭେମ୍ବର, ୧୯୪୪), ଏ.ଡି.ଏସ୍(ଜନ୍ମ ୧୪ ଅଗଷ୍ଟ, ୧୯୪୯), ଏମ୍.ଏଲ୍.ଏ(ଜନ୍ମ ୨୦ ମେ, ୧୯୩୫), ଏନ୍, ଏମ୍.ଏ(ଜନ୍ମ ୨୧ ଫେବୃଆର,୧୯୬୮) ଏବଂ ଏମ୍.ଏମ୍.ଏ(ଜନ୍ମ ୨୭ ଜୁନ୍, ୧୯୭୩)। ଜାରି କରାଯାଇଥିବା ନୋଟିସରେ ଆକାଉଣ୍ଟଧାରୀ ନିଜେ ଅଥବା ନିଜର ପ୍ରତିନିଧିଙ୍କ ଜରିଆରେ ଅପିଲ୍ ଦାଖଲ କରିବାକୁ କୁହାଯାଇଛି। ଆସନ୍ତା ୩୦ ଦିନ ଭିତରେ ସମସ୍ତ କାଗଜପତ୍ର ସହ ଅପିଲ କରିବାକୁ ହେବ ବୋଲି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୭ରେ ରତନ ସିଂ ଚୌଧୁରୀ ନାମକ ଅନ୍ୟ ଭାରତୀୟଙ୍କୁ ନୋଟିସ ଜାରି କରି ସୁଇସ୍ କର୍ତ୍ତୃପକ୍ଷ ଅପିଲ କରିବା ଲାଗି ୧୦ ଦିନ ସମୟ ଦେଇଥିଲେ। ସେହିପରି ମେ ୧୪ରେ ଆର୍.ପି.ଏନ୍ ନାମକ ଜଣେ ଭାରତୀୟଙ୍କୁ ୩୦ ଦିନ ସମୟ ଦିଆଯାଇଥିଲା।

## ଅଶୋକ ଗୁଲାଟି ହୋଇପାରନ୍ତି କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ,୨୬-୫



ଆସନ୍ତା ୩୦ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦ୍ୱିତୀୟଥର ଶପଥଗ୍ରହଣ କରିବାକୁ ଯାଉଛନ୍ତି। ତେବେ କୃଷି ମନ୍ତ୍ରୀ ଭାବେ ରାଧାମୋହନ ସିଂ ଏନ୍‌ଡିଏ ସରକାରରେ ବିଫଳ ହେବା ପରେ ତାଙ୍କ ସ୍ଥାନ କିଏ ନେବ ସେ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ବିଶିଷ୍ଟ କୃଷି ବିଶେଷଜ୍ଞ ଅଶୋକ ଗୁଲାଟିଙ୍କୁ ଚୟନ କରି ମୋଦି ଏଥର ମଧ୍ୟ ସମସ୍ତଙ୍କୁ ଚମକାଇ ଦେବେ ବୋଲି ମନେ କରାଯାଉଛି। ସର୍‌ପ୍ରାଇଜ ବା ଚକିତ କରିବାରେ ତାଙ୍କର ତୁଳନା ନାହିଁ। ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ରାମନାଥ କୋବିନ୍ଦ, ମନ୍ତ୍ରୀ ଭାବେ କେ.ଜେ.ଆଲ୍‌ଫୋନ୍ସ ଓ ହରଦୀପ ସିଂହ ପୁରୀଙ୍କ ନାମ ସୁପାରିସ କରି ପ୍ରଧାନମନ୍ତ୍ରୀ ମୋଦି ସମସ୍ତଙ୍କୁ ଚମକାଇ ଦେଇଥିଲେ। କୃଷି ମନ୍ତ୍ରୀ ଭାବେ ରାଧାମୋହନ ସିଂଙ୍କ କାର୍ଯ୍ୟକାଳ ପ୍ରଭାବହୀନ ଥିଲା। ଚାଷୀଙ୍କ ପାଇଁ ସେଭଳି ପଦକ୍ଷେପ ନିଆ ନ ଯିବାରୁ ଭାଜପା ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କ୍ଷମତାଚ୍ୟୁତ ହୋଇଥିଲା। ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ଯୋଗୁ ଏନ୍‌ଡିଏ ସରକାର ସମାଲୋଚନାର ସରବ୍ୟ ହୋଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କୃଷି ମନ୍ତ୍ରୀ ଭାବେ ଗୁଲାଟିଙ୍କ ନାମକୁ ନେଇ ମୋଦି ବିଚାର କରୁଛନ୍ତି। କୃଷି ଅର୍ଥନୀତିଜ୍ଞ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଛି। ସରକାରଙ୍କ ପକ୍ଷରୁ କୃଷିଜାତ ଫସଲର ମୂଲ୍ୟ ନିର୍ଦ୍ଧାରଣ ତଥା ଖାଦ୍ୟଯୋଗାଣ ବିଷୟ ବୁଝୁଥିବା ଏଗ୍ରିକଲ୍‌ରାଲ କଷ୍ଟ ଆଣ୍ଡ ପ୍ରାଇସେସ୍ କମିଶନର ସେ ପୂର୍ବତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ।

## ପାତ୍ରପଡାରେ ଶ୍ରୀଦୁର୍ଗାର ନୂଆ ଶୋ'ରୁମ




ଭୁବନେଶ୍ୱର,୨୬-୫

■ପୁରୁଷ,ମହିଳାଙ୍କ ପରିଧାନ, ହୋମ ଫର୍ନିସିଂ, ଘରୋଇ ସାଜସଜ୍ଜା ସାମଗ୍ରୀ ଉପଲବ୍ଧ

■ ଅଧିକ ଷ୍ଟୋର ଖୋଲିବା ଯୋଜନା

■ ଇ-କମର୍ସ ପ୍ଲାଟଫର୍ମରେ ଆସିବ

ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶାଢି ଏବଂ ଗାର୍ମେଣ୍ଟ ରିଟେଲର ଶ୍ରୀଦୁର୍ଗା ସ୍ଥାନୀୟ ପାତ୍ରପଡାରେ ନୂଆ ଶୋ'ରୁମ ଶୁଭାରମ୍ଭ କରିଛି। ବ୍ରହ୍ମପୁରରେ ଏହା ପ୍ରଥମ ଶୋ'ରୁମ ଖୋଲିଥିବା ବେଳେ ଭୁବନେଶ୍ୱରର ରାଜମହଲ ପରେ ଏହା ତୃତୀୟ ଶୋ'ରୁମ। ନୂଆ ଷ୍ଟୋରକୁ ଶ୍ରୀଦୁର୍ଗାର ଏମ୍‌ଡି କେ.ନିର୍ମଳ କୁମାର ଏବଂ ନିର୍ଦ୍ଦେଶକ କେ.ରବି କୁମାର ଶୁଭାରମ୍ଭ କରିଥିଲେ। ୧୦,୦୦୦ ବର୍ଗଫୁଟ ସ୍ଥାନରେ ଏହି ଶୋ'ରୁମ ଖୋଲିଛି। ଏଠାରେ ପୁରୁଷ ଏବଂ ମହିଳାଙ୍କ ପରିଧାନ ସାମଗ୍ରୀ ସମେତ ହୋମ ଫର୍ନିସିଂ, ଘରୋଇ ସାଜସଜ୍ଜା ଉପକରଣ ମିଳି ପାରିବ। ଏହି ଅବସରରେ ପୁରୁଷ ବର୍ଗରେ ଭବ୍ୟ ଉତ୍ସବ ପରିଧାନ ଭେଟି ଦେବା ପାଇଁ 'ସଂସ୍କୃତି' ନାମରେ ଏକ ବିଭାଗ ଶୁଭାରମ୍ଭ ହୋଇଛି। ଷ୍ଟୋରରେ ମହିଳାଙ୍କ ଲାଗି ଶାଢ଼ି, ବ୍ରାଣ୍ଡେଡ ପୋଷାକ, ପୁରୁଷ ଏବଂ ମହିଳାଙ୍କ ବର୍ଗରେ ବ୍ରାଣ୍ଡେଡ ଡିଜାଇନର ପରିଧାନ, ବ୍ରାଇଡାଲ କଲେକ୍ସନ, ଲେଦର ସାମଗ୍ରୀ ଉପଲବ୍ଧ। ଆଗାମୀ ଦିନରେ ଅଧିକ ଷ୍ଟୋର ଖୋଲିବା ନେଇ ଯୋଜନା ରହିଥିବା ଏମ୍‌ଡି କେ.ନିର୍ମଳ କୁମାର କହିଛନ୍ତି। ଗ୍ରାହକଙ୍କ ପସନ୍ଦକୁ ସର୍ବଦା ପ୍ରାଥମିକତା ଦିଆଯାଉଥିବା ବେଳେ ୨୦୨୧ ସୁଦ୍ଧା ଇ-କମର୍ସ ପ୍ଲାଟଫର୍ମରେ ଶ୍ରୀଦୁର୍ଗା ପ୍ରବେଶ କରିବ ବୋଲି ନିର୍ଦ୍ଦେଶକ କେ.ରବି କୁମାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କେ.ଚରଣ କୁମାର, କେ.ତିରୁମଲ କୁମାର, କେ.ଦର୍ଶନ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ରପ୍ତାନିକାରୀଙ୍କ ଲାଗି ଜିଏସ୍‌ଟି ରିଫଣ୍ଡ ପ୍ରକ୍ରିୟାରେ ପରିବର୍ତ୍ତନ

ନୂଆଦିଲ୍ଲୀ,୨୬-୫




ରପ୍ତାନିକାରୀଙ୍କ ଲାଗି ଜିଏସ୍‌ଟି ପ୍ରକ୍ରିୟାକୁ ସରଳ କରିବା ତଥା ଏଥିରେ ଗତିଶୀଳତା ଆଣିବା ଲକ୍ଷ୍ୟରେ ଅର୍ଥ ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ଯାଉଛି। ଏହା ଅଧୀନରେ ଜିଏସ୍‌ଟି ରିଫଣ୍ଡକୁ ମଞ୍ଜୁରୀ ତଥା ପ୍ରୋସେସିଂ ଉଭୟ କାମକୁ ଗୋଟିଏ ବ୍ୟବସ୍ଥା ବା ପ୍ରାଧିକରଣ କରିବ। ବର୍ତ୍ତମାନ ବ୍ୟବସ୍ଥାରେ ରପ୍ତାନିକାରୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟର ଟିକସ ଅଧିକାରୀଙ୍କଠାରୁ ଅନୁମତି ନେବାକୁ ପଡୁଛି। ଅଗଷ୍ଟରୁ ଏହି ବ୍ୟବସ୍ଥା ରେ ପରିବର୍ତ୍ତନ କରାଯିବ। ନୂଆ ବ୍ୟବସ୍ଥାରେ ଦୁଇଟି ବଦଳରେ ଗୋଟିଏ ସ୍ଥାନରେ ପ୍ରାଧିକରଣ ଜିଏସ୍‌ଟି ରିଫଣ୍ଡକୁ ମଞ୍ଜୁରି ତଥା ପ୍ରକ୍ରିୟାକରଣ କରିବ। ରାଜସ୍ୱ ବିଭାଗ ପକ୍ଷରୁ ଏଥିନେଇ କାମ ଚାଲିଛି। ତଦନୁଯାୟୀ, ଟିକସଦାତାଙ୍କ ଦାବି ମଞ୍ଜୁର ହେବା ପରେ ଅଧିକାରୀଙ୍କଠାରୁ ସମ୍ପୂର୍ଣ୍ଣ ରିଫଣ୍ଡ ମିଳିଯିବ। ବର୍ତ୍ତମାନ ଟିକସଦାତାଙ୍କ ରିଫଣ୍ଡ ଦାବି ମଞ୍ଜୁର କରି କେନ୍ଦ୍ରୀୟ ଟିକସ ଅଧିକାରୀ ୫୦ ପ୍ରତିଶତ ରିଫଣ୍ଡ କରିଦିଅନ୍ତି ଏବଂ ବାକି ଅଧା ରାଶି ରାଜ୍ୟ ଟିକସ ଅଧିକାରୀ ସମ୍ପୂର୍ଣ୍ଣ ଯାଞ୍ଚ ପରେ ଦେଇଥାନ୍ତି। ଜିଏସ୍‌ଟି ରିଫଣ୍ଡ ଲାଗି ରାଜ୍ୟ ଟିକସ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଗଲେ ମଧ୍ୟ ସମାନ ବ୍ୟବସ୍ଥା ପାଳନ କରାଯାଉଛି। ଏହି କାରଣରୁ ରିଫଣ୍ଡ ମିଳିବା ବିଳମ୍ବିତ ହେଉଛି। ଫଳରେ ରପ୍ତାନିକାରୀଙ୍କୁ ନଗଦ ସଙ୍କଟର ସାମ୍ନା କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରଣାଳୟ ଗୋଟିଏ ପ୍ରକାର ବ୍ୟବସ୍ଥା ଆପଣାଇବାକୁ ଯାଉଛି।

### ସାଓମିର ନୂଆ ରେଡମି ନୋଟ ୭ ଏସ୍

ଭୁବନେଶ୍ୱର,୨୬-୫

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ସାଓମି ପକ୍ଷରୁ ନୂଆ ରେଡମି ନୋଟ ୭ ଏସ୍ ବଜାରକୁ ଆସିଛି। ଏଥିରେ ୪୮ ଏମ୍‌ପି କ୍ୟାମେରା ସ୍ଥାନିତ ହୋଇଛି। କ୍ରିଓ ପ୍ରୋସେସିଂ ବ୍ୟତୀତ କ୍ୟାଲକମ୍ ସ୍ନାପଡ୍ରାଗନ ୬୬୦ ଭଳି ଅନ୍ୟ ଫିଚର ଏଥିରେ ରହିଛି। ଏମ୍‌ଆଇ ପ୍ରେମୀଙ୍କୁ ରୋମାଞ୍ଚକ ସୁବିଧା ସୁଯୋଗ ସହ ଉତ୍କୃଷ୍ଟ ଫଟୋଗ୍ରାଫି ଅଭିଜ୍ଞତା ଏବଂ ଉପଭୋଗ କରିବାର କ୍ଷମତା ପ୍ରଦାନ କରୁଛୁ ବୋଲି ସାଓମି ଇଣ୍ଡିଆର ମୁଖ୍ୟ ମାର୍କେଟି ଅଧିକାରୀ ଅନୁଜ ଶର୍ମା କହିଛନ୍ତି। ଏହା ୩ ଜିବି+୩୨ ଜିବି ଏବଂ ୪+୬୪ ଜିବି ଭାରିଆଣ୍ଟରେ ଆସୁଛି। ଏଗୁଡିକର ବଜାର ଦର ଯଥାକ୍ରମେ ୧୦,୯୯୯ ଏବଂ ୧୨,୯୯୯ ଟଙ୍କା ରହିଛି। ସାଫିରେ ବ୍ଲୁ,ରୁବି ରେଡ, ଓନିକ୍ସ ବ୍ଲାସ ରଙ୍ଗରେ ଉପଲବ୍ଧ।


### ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ଉଲ୍ଲେଖନୀୟ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୬-୫

୨୦୦୪ ପରଠାରୁ ଦେଶରେ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ଅଭିବୃଦ୍ଧି ଉଲ୍ଲେଖନୀୟ ରହିଛି। ନିର୍ବାଚନର ପ୍ରଭାବ ବର୍ତ୍ତମାନ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି। ଏଥିଯୋଗୁ ବଜାର କିଛି ମାସ ଧରି ଅସ୍ଥିର ରହିଛି। ତେବେ ସମ୍ପତ୍ତି ସୃଷ୍ଟି ଲାଗି ଆଗ୍ରହୀ ନିବେଶକ ନିଜର କାର୍ଯ୍ୟଧାରାକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ରହିଛି ବୋଲି ୟୁଟିଆଇ ଏଏମ୍‌ସି ଫଣ୍ଡ ମ୍ୟାନେଜର ତଥା ଗବେଷଣା ମୁଖ୍ୟ ବରିଷ୍ଠ ଉପସଭାପତି ସଚିନ୍ ତ୍ରିବେଦୀ ପରାମର୍ଶ ଦେଇଛନ୍ତି। ଦୃଢ ଆୟର ମାନ ରଖୁଥିବା ଷ୍ଟକ ବାଛିବା ପୁଞ୍ଜି ନିବେଶର କୌଶଳ ବୋଲି ସେ କହିଛନ୍ତି। ସେହିଭଳି ମଧ୍ୟମ ଏବଂ ଦୀର୍ଘ ମିଆଦୀ ଭିତ୍ତିରେ ଯେଉଁ ଷ୍ଟକ୍‌ର ଅଭିବୃଦ୍ଧି ରହିଥିବ ତାକୁ ବାଛିବା ଆବଶ୍ୟକ ବୋଲି ତ୍ରିବେଦୀ କହିଛନ୍ତି। ସେହିଭଳି ମ୍ୟୁଚୁଆଲ ଫଣ୍ଡର ନିବେଶ ଧାରାକୁ ଦେଖିଲେ ଜଣାଯିବ ଯେ, ୨୦୧୬ ଏପ୍ରିଲ ମାସ ବେଳକୁ ଏସ୍‌ଆଇପି ପ୍ରବାହ ୩୦୦୦ କୋଟି ଟଙ୍କା ଥିବା ବେଳେ ଏହା ୨୦୧୯ ମାର୍ଚ୍ଚରେ ୮୦୦୦ କୋଟି ଟଙ୍କା ଟପିଛି। ଏହି ହାରରେ ଦେଖିଲେ ଇକ୍ୟୁଟି ଏଏମ୍‌ୟୁକୁ ବାର୍ଷିକ ଏସ୍‌ଆଇପି ପ୍ରବାହର ଅବଦାନ ୧ଲକ୍ଷ କୋଟି ଟଙ୍କା ରହିବ ବୋଲି ସେ କହିଛନ୍ତି।

## ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁଜବ

ନୂଆଦିଲ୍ଲୀ,୨୬-୫



କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ପ୍ରଚାର ଏକ ଗୁଜବ ବୋଲି ସରକାରୀ ମୁଖପାତ୍ର କହିଛନ୍ତି। ସୋସିଆଲ ମିଡିଆରେ ହେଉଥିବା ପ୍ରଚାର ସମ୍ପୂର୍ଣ୍ଣ ଭୁଲ୍ ଏବଂ ଭିତ୍ତିହୀନ ବୋଲି ସେ କହିଛନ୍ତି। ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ମହାନିର୍ଦ୍ଦେଶକ ତଥା କେନ୍ଦ୍ର ସରକାରଙ୍କ ମୁଖପାତ୍ର ସିତାଂଶୁ କର ରବିବାର ଟୁଇଟର୍‌ରେ ଲେଖିଛନ୍ତି ଯେ, ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଛି ବୋଲି କେତେକ ମିଡିଆରେ ଚାଲିଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଭଳି ଗୁଜବରୁ ଦୂରେଇ ରହିବା ଲାଗି ମିଡିଆକୁ ପରାମର୍ଶ ଦିଆଯାଉଛି। ଉଲ୍ଲେଖଥାଉ କି, ନୂଆ ସରକାରଙ୍କ ଦ୍ୱାରା ଉପସ୍ଥାପିତ ହେବାକୁ ଥିବା ୨୦୧୯-୨୦ର ପୂର୍ଣ୍ଣାଙ୍ଗ ବଜେଟ୍ ସମ୍ପର୍କରେ ଶୁକ୍ରବାର ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କର କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଥିଲା। ଏଥିପାଇଁ ତାଙ୍କୁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ନେବାକୁ ପଡୁଛି।

## ହୋଣ୍ଡା ଆକ୍ଟିଭ ଇଣ୍ଡିଆ କ୍ୟାମ୍ପେନରେ ୬୨ ଲକ୍ଷ ସାମିଲ

ଭୁବନେଶ୍ୱର,୨୬-୫

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମତଦାନ ସଚେନତତା ଲାଗି ଗ୍ରହଣ କରାଯାଇଥିବା ଆକ୍ଟିଭ ଇଣ୍ଡିଆ କ୍ୟାମ୍ପେନରେ ୬୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଛନ୍ତି। ଆକ୍ଟିଭ ଇଣ୍ଡିଆନ ଭାବେ 'କୋଇ ସିଟ୍ ନ ଯାଏ ଖାଲି' ପଦକ୍ଷେପରେ ଏହି ଲୋକମାନେ ନିଜର ଯୋଗଦାନ ରଖିଛନ୍ତି। ପୋଲିଂ ବୁଥ ଗୁଡିକୁ ଏମାନେ ମାଗଣା ପିକ୍ ଏବଂ ଡ୍ରପ ସେବା ଯୋଗାଇ ଦେଇଛନ୍ତି। ୬ ଏପ୍ରିଲରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦେଶର ୬୦ ପ୍ରମୁଖ ସହରରେ ଅନୁଷ୍ଠିତ ହୋଇଥିଲା। ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

## ଏସ୍‌ବିଆଇ ୟୁନୋ ଶ୍ରୀତତ୍ତ୍ୱ ସହଭାଗିତା

ଭୁବନେଶ୍ୱର,୨୬-୫

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ(ଏସ୍‌ବିଆଇ) ୟୁନୋ ଏବଂ ଆର୍ଟ ଅଫ୍ ଲିଭିଙ୍ଗର ଏଫ୍‌ଏମ୍‌ସିଜି ଶାଖା ଶ୍ରୀତତ୍ତ୍ୱ ଷ୍ଟ୍ରାଟେଜିକ ସହଭାଗିତାରେ ସାମିଲ ହୋଇଛନ୍ତି। ଏହା ଦ୍ୱାରା ଶ୍ରୀତତ୍ତ୍ୱର ଖାଦ୍ୟ, ସ୍ୱାସ୍ଥ୍ୟ ସାମଗ୍ରୀ, ପର୍ସନାଲ କେୟାର ପ୍ରଡକ୍ଟ, ଘରୋଇ ଉପକରଣ ଭଳି ୩୫୦ରୁ ଅଧିକ ପ୍ରଡକ୍ଟ ଉପରେ ୟୁନୋ ବ୍ୟବହାରକାରୀମାନେ ୧୫% ରିହାତି ପାଇ ପାରିବେ। ଶ୍ରୀତତ୍ତ୍ୱ ସହ ଏହି ସହଭାଗିତାରେ ସାମିଲ ହୋଇ ବେଶ ଖୁସି ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି। ୟୁନୋର ଅନ୍‌ଲାଇନ ବଜାରକୁ ଦୃଢ କରିବା ଦିଗରେ ଏହି ପଦକ୍ଷେପ ସହାୟକ ହୋଇ ପାରିବ ବୋଲି ସେ ସୂଚନା ଦେଇଛନ୍ତି।

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ୍ ନଂ 11-2F/473 ଟିକୁ ଶ୍ରୀ ଲିଙ୍ଗରାଜ ପ୍ରସାଦ ଦାସ, ପିତା – ୰ ଆର୍ତ୍ତବନ୍ଧୁ ଦାସ, ସା/ପୋ – ଛୋଟି, ଥା/ଜିଲ୍ଲା – କେନ୍ଦ୍ରାପଡାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଲିଙ୍ଗରାଜ ପ୍ରସାଦ ଦାସ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଜଗବନ୍ଧୁ ସାହୁ, ପିତା – ୰ ମୁକ୍ଷେଇ ସାହୁ, ସା – କୁନିତା, ପୋ – ଜୟନ୍ତରା, ଥା – ମଙ୍ଗଳପୁର, ଜିଲ୍ଲା – ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସଚିବ

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ୍ ନଂ 11-1D/124 ଟିକୁ ଶ୍ରୀ ରଶ୍ମୀ ରଞ୍ଜନ ମହାରଣା, ପିତା – ୰ନରେନ୍ଦ୍ର ମହାରଣା, ସା – ତିନିକୋଣିଆ ବଗିଚା, ପୋ – ବକ୍ସିବଜାର, ଥା – ଦରଘାବଜାର, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ରଶ୍ମି ରଞ୍ଜନ ମହାରଣା ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଉପାଳିଅପରାଜିତା ପଟ୍ଟନାୟକ, ସ୍ୱାମୀ – ଶ୍ରୀ ଜୟ ପ୍ରକାଶ ଦାସ, ସା – ଏମ.ବି–୯୩, ବଡଗଡ ବ୍ରିଟ କଲୋନୀ, ପୋ – ବଡଗଡ ବ୍ରିଟ କଲୋନୀ, ଥା – ବଡଗଡ ବ୍ରିଟ, ଜିଲ୍ଲା – ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସଚିବ

# ପାଞ୍ଚ ସ୍ମରଣୀୟ ମ୍ୟାଚ

କ୍ରିକେଟ ବିଶ୍ୱକପର ୪୪ ବର୍ଷ ଇତିହାସରେ ଅନେକ ସ୍ମରଣୀୟ ଘଟଣା ଘଟିଛି। ସେଥିମଧ୍ୟରୁ ୫ ସ୍ମରଣୀୟ ମ୍ୟାଚକୁ ନେଇ ଏହି ଉପସ୍ଥାପନା..

## ୧୯୭୫ ଗିଲମୋରଙ୍କ ଶ୍ରେଷ୍ଠ ଦିନ


ଟୁର୍ନାମେଣ୍ଟ ଆୟୋଜକ ଇଂଲଣ୍ଡ ସେମିଫାଇନାଲରେ ନିଜର ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଭେଟିଥିଲା। ଏହି ମ୍ୟାଚରେ ଫାଷ୍ଟବୋଲର ଡେନିସ ଲିଲି ଓ ଜେଫ୍ ଥମ୍ପସନଙ୍କୁ ମୁକାବିଲା କରିବା ସହଜ ହେବନି ବୋଲି ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ଜାଣିଥିଲେ। ମାତ୍ର ଏହି ଦୁଇ ବୋଲର ଘାତକ ସାବ୍ୟସ୍ତ ହେବା ପରିବର୍ତ୍ତେ ୨୩ ବର୍ଷୀୟ ବାମହାତୀ ସୁଇଂ ବୋଲର ଗ୍ୟାରୀ ଗିଲମୋର ୧୪ ରନ ଦେଇ ୬ଟି ଉଇକେଟ ହାସଲ କଲେ। ଫଳରେ ଇଂଲଣ୍ଡ ମାତ୍ର ୯୩ ରନରେ ଅଲଆଉଟ ହୋଇଥିଲା। ତେବେ ଇଂଲଣ୍ଡ ପରି ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୯ ରନ ମଧ୍ୟରେ ୬ଟି ଉଇକେଟ ହରାଇଥିଲା। ହେଡିଂଲେ ଘରୋଇ ଗ୍ରାଉଣ୍ଡରେ କ୍ରିସ୍ ଓଲ୍ଡ ୩ ଉଇକେଟ ନେଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲେ। ତେବେ ଗିଲମୋର ୨୮ ରନରେ ନଟଆଉଟ ରହିବା ସହ ଡଗ୍ ୱାଲ୍ଟର୍ସଙ୍କ ସହ ଅପରାଜିତ ଭାଗୀଦାରି ଗଢ଼ି ଅଷ୍ଟ୍ରେଲିଆକୁ ଫାଇନାଲରେ ପହଞ୍ଚାଇଥିଲେ।



ଗ୍ୟାରୀ ଗିଲମୋର

## ୧୯୮୩ କପିଳ ଦେବଙ୍କ ଚମତ୍କାରୀ ଶତକ

ଏହି ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଜିମ୍ବାୱେର ମନୋବଳ ବହୁ ଉପରେ ଥିଲା। ଦଳ ଭାରତ ବିପକ୍ଷରେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଡେନ୍‌କାନ୍ ଫ୍ଲେଚରଙ୍କ ନେତୃତ୍ୱାଧୀନ ଜିମ୍ବାୱେ ୧୭ ରନ ମଧ୍ୟରେ ଭାରତର ୫ଟି ଉଇକେଟ ପତନ ଘଟାଇ ବଡ଼ ବିପର୍ଯ୍ୟୟ ଘଟାଇବା ଦିଗରେ ମଧ୍ୟ ଅଗ୍ରସର ହୋଇଥିଲା। ମାତ୍ର ଭାରତ ଅଧିନାୟକ କପିଳ ଦେବ ଏକ ଚମତ୍କାର ଇନିଂସ ଖେଳି ୧୩୮ ବଲ୍‌ରୁ ୧୭୫ ରନ ସଂଗ୍ରହ ସହ ଅପରାଜିତ ରହିବା ଫଳରେ ଭାରତ ୬୦ ଓଭରରେ ୮ ଉଇକେଟ ହରାଇ ୨୬୬ ରନ କରିବାକୁ ସକ୍ଷମ ହୋଇଥିଲା। ନିଜ ଇନିଂସ ମଧ୍ୟରେ କପିଳ ୧୬ ଚୌକା ଓ ୬ ଛକା ମାରିଥିଲେ। ଭାରତ ୭୮ ରନରେ ୭ମ ଓ ୧୪୦ ରନରେ ୮ମ ଉଇକେଟ ହରାଇଥିଲେ ହେଁ ଉଇକେଟ କିପର ସୟଦ କିର୍ମାନୀଙ୍କ ୨୪ ରନର ଅବଦାନ ମଧ୍ୟ ବହୁ ମୂଲ୍ୟବାନ ଥିଲା। ବିବିସି ଟେକ୍ନିସିଆନଙ୍କ ଧର୍ମଘଟ ଯୋଗୁ ଏହି ମ୍ୟାଚ ଟିଭିରେ ପ୍ରସାରଣ ହୋଇପାରି ନ ଥିଲା। କପିଳଙ୍କ ଏହି ଇନିଂସ କେବଳ ଜିମ୍ବାୱେକୁ ପରାସ୍ତ କରି ନ ଥିଲା, ଏହି ବିଶ୍ୱକପରେ ଭାରତକୁ ଚାମ୍ପିୟନ କରାଇବାରେ ବଡ଼ ଭୂମିକା ନିର୍ବାହ କରିଥିଲା। ଏଥିରେ ନିଜର ବଳିଷ୍ଠ ନେତୃତ୍ୱ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ କପିଳ।



କପିଳ ଦେବ



ଆଲାନ୍ ଡୋନାଲ୍ଡଙ୍କୁ ରନ୍ ଆଉଟ୍ କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ

## ୧୯୯୯ ଚର୍ଚ୍ଚିତ ଟାଇ ମ୍ୟାଚ

ବିଶ୍ୱକପ ଇତିହାସରେ ଏହା ସମ୍ଭବତଃ ସବୁଠାରୁ ଚର୍ଚ୍ଚିତ ଟାଇ ମ୍ୟାଚ। ଏଜବାଷ୍ଟନ ଗ୍ରାଉଣ୍ଡରେ ଅନୁଷ୍ଠିତ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମାତ୍ର ୨୧୩ ରନକରି ଅଲଆଉଟ ହୋଇ ଯାଇଥିଲା। ଦ୍ରୁତ ବୋଲର ଶନ୍ ପୋଲକ ୩୬ ରନରେ ୫ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲେ ହେଁ ମିଡଲ ଅର୍ଡରରେ ଜଣ୍ଟି ରୋଡ୍ସ ଓ ଜ୍ୟାକ୍ସ କାଲିସ ଆକର୍ଷଣୀୟ ବ୍ୟାଟିଂ କରି ଦଳକୁ ବିଜୟର ନିକଟତର କରାଇଥିଲେ। ଶେଷ ଓଭରରେ ହାତରେ ୧ ଉଇକେଟ ବାକିଥାଇ ବିଜୟ ପାଇଁ ଦକ୍ଷିଣ ଆଫ୍ରିକା ମାତ୍ର ୯ ରନ ଆବଶ୍ୟକ କରୁଥିଲା। ଫର୍ମରେ ଥିବା ଲାନ୍ସ କ୍ଲୁଜନର କ୍ରିଜରେ ଥିବାରୁ ଦକ୍ଷିଣ ଆଫ୍ରିକା ବିଜୟ ସମ୍ଭାବନା ମଧ୍ୟ ଅଧିକ ରହିଥିଲା। କ୍ଲୁଜନର ଶେଷ ଓଭରର ପ୍ରଥମ ଦୁଇ ବଲ୍‌କୁ ଚୌକା ମାରିବାରୁ ଅବଶିଷ୍ଟ ୪ ବଲ୍‌ରୁ ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ ଆବଶ୍ୟକ କରୁଥିଲା। ୩ୟ ବଲ୍‌ରୁ ରନ ହୋଇ ନ ଥିଲା। ୪ର୍ଥ ବଲ୍‌ରୁ କ୍ଲୁଜନର ମିଡ୍‌ଅନ୍ ଅଞ୍ଚଳକୁ ଖେଳି ସିଙ୍ଗଲ ନେବା କଲ୍ ଦେଇଥିଲେ। ମାତ୍ର ଆଲାନ ଡୋନାଲ୍ଡ ତାଙ୍କ କଲ୍ ଶୁଣିପାରି ନ ଥିଲେ। ସେ ବିଳମ୍ବରେ ଷ୍ଟାର୍ଟ ନେଇଥିବାବେଳେ ଚାପର ବଶବର୍ତ୍ତୀ ହୋଇ ହାତରୁ ବ୍ୟାଟ୍ ମଧ୍ୟ ଖସାଇ ଦେଇଥିଲେ। ମାର୍କ ୱ ବଲ୍‌କୁ ଫିଲ୍ଡିଂ କରି ବୋଲର ଡାମିଏନ ଫ୍ଲେମିଂଙ୍କ ନିକଟକୁ ଦେଇଥିଲେ ଏବଂ ଫ୍ଲେମିଂ ଉଇକେଟ କିପର ଆଡାମ ଗିଲକ୍ରିଷ୍ଟଙ୍କୁ ତାହା ପାସ୍ କରି ଦେଇଥିଲେ। ଡୋନାଲ୍ଡଙ୍କୁ ଗିଲକ୍ରିଷ୍ଟ ରନଆଉଟ କରିବା ସହ ମ୍ୟାଚ ଟାଇ ହୋଇ ଯାଇଥିଲା। ଫଳରେ ଦକ୍ଷିଣ ଆଫ୍ରିକାର ଅଭିଯାନ ଏହିଠାରୁ ଶେଷ ହୋଇଥିଲା ଏବଂ ଉନ୍ନତ ରନ ହାରରେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

## ୨୦୧୫ ଦକ୍ଷିଣ ଆଫ୍ରିକାର ହୃଦୟ ଭାଙ୍ଗିଲେ ଇଲିଅଟ

ଅକ୍‌ଲାଣ୍ଡରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଫାଫ୍ ଡୁପ୍ଲେସି ଓ ଏବି ଡିଭିଲର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୨୮୧ ରନ କରିଥିଲା। ବର୍ଷା ଯୋଗୁ ମ୍ୟାଚ ୪୩ ଓଭର ବିଶିଷ୍ଟ ହୋଇଥିଲା ଏବଂ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୯୮ ରନ ଟାର୍ଗେଟ ହୋଇଥିଲା। ଲକ୍ଷ୍ୟ କଷ୍ଟସାଧ ମନେ ହେଉଥିବାବେଳେ ଜୋହାନ୍ସବର୍ଗରେ ଜନ୍ମ ହୋଇ ୨୦୦୧ରେ ନ୍ୟୁଜିଲାଣ୍ଡକୁ ଆସିଥିବା ଗ୍ରାଣ୍ଟ ଇଲିଅଟ୍ ଜୀବନର ଶ୍ରେଷ୍ଠ ଇନିଂସ ଖେଳି ୮୪ ରନରେ ଅପରାଜିତ ରହିବା ସହ ଦକ୍ଷିଣ ଆଫ୍ରିକାକୁ ପରାଜୟ ସ୍ୱାଦ ଚଖାଇଥିଲେ। ଶେଷ ୨ ବଲ୍‌ରୁ ନ୍ୟୁଜିଲାଣ୍ଡ ଜିତିବାକୁ ୪ ରନ ଆବଶ୍ୟକ ହେଉଥିବାବେଳେ ଡେଲ୍ ଷ୍ଟେଇନ୍‌ଙ୍କ ୫ମ ବଲ୍‌କୁ ମିଡ୍-ଅନ୍ ଉପରେ ଛକାମାରି ସେ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ତାଙ୍କର ଏହି ଇନିଂସ ନ୍ୟୁଜିଲାଣ୍ଡକୁ ଫାଇନାଲକୁ ନେଇଥିବାବେଳେ ଦକ୍ଷିଣ ଆଫ୍ରିକା ପୁଣିଥରେ ନକ୍‌ଆଉଟ ପର୍ଯ୍ୟାୟରୁ ବିଦାୟ ନେଇଥିଲା।





ଗ୍ରାଣ୍ଟ ଇଲିଅଟ୍

## ୨୦୧୧ ଓ'ବ୍ରେନଙ୍କ ମ୍ୟାଚ ବିଜୟୀ ଇନିଂସ



କେଭିନ ଓ'ବ୍ରେନ

ଅଣଟେଷ୍ଟ ରାଷ୍ଟ୍ର ଆୟର୍ଲାଣ୍ଡ ବିପକ୍ଷରେ ଇଂଲଣ୍ଡ ଭଲ ବ୍ୟାଟିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୮ ଉଇକେଟ ହରାଇ ୩୨୭ ରନ କରିଥିଲା। ସେ ସମୟରେ ବିଶ୍ୱକପ ଇତିହାସରେ ଏତେ ସ୍କୋର କୌଣସି ଦଳ ଚେଜ୍ କରିପାରି ନ ଥିଲା। ଆୟର୍ଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଥିବାରୁ ଇଂଲଣ୍ଡ ସହଜ ବିଜୟ ହାସଲ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ବାଙ୍ଗାଲୋର ପିଚ୍ କେଭିନ ଓ'ବ୍ରେନଙ୍କ ପାଇଁ ସ୍ମରଣୀୟ ହୋଇଗଲା। ସେ ମାତ୍ର ୫୦ ବଲ୍‌ରୁ ୧୩ ଚୌକା ଓ ୬ ଛକା ସହାୟତାରେ ବିଶ୍ୱକପ ଇତିହାସର ଦ୍ରୁତତମ ଶତକ ହାସଲ କଲେ। ତାଙ୍କର ଏହି ଇନିଂସ ସହାୟତାରେ ଏକଦା ୧୧୧ ରନରେ ୫ଟି ଉଇକେଟ ହରାଇଥିବା ଆୟର୍ଲାଣ୍ଡ ଶେଷରେ ୩ ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କଲା। ମ୍ୟାଚରେ ଓ'ବ୍ରେନ୍ ୧୧୩ ରନ ସ୍କୋର କରିଥିଲେ।

## ଇଞ୍ଜାମାମଙ୍କ ଆଶା

ଆଇସିସି କ୍ରିକେଟ ବିଶ୍ୱକପରେ ପାକିସ୍ତାନ ଏପର୍ଯ୍ୟନ୍ତ ଭାରତକୁ ମୋଟ ୬ ଥର ଭେଟିଛି ଏବଂ ସବୁଥର ହାରିଛି। ଏଥର କିନ୍ତୁ ପାକିସ୍ତାନ ପରାଜୟ ଧାରା ଭାଙ୍ଗିପାରିବ ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଅଧିନାୟକ ତଥା ଚୟନ କମିଟି ମୁଖ୍ୟ ଇଞ୍ଜାମାମ-ଉଲ୍-ହକ୍। ଆସନ୍ତା ବିଶ୍ୱକପରେ ଭାରତ ଓ ପାକିସ୍ତାନ ଜୁନ ୧୬ରେ ମାଞ୍ଚେଷ୍ଟରଠାରେ ପରସ୍ପରକୁ ଭେଟିବେ। ''ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଭାବେ ଭାରତ-ପାକିସ୍ତାନ ମ୍ୟାଚକୁ ଦର୍ଶକମାନେ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଥାନ୍ତି। କେବଳ ଭାରତ ବିପକ୍ଷ ମ୍ୟାଚରେ ଜିତିଲେ ମଧ୍ୟ ଆମେ ଖୁସିହେବୁ ବୋଲି ସେମାନଙ୍କ ମଧ୍ୟରୁ କେତେକ କହିଥାନ୍ତି। ତେଣୁ ପାକିସ୍ତାନ ଏଥର ଭାରତ ବିପକ୍ଷରେ ପରାଜୟଧାରା ଭାଙ୍ଗିବାନେଇ ମୁଁ ଆଶାବାଦୀ'' ବୋଲି ଇଞ୍ଜାମାମ କହିଛନ୍ତି। ବିଶ୍ୱକପରେ କେବଳ ଭାରତ ବିପକ୍ଷ ମ୍ୟାଚ ନୁହେଁ, ପାକିସ୍ତାନ ଅନ୍ୟ ଦଳଗୁଡ଼ିକୁ ମଧ୍ୟ ହରାଇବାର ଦକ୍ଷତା ରଖିଛି ବୋଲି ୧୨୦ ଟେଷ୍ଟ ଖେଳିଥିବା ଇଞ୍ଜାମାମ କହିଛନ୍ତି।



ପାକିସ୍ତାନ କ୍ରମାଗତ ୧୦ ଏକଦିବସୀୟ ହାରିବା ସହ ବିଶ୍ୱକପ ଖେଳିବାକୁ ଆସିଛି। ଏପରିକି ଦଳ ୱାର୍ମଅପ୍ ମ୍ୟାଚରେ ଆଫଗାନିସ୍ତାନଠାରୁ ମଧ୍ୟ ହାରିଛି। ପାକିସ୍ତାନ ବିଶ୍ୱକପ ଦଳରେ ବିଳମ୍ବରେ ପରିବର୍ତ୍ତନ କରିଥିବାରୁ ଇଞ୍ଜାମାମଙ୍କୁ କଡ଼ା ସମାଲୋଚନା ମଧ୍ୟ କରାଯାଇଛି। ଏ ସମ୍ପର୍କରେ ଇଞ୍ଜାମାମ କହିଛନ୍ତି ଯେ, ''ଲୋକମାନେ ଭାବନ୍ତି ଯେ, ୧୪-୧୫ ଖେଳାଳିଙ୍କୁ ଚୟନ କରିଦେବା ସହଜ, ମାତ୍ର ତା ନୁହେଁ। କାରଣ ସେଥିରେ ବହୁତ ଚାପ ଥାଏ। ଉଦାହରଣ ସ୍ୱରୂପ ବିଶ୍ୱକପ ପାଇଁ ଆମକୁ ଫାଷ୍ଟ ବୋଲର ଚୟନ କରିବା ଅତ୍ୟନ୍ତ କଷ୍ଟକର ଥିଲା। ବିଶେଷକରି ମହମ୍ମଦ ଅମିର, ଜୁନାଇଦ୍ ଖାଁ ଓ ଉସମାନ ଖାଁ ଶିନୱାରୀଙ୍କ ଉପସ୍ଥିତିରେ ଏହା ଅଧିକ କଷ୍ଟକର ହୋଇଥିଲା''। ମହମ୍ମଦ ହାସନେନ ଘଣ୍ଟାକୁ ୧୫୦ କିଲୋମିଟର ବେଗରେ ବୋଲିଂ କରିବା ଦକ୍ଷତା ରଖିଛନ୍ତି। ଅନ୍ୟ ପାକ୍ ଫାଷ୍ଟ ବୋଲରମାନେ ୧୩୦ରୁ ୧୪୦ କିଲୋମିଟର ବେଗରେ ବୋଲିଂ କରୁଛନ୍ତି। ତେଣୁ ହାସନେନଙ୍କ ଉପସ୍ଥିତି ପାକିସ୍ତାନ ବୋଲିଂ ବିଭାଗକୁ ଅଧିକ ଶାଣିତ କରିଛି ବୋଲି ଏହି ୪୯ ବର୍ଷୀୟ ଭେଟେରାନ କହିଛନ୍ତି। ଇଂଲଣ୍ଡ ବିଶ୍ୱର ନମ୍ବରୱାନ ଦଳ। ଭାରତୀୟ ଦଳ ବେଶ୍ ସନ୍ତୁଳିତ। ନିକଟ ଅତୀତରେ ନ୍ୟୁଜିଲାଣ୍ଡ ଉତ୍ତମ କ୍ରିକେଟ ଖେଳିଆସୁଛି। ତେଣୁ ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ବିଶ୍ୱକପ ସେମିଫାଇନାଲ ଖେଳିବାପାଇଁ ହକ୍‌ଦାର ବୋଲି ଇଞ୍ଜାମାମ କହିଛନ୍ତି।

## ୨୦୧୧ ଭାରତକୁ ଦ୍ୱିତୀୟ ଟାଇଟଲ

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦଶମ ସଂସ୍କରଣ ୨୦୧୧ରେ ଆୟୋଜିତ ହୋଇଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଭାରତ ଏହି ବିଶ୍ୱକପ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ଏହି ବିଶ୍ୱକପ୍‌ର ଅନ୍ୟତମ ଆୟୋଜକ ହେବା ସହିତ ଟାଇଟଲ ମଧ୍ୟ ଜିତିଥିଲା। ଭାରତ, ଶ୍ରୀଲଙ୍କା ସମେତ ପ୍ରଥମଥର ପାଇଁ ବାଂଲାଦେଶ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ପାଇଥିଲା। ଭାରତ ପ୍ରଥମ ଦେଶ ହିସାବରେ ଘରୋଇ ମାଟିରେ ବିଶ୍ୱକପ୍ ଜିତିବାର ଗୌରବ ଅର୍ଜନ କରି ଏକ ବିରଳ ସଫଳତା ହାସଲ କରିଥିଲା। ଭାରତ ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ତାଜ୍ ହାସଲ କରିଥିଲା। ସ୍ଥିର ତଥା ଅଲରାଉଣ୍ଡ ପ୍ରଦର୍ଶନ କରି ଯୁବରାଜ ସିଂ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପ୍ରଥମଥର ପାଇଁ କୌଣସି ବିଶ୍ୱକପ୍‌ରେ ଦୁଇ ଏସୀୟ ଦେଶ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ପୁଣି ୧୯୯୨ ପରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆକୁ ଫାଇନାଲ ଟିକେଟ ମିଳି ନ ଥିଲା।

ଫେବୃୟାରୀ ୧୯ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ଏପ୍ରିଲ ୨ ତାରିଖରେ ଶେଷ ହୋଇଥିଲା। ରାଉଣ୍ଡ- ରବିନ ଓ ନକ୍‌ଆଉଟ ଫର୍ମାଟରେ ମ୍ୟାଚ୍ ସବୁ ଖେଳାଯାଇଥିଲା। ଟୁର୍ନାମେଣ୍ଟରେ ମୋଟ ୪୯ଟି ମ୍ୟାଚ୍ ଖେଳାଯାଇଥିଲା। ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକୁ ୧,୨୨୯,୮୨୬ ଦର୍ଶକ ଉପଭୋଗ କରିଥିଲେ। ମ୍ୟାଚ ପିଛା ହାରାହାରି ଦର୍ଶକ ସଂଖ୍ୟା ଥିଲା ୨୫,୦୮୯। ଶ୍ରୀଲଙ୍କାର ତିଲକରତ୍ନେ ଦିଲସାନ ସର୍ବାଧିକ ୫୦୦ ରନ ସଂଗ୍ରହ କରିଥିଲେ। ଭାରତୀୟ ଦ୍ରୁତ ବୋଲର ଜାହିର ଖାଁ ଓ ପାକିସ୍ତାନର ସହିତ ଆଫ୍ରିଦୀ ସର୍ବାଧିକ ୨୧ଟି ଲେଖାଏ ଉଇକେଟ ହାସଲ କରିଥିଲେ।

୧୪ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ ଏ'ରେ ଆଇସିସିର ପୂର୍ଣ୍ଣ ସଦସ୍ୟ ଦେଶ ଅଷ୍ଟ୍ରେଲିଆ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଜିମ୍ବାୱେ ସମେତ ଆସୋସିଏଟ୍ ମେମ୍ବର ଦେଶ କାନାଡ଼ା ଓ କେନିଆ ସ୍ଥାନ ପାଇଥିଲେ। ସେହିପରି ଗ୍ରୁପ୍ ବି'ରେ ଭାରତ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ସମେତ ଆସୋସିଏଟ୍ ମେମ୍ବର ଆୟର୍ଲାଣ୍ଡ ଓ ନେଦରଲାଣ୍ଡ୍ସ ସ୍ଥାନ ପାଇଥିଲେ। ଟୁର୍ନାମେଣ୍ଟରେ ରେକର୍ଡ ପୁରସ୍କାର ରାଶି ରଖାଯାଇଥିଲା। ଭାରତର ୮, ଶ୍ରୀଲଙ୍କାର ୩ ଓ ବାଂଲାଦେଶର ଦୁଇଟି ସହରରେ ମ୍ୟାଚ ଖେଳାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗ୍ରୁପ୍ ଏ'ରେ ପ୍ରଥମ ୪ଟି ସ୍ଥାନରେ ରହି ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଭାରତ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ୍ ବି'ରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ତେବେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌କୁ ଭାରତ ଟାଇ ରଖିଥିଲା। ଫଳରେ ଭାରତ ଗ୍ରୁପ୍ ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କ୍ୱାର୍ଟର ଫାଇନାଲରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ପାକିସ୍ତାନ, ଅଷ୍ଟ୍ରେଲିଆକୁ ହରାଇ ଭାରତ, ଦକ୍ଷିଣ ଆଫ୍ରିକାକୁ ହରାଇ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ହରାଇ ଶ୍ରୀଲଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ବିପକ୍ଷ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଧିନାୟକ ରିକି ପଣ୍ଟିଂଙ୍କ ୧୦୪ ରନର ଶତକୀୟ ପାଳି ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୬୦ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୭.୪ ଓଭରରେ ୫ ଉଇକେଟ ହରାଇ ୨୬୧ ରନ କରି ବିଜୟୀ ହୋଇଥିଲା। ୨ ଉଇକେଟ ନେବା ସହ ଅପରାଜିତ ୫୭ ରନ କରି ଯୁବରାଜ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେମିଫାଇନାଲରେ ଶ୍ରୀଲଙ୍କା ୫ ଉଇକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଭାରତ ୨୯ ରନରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସଚିନ ତେନ୍ଦୁଲକର ୮୫, ବୀରେନ୍ଦ୍ର ସେହ୍ୱାଗ ୩୮, ମହେନ୍ଦ୍ର ସିଂ ଧୋନୀ ୨୫, ସୁରେଶ ରାଇନା ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୱାହବ ରିୟାଜ ସର୍ବାଧିକ ୫, ସଇଦ ଆଜମଲ ୨ ଓ ମହମ୍ମଦ ହାଫିଜ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯.୫ ଓଭରରେ ୨୩୧ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ମିସବା ଉଲ ହକ୍ ୫୬, ହାଫିଜ ୪୩ ରନ କରିଥିବା ବେଳେ ବୋଲିଂରେ ଭାରତ ତରଫରୁ ଜାହିର ଖାଁ, ଆଶିଷ ନେହେରା, ମୁନାଫ ପଟେଲ, ହରଭଜନ ସିଂ ଓ ଯୁବରାଜ ସିଂ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତେନ୍ଦୁଲକର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚତ ହୋଇଥିଲେ। ପାକିସ୍ତାନ ବିପକ୍ଷର ଏହି ବିଜୟ ସାରା ଦେଶରେ ଉତ୍ସବର ମାହୋଲ ଖେଳାଇଦେଇଥିଲା।

ଫାଇନାଲ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ମାହେଲା ଜୟବର୍ଦ୍ଧନେଙ୍କ ଅପରାଜିତ ୧୦୩ ରନର ଶତକୀୟ ପାଳି ବଳରେ ୨୭୪ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୩୧ ରନରେ ସେହ୍ୱାଗ ଓ ସଚିନଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଗୌତମ ଗମ୍ଭୀର ୯୭, କୋହଲି ୩୫, ମହେନ୍ଦ୍ର ସିଂ ଧୋନୀ ଅପରାଜିତ ୯୧, ଯୁବରାଜ ଅପରାଜିତ ୨୧ ରନ କରିଥିଲେ। ଧୋନୀ ଛକା ମାରି ଦଳକୁ ଚାମ୍ପିୟନ କରାଇଥିଲେ। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ଧୋନୀ ମ୍ୟାନ୍ ଅଫ୍ ଦି ଫାଇନାଲ ଓ ଯୁବରାଜ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ବିଶ୍ୱକପର ଏହି ସଂସ୍କରଣ ଆଶାତୀତ ସଫଳତା ହାସଲ କରିଥିଲା। ବିଶ୍ୱବ୍ୟାପୀ ୨.୨ ବିଲିୟନ ଦର୍ଶକ ଏହି ବିଶ୍ୱକପ୍ ଦେଖିଥିଲେ ଓ ଏହା ଏକ ସର୍ବକାଳୀନ ରେକର୍ଡ। ନିରାପତ୍ତା ତଥା ସୁରକ୍ଷାରେ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ପାକିସ୍ତାନରେ କୌଣସି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ହୋଇ ନ ଥିଲା।



ଟ୍ରଫି ସହ ମହେନ୍ଦ୍ର ସିଂ ଧୋନି



ବିଶ୍ୱକପ୍‌ରେ ଭାରତ ବିପକ୍ଷରେ କ୍ରମାଗତ ୬ଥର ପରାଜୟର ଧାରାକୁ ପାକିସ୍ତାନ ଏଥର ଭାଙ୍ଗିବ ବୋଲି ମୋର ବିଶ୍ୱାସ।
–ଇଞ୍ଜାମାମ୍ ଉଲ୍ ହକ୍, ପାକିସ୍ତାନର ମୁଖ୍ୟ ଚୟନକର୍ତ୍ତା



ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ପାଇଁ ଭାରତୀୟ ଦଳର ପ୍ରସ୍ତୁତି କ୍ଷେତ୍ରରେ କୋରିଆ ସିରିଜ ବିଜୟ ଗୁରୁତ୍ୱପୂର୍ଣ୍ଣ।
–ଜୋର୍ଡ ମାରିଜନେ, ଭାରତୀୟ ମହିଳା ହକି ଟିମ୍ କୋଚ୍

## ସଂକ୍ଷେପରେ

### କଟକ ଜିଲା ଟାଏକୋଣ୍ଡୋ ୨୯ରେ

**କଟକ ଅଫିସ,୨୬।୫:** ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆସନ୍ତା ୨୯ରେ ଏସ୍‌ଏନ ଟାଏକୋଣ୍ଡୋ ଏକାଡେମୀ ଓ ଏପିଏନ୍ ଟାଏକୋଣ୍ଡୋ ଏକାଡେମୀର ମିଳିତ ଆନୁକୂଲ୍ୟରେ ୨ୟ କଟକ ଜିଲା ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହେବ । କିରୋଗୀ ଓ ପୁମସେ ବିଭାଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ କଟକ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ସୁପର ସବଜୁନିୟର ବର୍ଗରୁ ଆରମ୍ଭ କରି ସିନିୟର ବର୍ଗର ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହେବ ବୋଲି ଏନ୍‌ଏନ ଟାଏକୋଣ୍ଡୋ ଏକାଡେମୀ ସମ୍ପାଦିକା ସୁଦୀପ୍ତା ନନ୍ଦ ସୂଚନା ଦେଇଛନ୍ତି ।

### ଗୋଆ ଅନ୍ତର୍ଜାତୀୟ କରାଟେରେ ଜାହିଦଙ୍କ ସଫଳତା



**କଟକ ଅଫିସ,୨୬।୫:** ଗୋଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ କଟକର ମହମ୍ମଦ ଜାହିଦ ସଫଳତା ପାଇଛନ୍ତି । ଜାହିଦ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ଏହି ସଫଳତା ନିମନ୍ତେ ଜାହିଦ ସେନସେଇ ଶତ୍ରୁଜିତ ଚୌଧୁରୀ, ସେନସେଇ ରିଚାର୍ଡ ଆମୋସଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଥାଉକି, ଗତ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଉକ୍ତ ଚାମ୍ପିୟନଶିପ୍‌ରେ ଓଡ଼ିଶା ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସର୍ବାଧିକ ପଦକ ବିଜୟୀ ହୋଇଥିବା ଜଣାପଡ଼ିଛି ।

### ଈଶ୍ୱରନଙ୍କ ଦ୍ୱିଶତକ: ଦୃଢ଼ ସ୍ଥିତିରେ ଭାରତ-ଏ



**ବେଲାଗାଭି, ୨୬।୫(ପି.ଟି.):** ଶ୍ରୀଲଙ୍କା-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ଦୃଢ଼ ସ୍ଥିତିରେ ରହିଛି। ଭାରତ-ଏ'ର ପ୍ରଥମ ଇନିଂସ ସ୍କୋର ୬୨୨/୫ ଜବାବରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା-ଏ ବ୍ୟାଟିଂ ଆରମ୍ଭ କରି ସଙ୍ଗୀତ କୋରେ (୦), ସାଦିରା ସମରବିକ୍ରମ (୩୧), ପାଥୁମ ନିଶାଙ୍କ (୬) ଓ ଭାନୁକା ରାଜପ୍ରକାଶ (୦)ଙ୍କ ଉଇକେଟ୍ ହରାଇ ୮୩ ରନ ସଂଗ୍ରହ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅସନ ପ୍ରିୟଞ୍ଜନ ଓ ନିରୋଶାନ ଡିକ୍‌ୱେଲା ୨୨ ରନ ଲେଖାଏ କରି କ୍ରିଜରେ ଅପରାଜିତ ରହିଛନ୍ତି। ୬ ଉଇକେଟ୍ ବଳକା ରହିଥିବାବେଳେ ଶ୍ରୀଲଙ୍କା-ଏ ପ୍ରଥମ ଇନିଂସରେ ଆଉ ୫୩୯ ରନ ଆବଶ୍ୟକ କରୁଛି। ଭାରତ-ଏ ପକ୍ଷରୁ ସନ୍ଦୀପ ୱାରିୟର ଓ ଶିଭମ ଦୁବେ ୨ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭୬/୧ରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ-ଏ ପାଇଁ ରବିବାର ଈଶ୍ୱରନ ଦ୍ୱିଶତକ ହାସଲ କରିଥିଲେ। ୧୮୯ ରନ କରି ଅପରାଜିତ ରହିଥିବା ଈଶ୍ୱରନ ଦ୍ୱିତୀୟ ଦିନରେ ଆଉ ୪୪ ରନ ଯୋଡ଼ି ୨୩୩ ରନ (୨୨ ଚୌକା, ୩ ଛକା)ରେ ଆଉଟ୍ ହୋଇଥିଲେ। ଅକିଲ ଧନଞ୍ଜୟଙ୍କ ବଲରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନମୋଲ ପ୍ରୀତ୍ ସିଂ (୧୧୬ ରନ)ଙ୍କ ଶତକୀୟ ଇନିଂସ ଦ୍ୱିତୀୟ ଦିବସର ଅନ୍ୟତମ ଉଲ୍ଲେଖନୀୟ ଘଟଣା ରହିଥିଲା। ଅନମୋଲ ପ୍ରୀତ୍ ଓ ସିଦ୍ଧେଶ ଲାଡ୍ (୭୬) ୫ମ ଉଇକେଟ୍ ଯୋଡ଼ିରେ ୧୪୭ ରନର ଭାଗୀଦାରି କରିଥିଲେ। ୫ ଉଇକେଟ୍‌ରେ ୬୨୨ ରନ ହୋଇଥିବାବେଳେ ଭାରତ-ଏ ଇନିଂସ ଘୋଷଣା କରିଥିଲା।

## ■ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# ଟିକେଟ ବିକ୍ରି ଆରମ୍ଭ

**ଭୁବନେଶ୍ୱର,୨୬।୫(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ବକ୍ସ ଅଫିସ୍‌ରେ ଟିକେଟ ବିକ୍ରି ଆରମ୍ଭ କରାଯାଇଛି ବୋଲି ଆୟୋଜକମାନେ ଘୋଷଣା କରିଛନ୍ତି। ଏଥିସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଖୋଲିଥିବା

### ଟିକେଟ ବିକ୍ରି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦିଆଯିବ

ଆଉଟ୍‌ଲେଟ୍‌ଗୁଡିକରେ ମଧ୍ୟ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଯେଉଁ ପ୍ରଶଂସକମାନେ ଅନ୍‌ଲାଇନ୍‌ରେ ଟିକେଟ କିଣିଛନ୍ତି ସେମାନେ ଷ୍ଟାଡିୟମସ୍ଥିତ ରିଡେମ୍ପଶନ କାଉଣ୍ଟରରେ ଟିକେଟ ରିଡମ୍ କରିପାରିବେ ବୋଲି ସୂଚନା ଦିଆଯାଇଛି।

ଟିକେଟ ବିକ୍ରିରୁ ମିଳିବାକୁଥିବା ଲାଭାର୍ଥ ସାଇକ୍ଲୋନ ଫନୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ସାହାଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ଘୋଷଣା କରିଛନ୍ତି। ଟିକେଟ କ୍ରୟ କରିଥିବା




ଲୋକେ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ବିଶ୍ୱସ୍ତରୀୟ ହକି ଦେଖିବାର ସୁଯୋଗ ହାସଲ କରିବେ। ୮ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଓ ଷ୍ଟାଡିୟମର ଗେଟ୍ ନମ୍ବର ୯ସ୍ଥିତ ବକ୍ସ ଅଫିସ୍‌ରେ ଟିକେଟ ମିଳିପାରିବ। ସେହିପରି ଅନ୍‌ଲାଇନରେ ଟିକେଟ କ୍ରୟ କରିଥିବା ପ୍ରଶଂସକମାନେ ଗେଟ୍ ନମ୍ବର ୪ ସ୍ଥିତ ରିଡେମ୍ପଶନ କାଉଣ୍ଟରରେ ସେମାନଙ୍କ ଅନ୍‌ଲାଇନ ଭାଉଚରକୁ ରିଡମ କରିପାରିବେ।

ସକାଳ ୧୦.୩୦ରୁ ଅପରାହ୍ନ ୫ଟା ମଧ୍ୟରେ ବିଭିନ୍ନ ଆଉଟଲେଟ୍‌ରେ ଟିକେଟ ମିଳିପାରିବ। ତେବେ ଗେଟ୍ ନମ୍ବର ୯ ସ୍ଥିତ ବକ୍ସ ଅଫିସରେ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ଟିକେଟ ମିଳିପାରିବ। ସେହିପରି ଅପରାହ୍ନ ୩ଟାରୁ ୭ଟା ପର୍ଯ୍ୟନ୍ତ ୪ ନମ୍ବର ଗେଟ୍‌ରେ ଅନ୍‌ଲାଇନ୍ ଭାଉଚରଗୁଡିକର ରିଡେମ୍ପଶନ ହୋଇପାରିବ ବୋଲି କୁହାଯାଇଛି। ପୂର୍ବରୁ ମେ ୧୪ ତାରିଖରେ ଅନ୍‌ଲାଇନ୍‌ରେ ଟିକେଟ ଉପଲବ୍ଧ ହୋଇଥିଲା।

ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦, ସାଉଥ୍ ଓ ନର୍ଥ ଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ଆସନ୍ତା ଜୁନ ୬ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ୧୪ ଓ ୧୫ ତାରିଖରେ ଖେଳାଯିବାକୁ ଥିବା ଦୁଇଟି ସେମିଫାଇନାଲ ମ୍ୟାଚ୍ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୫୦ ଓ ସାଉଥ୍ ଏବଂ ନର୍ଥ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟର ୧୫୦ ଟଙ୍କା ରଖାଯାଇଛି। ଆଗାମୀ ୬, ୭, ୧୦, ୧୨ ଓ ୧୪ ତାରିଖ ସକାଳ ୮ଟା ୪୫ରେ ଆରମ୍ଭ ହେବାକୁଥିବା ମ୍ୟାଚ୍‌ଗୁଡିକ ପାଇଁ ଇଷ୍ଟ, ନର୍ଥ ଓ ସାଉଥ ଷ୍ଟାଣ୍ଡ ଫାଷ୍ଟ କମ ଫାଷ୍ଟ ସର୍ଭ ବେସିସ୍‌ରେ ଦର୍ଶକ ମାନେ ବିନା ଟିକେଟରେ ମାଗଣାରେ ଏଣ୍ଟ୍ରି କରିପାରିବେ।

**ଟିକେଟ ମୂଲ୍ୟ**

- ■ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍
  ଇଷ୍ଟ ଷ୍ଟାଣ୍ଡ- ୨୦୦ ଟଙ୍କା
  ସାଉଥ୍ ଓ ନର୍ଥ ଷ୍ଟାଣ୍ଡ- ୧୦୦ ଟଙ୍କା
- ■ ସେମିଫାଇନାଲ ମ୍ୟାଚ୍
  ଇଷ୍ଟ ଷ୍ଟାଣ୍ଡ- ୨୫୦ ଟଙ୍କା
  ସାଉଥ୍ ଓ ନର୍ଥ ଷ୍ଟାଣ୍ଡ-୧୫୦ ଟଙ୍କା
- ■ ୬, ୭, ୧୦, ୧୨ ଓ ୧୪ ତାରିଖ ସକାଳ ମ୍ୟାଚ୍ (ଫ୍ରି ଏଣ୍ଟ୍ରି)
- ■ ଟିକେଟ ବିକ୍ରି- ୯ ନମ୍ବର ଗେଟ୍‌ସ୍ଥିତ ବକ୍ସ ଅଫିସ୍ (ସକାଳ ୯ରୁ ୧୨)
  ଅନଲାଇନ ଭାଉଚର ରିଡେମ୍ପଶନ- ୪ ନମ୍ବର ଗେଟ୍ ରିଡେମ୍ପଶନ କାଉଣ୍ଟର
  (ଅପରାହ୍ନ ୩ରୁ ସନ୍ଧ୍ୟା ୭ଟା)

## ଅପୂର୍ବୀଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୬।୫(ପି.ଟି.)**

ଭାରତର ଅପୂର୍ବୀ ଚାଣ୍ଡେଲା ତାଙ୍କ ଫର୍ମ ଜାରି ରଖିବା ସହ ଜର୍ମାନୀର ମ୍ୟୁନିକ୍‌ଠାରେ ଚାଲିଥିବା ଚଳିତବର୍ଷର ତୃତୀୟ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍), ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ ଷ୍ଟେଜ୍‌ର ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଜୟପୁରର ଏହି ଶୁଟର ଫାଇନାଲରେ ୨୫୧ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାଇନାର ୱାଙ୍ଗ୍ ଲୁୟାଓ ୨୫୦.୮ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ ଅନ୍ୟ ଜଣେ ଶୁଟର ଜୁ ହଙ୍ଗ୍ ୨୨୯.୪ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫେବୃୟାରୀରେ ନୂଆଦିଲ୍ଲୀରେ ଏକ ବିଶ୍ୱ ରେକର୍ଡ ସ୍କୋର ପରେ ଏହାଥିଲା ଅପୂର୍ବୀଙ୍କ ଦ୍ୱିତୀୟ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ସ୍ୱର୍ଣ୍ଣ। ଅନ୍ୟତମ ଭାରତୀୟ ଇଲାଭେନିଲ ଭାଲାରିଭାନ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଶନିବାର ୨୦୨୦ ଟୋକିଓ ଅଲିମ୍ପିକ ପାଇଁ ଦୁଇଟି କୋଟା ଉପଲବ୍ଧ ଥିଲା। ମହିଳା ୧୦ମିଟର ଏୟାର ରାଇଫଲରେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ସହ ରୋମାନିଆର ଲାଉରା ଜର୍ଜେଟା କୋମାନ ଏବଂ ୧୬ ବର୍ଷୀୟ ହଙ୍ଗେରୀର ଏସ୍‌ଜର ମେସ୍‌ଜାରସ ଏହି କୋଟା ହାସଲ କରିଥିଲେ। ସୂଚନାଯୋଗ୍ୟ, ଅପୂର୍ବୀ, ଅଞ୍ଜୁମ ମୋଦଗିଲ, ସୌରଭ ଚୌଧାରୀ, ଅଭିଷେକ ବର୍ମା ଏବଂ ଦିବ୍ୟାଂଶ ସିଂ ପନୱାର ଦେଶ ପାଇଁ ପୂର୍ବରୁ କୋଟା ହାସଲ କରିସାରିଛନ୍ତି। ଭାରତର ଅନ୍ୟ ଏକ କୋଟା ପୁରୁଷ ୧୦ମିଟର ଏୟାର ରାଇଫଲରେ ରହିଛି। ସୋମବାର ଟୋକିଓ ଲାଗି ୬ଟି କୋଟା ଚୂଡ଼ାନ୍ତ ହେବ।

## ରାଜ୍ୟ ସବ୍‌ଜୁନିୟର କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬।୫(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୮ ଜିଲାରୁ ୩୦୦ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ମନୋନୀତ କରାଟେକାମାନେ ଆସନ୍ତା ମାସ ୧୦ ତାରିଖରେ ଦିଲ୍ଲୀଠାରେ ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗନେବେ। ପ୍ରତିଯୋଗିତାକୁ ସେନ୍‌ସେଇ ଖାରବେଳ ମଲ୍ଲିକ, ଜୟଦେବ ପଟ୍ଟନାୟକ, ଏସ.ଆର. ସାସମଲ, ଏନ.ଏସ. ଗୁଇଁ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରା, ସନକ ଦେଓ, ଆଦିତ୍ୟ ମିଶ୍ର, ମହେଶ ବରାଳ, ଦୁର୍ଗା ପ୍ରସାଦ ରଥ, ସୌମ୍ୟ ଦାସ, ସନ୍ଦିପ ମହାନ୍ତି, ସତ୍ୟଶ୍ରୀ ଜେନା ମାନସ ମାଥାନିଆ, ମୁନା ସିଂ, ଦେବବ୍ରତ, ଦେବେନ୍ଦ୍ର, ଏନ.ବି.ପଟ୍ଟନାୟକ, ଗୋପାଳ ଦୀପ, ଶୁଭେନ୍ଦୁ ଲେଙ୍କା, ସନ୍ଦିପ ଦାସ, ଦିଲୀପ ଜେନା, ଅବିନାଶ ପୁନ୍ଦିର ପ୍ରମୁଖ ପରିଚାଳନା କରିଥିଲେ।



ପଦକ ସହ ଅତିଥିଙ୍କ ଗହଣରେ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

## ବର୍ଷା ଯୋଗୁ ୨ ୱାର୍ମଅପ୍ ମ୍ୟାଚ ବାତିଲ

ଆଇସିସି ବିଶ୍ୱକପ୍ – ଆଉ ୨ ଦିନ

**କାର୍ଡିଫ/ବ୍ରିଷ୍ଟଲ, ୨୬।୫(ପି.ଟି.)**

ବର୍ଷା ଯୋଗୁ ରବିବାର ପାକିସ୍ତାନ-ବାଂଲାଦେଶ, ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ ବିଶ୍ୱକପ ୱାର୍ମଅପ୍ ମ୍ୟାଚ ବାତିଲ ହୋଇଛି। କାର୍ଡିଫରେ ହେବାକୁଥିବା ପାକିସ୍ତାନ-ବାଂଲାଦେଶ ମ୍ୟାଚରେ ଗୋଟିଏ ହେଲେ ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ବ୍ରିଷ୍ଟଲରେ ଆଫ୍ରିକା-ୱେଷ୍ଟଇଣ୍ଡିଜ ମ୍ୟାଚ ମାତ୍ର ୧୨.୪ ଓଭର ସମ୍ଭବ ହୋଇଥିଲା। ବର୍ଷା ଯୋଗୁ ୨ ଥର ବାଧାପ୍ରାପ୍ତ ମ୍ୟାଚକୁ ୩୧ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କୌଣସି ଉଇକେଟ ନ ହରାଇ ୯୫ ରନ କରିଥିବାବେଳେ ପୁଣି ବର୍ଷା ହୋଇଥିଲା। ଫଳରେ ମ୍ୟାଚକୁ ବାତିଲ କରାଯାଇଥିଲା। ସେତେବେଳକୁ ହାସିମ ଅମ୍‌ଲା ୪୬ ବଲ୍‌ରୁ ୫୧ ଏବଂ କ୍ୱିଣ୍ଟନ ଡି'କକ୍ ୩୦ ବଲ୍‌ରୁ ୩୭ ରନ ସ୍କୋର କରିଥିଲେ। ପୂର୍ବରୁ ପାକିସ୍ତାନ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚରେ ଆଫଗାନିସ୍ତାନଠାରୁ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ୮୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଶନିବାର ଖେଳାଯାଇଥିବା ଅନ୍ୟ ଏକ ୱାର୍ମଅପ୍ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡକୁ ୧୨ ରନ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଦଳ ହରାଇ ଦେଇଛି। ଷ୍ଟିଭ ସ୍ମିଥ୍‌ଙ୍କ ୧୧୬ ରନ ବଳରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୯୭ ରନ କରିଥିଲା। ଜବାବରେ ଇଂଲଣ୍ଡ ୩ ବଲ୍ ପୂର୍ବରୁ ୨୮୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## କର୍ବର ପରାସ୍ତ, ଟିସିପ୍‌ସିପାସ୍ ବିଜୟୀ

ଫ୍ରେଞ୍ଚ୍ ଓପନ୍ ଟେନିସ୍

**ପ୍ୟାରିସ, ୨୬।୫**

ରବିବାରଠାରୁ ଆରମ୍ଭ ହୋଇଥିବା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ୫ମ ସିଡ୍ ତଥା ୱିମ୍ବେଲଡନ ଚାମ୍ପିୟନ ଆଞ୍ଜେଲିକ୍ କର୍ବର ତାଙ୍କ ମ୍ୟାଚ ହାରିଯାଇଛନ୍ତି। ରୁଷିଆର ସ୍ୱଳ୍ପବୟସ୍କା ଖେଳାଳି ଆନାସ୍ତାସିଆ ପୋଟାପୋଭା ତାଙ୍କୁ ୬-୪, ୬-୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ୧୮ ବର୍ଷୀୟା ତଥା ୮୧ତମ ର୍ୟାଙ୍କିଙ୍ଗପ୍ରାପ୍ତ ପୋଟାପୋଭା ପ୍ରଥମ ଥର ଫ୍ରେଞ୍ଚ୍ ଓପନ ଖେଳୁଛନ୍ତି। ୩୧ ବର୍ଷୀୟା ଜର୍ମାନ ଖେଳାଳି ଏଥରକୁ ମିଶାଇ ୬ଷ୍ଠ ଥର ଫ୍ରେଞ୍ଚ୍ ଓପନ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଗ୍ରୀକ୍‌ର ଉଦୀୟମାନ ଷ୍ଟାର ଖେଳାଳି ଷ୍ଟିଫାନସ ଟିସିପ୍‌ସିପାସ୍ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲିଷ୍ଟ ତଥା ୨୦ ବର୍ଷୀୟ ୬ଷ୍ଠ ସିଡ୍ ଖେଳାଳି ୬-୨, ୬-୨, ୭-୬(୭/୪) ସେଟ୍‌ରେ ଜର୍ମାନୀର ମାକ୍ସିମିଲିଆନ୍ ମାର୍ଟେରେର୍‌ଙ୍କୁ ହରାଇ ଦେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଭାରତର ପ୍ରଜନେଶ ଗୁଣେଶ୍ୱରନ କିମ୍ବା ବଲିଭିଆର ହୁଗୋ ଡିଲିଏନ୍‌ଙ୍କ ସହ ମୁକାବିଲା କରିବେ।

## ଜେଭରେଭଙ୍କୁ ଜେନେଭା ଓପନ ଟାଇଟଲ

**ଜେନେଭା, ୨୬।୫**

ଜର୍ମାନୀର ଆଲେକଜାଣ୍ଡର ଜେଭରେଭ ଏଠାରେ ଚାଲିଥିବା ଜେନେଭା ଓପନ ଟାଇଟଲ ଜିତି ଆଗାମୀ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି। ବର୍ଷା ବାଧାପ୍ରାପ୍ତ ଫାଇନାଲରେ ଚିଲିର ନିକୋଲାସ ଜେରିଙ୍କୁ ୬-୩, ୩-୬, ୭-୬(୮/୬) ସେଟ୍‌ରେ ହରାଇ ଦେଇଛନ୍ତି। ଗତ ବର୍ଷ ଇଟାଲିଆନ ଓପନ ଜିତିବା ପରେ ୨୨ ବର୍ଷୀୟ ଖେଳାଳିଙ୍କ ଏହା ପ୍ରଥମ କ୍ଲେ କୋର୍ଟ ଟାଇଟଲ।

## ଭାରତୀୟ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ହିମନ୍ତ ବିଏସି ଉପସଭାପତି

**ନୂଆଦିଲ୍ଲୀ,୨୬।୫(ପିଟି)**

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ)ର ସଭାପତି ହିମନ୍ତ ବିଶ୍ୱଶର୍ମା ବ୍ୟାଡ୍‌ମିଣ୍ଟନ ଏସିଆ କାଉନସିଲ(ବିଏସି)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୫୦ ବର୍ଷୀୟ କ୍ରୀଡ଼ା ପ୍ରଶାସକ ମୋଟ ୪୦ରୁ ୩୫ ଖଣ୍ଡ ଭୋଟ ପାଇଥିଲେ। ହିମନ୍ତ କାଉନ୍‌ସିଲ କମିଟିର ସଦସ୍ୟ ହେବା ବିଏଆଇ ଲାଗି ନିଶ୍ଚିତ ସହାୟକ ହେବ ବୋଲି ବିଏଆଇ ସାଧାରଣ ସମ୍ପାଦକ ଅଜୟ ସିଙ୍ଘାଣିଆ କହିଛନ୍ତି। ଆସାମର ସ୍ୱାସ୍ଥ୍ୟ ଓ ଶିକ୍ଷାମନ୍ତ୍ରୀ ହିମନ୍ତ ଗତ ବର୍ଷ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଏଆଇ ସଭାପତି ପଦରେ ନିର୍ବାଚିତ ହୋଇଥିଲେ। ବିଏସି ସଭାପତି ଆଣ୍ଟୋନ ସୁବୋ ବାଇ ସମ୍ପାଦକ ଓମାର ରଶିଦଙ୍କୁ ଏସିଆର ଡେଭଲପମେଣ୍ଟ କମିଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି।



ଅତିଥିଙ୍କ ଗହଣରେ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ।

## ଫୁଟବଲ ଟେକ୍‌ନିକ ସୁଧାରିଲେ ୯୬ ଖେଳାଳି

**ଭୁବନେଶ୍ୱର, ୨୬।୫(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତ ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୧୩ ବର୍ଷରୁ କମ୍ ବାଳକ ବିଭାଗରେ ୪୭, ୧୫ରୁ ୧୭ ବର୍ଷ ବିଭାଗରେ ୨୪ ଏବଂ ୧୮ରୁ ୨୨ ବର୍ଷ ବିଭାଗରେ ୨୫ ବାଳକ ଅଂଶଗ୍ରହଣ କରିଥିଲେ। ୩ ସପ୍ତାହଧରି ଅନୁଷ୍ଠିତ ଏହି ଶିବିରରେ ୭ ପ୍ରଶିକ୍ଷକ ୯୬ ବାଳକଙ୍କୁ ଫୁଟବଲର ମୌଳିକ ଜ୍ଞାନ ସମ୍ପର୍କରେ ଶିକ୍ଷା ଦେବାସହ ଟେକ୍‌ନିକରେ ଥିବା ତ୍ରୁଟିକୁ ସୁଧାରିଥିଲେ। ଶିବିରର ବିଭିନ୍ନ ଦିବସରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, ଅନ୍ତର୍ଜାତୀୟ ଖେଳାଳି ବିଜୟଲକ୍ଷ୍ମୀ ସାହୁ, ସୁପ୍ରିୟା ରାଉତରାୟ, ଫଇଜିଓଥେରାପିଷ୍ଟ ମୁକ୍ତିପ୍ରସାଦ ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ନିଜ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଦ୍‌ଯାପନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ନବନିର୍ବାଚିତ ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁଗୋଳ-ସୁକିନ୍ଦା ରେଲୱେ ଏମ୍‌ଡି ଦିଲୀପ ସାମନ୍ତରାୟ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ଆୟୋଜକ କ୍ଲବର ସମ୍ପାଦକ ଦିଲୀପ ଦାସ, ସଭାପତି ତପନ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ଅକ୍ଷୟ ଦାସ, ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଆଇଏଫଏଫର ଲାଇସେନ୍ସପ୍ରାପ୍ତ ପ୍ରଶିକ୍ଷକ ସୁଶାନ୍ତ ମହାନ୍ତି ନିଜ ତରଫରୁ ୩ ଖେଳାଳି ସୂର୍ଯ୍ୟରଞ୍ଜନ ନାୟକ, ରିତେଶ ନାୟକ ଓ ସମ୍ବିତ କୁମାର ନାୟକଙ୍କୁ ସ୍କୁଲ୍ କିଟ୍ ବ୍ୟାଗ୍ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅମିୟ କୁମାର ମିଶ୍ର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ମେ ୨୭/୨୦୧୯ Rayagada, Monday, May 27 / 2019

## ସଂକ୍ଷେପରେ



### ମଦ ଜବତ, ବ୍ୟବସାୟୀ ଗିରଫ

**ଗୁଣପୁର,୨୬।୫(ଡି.ଏନ.ଏ):** ରାୟଗଡା ଜିଲା ରାମନାଗୁଡାଠାରେ ବିଦେଶୀ ଏବଂ ଦେଶୀ ମଦ ବିକ୍ରୟ କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ସେ ହେଲେ ଶତ୍ରୁଘ୍ନ ଯାଦବ। ତାଙ୍କ ନିକଟରୁ ୪୦.୯୦୦ ଲିଟର ବିଦେଶୀ ଏବଂ ୬ ଲିଟର ଦେଶୀ ମଦ ଜବତ କରାଯାଇଛି। ସେ ବିଦେଶୀ ମଦ ବିକ୍ରୟ କରିବା ନିମନ୍ତେ ଲାଇସେନ୍ସ ପାଇଛନ୍ତି । ହେଲେ ଶତ୍ରୁଘ୍ନ ନିଜ ଦୋକାନ ଛାଡି ରାମନାଗୁଡା ମୁଖ୍ୟରାସ୍ତାସ୍ଥିତ ଏସଆର ପେଟ୍ରୋଲ ପମ୍ପ ନିକଟରେ ଏକ ଦୋକାନରେ ଦେଶୀ ଓ ବିଦେଶୀ ମଦ ରଖି ବେଆଇନ ଭାବେ ବ୍ୟବସାୟ କରୁଥିଲେ । ତେଣୁ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିବା ଏସଡିପିଓ ରାଜକିଶୋର ଦାସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୋଲିସ ଏସଆଇ ଏସ.କେ. ଦେଓଙ୍କ ନେତୃତ୍ୱରେ ଶନିବାର ସନ୍ଧ୍ୟାରେ ସେଠାରେ ଚଢାଉ କରାଯାଇଥିଲା ।

### ରାଜ୍ୟ ବାହାରକୁ ମଦ ଚାଲାଣ ବେଳେ ଜବତ, ୨ ଗିରଫ

**ମାଲକାନଗିରି,୨୬।୫(ଡି.ଏନ.ଏ.):** ମାଲକାନଗିରି ଜିଲାରୁ ରାଜ୍ୟ ବାହାରକୁ ବିଦେଶୀ ମଦ ଚୋରା ଚାଲାଣ ବେଳେ ଧରାପଡିଛି। ଏହାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ସୁକୁମା ପୋଲିସ ଗିରଫ କରିଛି । ମାଲକାନଗିରି ଜିଲାରୁ ଏକ ପିକଅପ୍ ଭ୍ୟାନ୍‌ରେ ବିଭିନ୍ନ କମ୍ପାନୀର ବିଦେଶୀ ମଦ ଛତିଶଗଡର ସୁକୁମା ଜିଲାକୁ ଯାଉଥିବା ସୁକୁମା ପୋଲିସ ଖବର ପାଇବା ପରେ ବାଟରେ ଜଗି ରହିଥିଲେ। ସମ୍ପୃକ୍ତ ଭ୍ୟାନ ଆସିବା ପରେ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଭ୍ୟାନରୁ ଉପରୋକ୍ତ ପରିମାଣର ମଦ ମିଳିଥିଲା। ମାଲକାନଗିରି ଜିଲାରୁ ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ଏହି ମଦ ମାଲକାନଗିରିରୁ ରାଜ୍ୟ ବାହାରକୁ ଚୋରାରେ ପଠାଇଥିଲେ। ତେବେ ଏହି ମଦ ମାଲକାନଗିରିରୁ ଯାଇଛି କି ନାହିଁ ଏବଂ କିଏ ପଠାଇଛି ସେ ନେଇ ତଦନ୍ତ କରାଯିବ ବୋଲି ମାଲକାନଗିରି ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ କହିଛନ୍ତି।

# ୮ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଫଳ ଶୂନ

**ମାଲକାନଗିରି,୨୬।୫(ଡି.ଏନ.ଏ.)**

- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଜିଲା ଶିକ୍ଷା ଅଧିକାରୀ
- ୩୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେହି ପାସ୍ କରିପାରିଲେନି

ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ଗତ ୨୧ ତାରିଖରେ ପ୍ରକାଶ ପାଇଛି। ମାଲକାନଗିରି ଜିଲାର ୮ଟି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଫଳ ଶୂନ ହୋଇଛି। ଏହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ପରୀକ୍ଷା ଫଳ ଶୂନ ହୋଇଥିବା ଉଚ୍ଚ ବିଦ୍ୟାଳୟଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ଥିବାବେଳେ କେଉଁ କାରଣରୁ ସମ୍ପୃକ୍ତ ବିଦ୍ୟାଳୟଗୁଡିକରେ ପରୀକ୍ଷା ଫଳ ଏପରି ହେଲା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଶୂନ ପରୀକ୍ଷା ଫଳ ହୋଇଥିବା ବିଦ୍ୟାଳୟ ଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ଚିତ୍ରକୋଣ୍ଡାର ବଡପଡା ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏହି ବିଦ୍ୟାଳୟରେ ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଅଥଚ ବିଦ୍ୟାଳୟର ଜଣେ ମାତ୍ର ଛାତ୍ର ମାଟ୍ରିକ ପରୀକ୍ଷାରେ ପାସ୍ କରିପାରିଲେନି। ଏହା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଶିକ୍ଷାଦାନ ପ୍ରତି ପ୍ରଶ୍ନ ଉଠାଇଛି। କାଲିମେଳା ବ୍ଲକ ଉଣ୍ଡୁକୋଣ୍ଡା ପଞ୍ଚାୟତ ସଦର ହାଇସ୍କୁଲରେ ୭ ଜଣ ଛାତ୍ରୀଛାତ୍ର, ମାଲକାନଗିରି ବ୍ଲକ ବୁରୁଡି ଉଚ୍ଚ ବିଦ୍ୟାଳୟର ୫ ଜଣ, ମାଥିଲି ବ୍ଲକ ଟେମୁରୁପାଲି ଉଚ୍ଚ ବିଦ୍ୟାଳୟର ୫ ଜଣ, କାଲିମେଳା ବ୍ଲକ ମାରିଗେଟା ହାଇସ୍କୁଲର ୭ ଜଣ, ଚିନ୍ତଲୱାଡା ଉଚ୍ଚ ବିଦ୍ୟାଳୟର ୬ ଜଣ, ଦର୍ଲାଗଡା ହାଇସ୍କୁଲର ଜଣେ, ଆର.ଏସ.ସି –୧୧ ଉଚ୍ଚ ବିଦ୍ୟାଳୟର ୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମାତ୍ର ଏହି ୮ଟି ଉଚ୍ଚ ବିଦ୍ୟାଳୟରେ କେହି ହେଲେ ପାସ୍ କରିବାରେ ସକ୍ଷମ ହୋଇନାହାନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସେଠୀ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କୈଫତ ମାଗିଛନ୍ତି। ଗ୍ରୀଷ୍ମ ଅବକାଶ ପରେ ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ଡକାଯାଇ ଫଳାଫଳ ସମ୍ପର୍କରେ ତର୍ଜମା କରାଯିବ । କେଉଁ କାରଣରୁ ପରୀକ୍ଷା ଫଳାଫଳ ହାର କମିଲା ଏବଂ ୮ଟି ଉଚ୍ଚ ବିଦ୍ୟାଳୟରେ ଫଳ ଶୂନ ହେଲା ସେ ନେଇ ପ୍ରଧାନଶିକ୍ଷକଙ୍କଠାରୁ ଉତ୍ତର ମଗାଯିବ। ଏହା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଠୀ କହିଛନ୍ତି।



ମା'ଙ୍କୁ ସାହି ପରିକ୍ରମା କରାଯାଉଛି ।

# ମୁଣ୍ଡାଗାଁରେ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

**ଟିକିରି,୨୬।୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋନପାଦି ପଞ୍ଚାୟତସ୍ଥିତ ମୁଣ୍ଡାଗାଁଠାରେ ଦୀର୍ଘ ୯ ଦିନ ଧରି ଚାଲିଥିବା ଠାକୁରାଣୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ଘଟଯାତ୍ରା କାର୍ଯ୍ୟକ୍ରମରେ ଗ୍ରାମର ପୂଜକ ଭାବେ ଭାଗୀରଥି ପ୍ରଧାନ, ବାଳକୃଷ୍ଣ ମହାନ୍ତି, ବନମାଳି ନାୟକ, ପ୍ରଶାନ୍ତ ପ୍ରଧାନୀ ପ୍ରଭାତ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ । ମା'କୁ ଗ୍ରାମର ପ୍ରତ୍ୟେକ ସାହି ବୁଲି ପୂଜା କରାଯାଇଥିଲା । ୩ ଦିନ ଧରି ମା' ଝାମିନିଆଁରେ ଚାଲିଥିଲେ । ଚତୁର୍ଥ ଦିନରେ କଣ୍ଟା ଦୋଳିରେ ଝୁଲିଥିଲେ । ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ଭୋଗ ଲାଗି ହୋଇଥିବା ବେଳେ ପ୍ରତ୍ୟେକ ସାହିରେ ଖିରିପିଠା ଭୋଗ ଲାଗି ହେଉଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷଦିନରେ ମା'ଙ୍କ ପାଖରେ ମାନସିକଧାରୀମାନେ ନିଜ ନିଜର ପୂଜା ସାମଗ୍ରୀ ସହିତ କୁକୁଡା, ଛେଳି, ପାରା ଆଦି ପୂଜା କରିଥିଲେ । ଏହି ଯାତ୍ରାକୁ ପ୍ରତିବର୍ଷ ପାଳିତ ହୋଇଆସୁଛି । ଏହି ଯାତ୍ରାକୁ ଗ୍ରାମର ନିଳାଦ୍ରୀ ପାତ୍ର, ପ୍ରଦୀପ ପାତ୍ର, ଛପର ମାଝି, ନିତ୍ୟାନନ୍ଦ ନାୟକ, ଚନ୍ଦ୍ରଶେଖର ପାତ୍ର, ଆର୍ତ୍ତ ପାତ୍ରଙ୍କ ସମେତ ଶ୍ରୀରାମ ଯୁବ ଏକତାର ସଦସ୍ୟମାନେ ପରିଚାଳନା କରିଥିଲେ ।

# ଗୋବିନ୍ଦପାଲିରେ କାଳ ବୈଶାଖୀ: ଘର ଛପର ଉଡ଼ିଲା

**ଗୋବିନ୍ଦପାଲି,୨୬।୫(ଡି.ଏନ.ଏ.)**

ମାଲକାନଗିରି ଜିଲା ଗୋବିନ୍ଦପାଲିରେ ରବିବାର ସନ୍ଧ୍ୟାରେ କାଳ ବୈଶାଖୀ ହୋଇଛି। ଏହାର ପ୍ରଭାବରେ ଜୋରରେ ପବନ ବୋହି କୁଆପଥର ସହ ବର୍ଷା ହୋଇଥିଲା। ଅନେକ ଘରର ଚାଳଛପର ଓ ଆଜବେଷ୍ଟସ୍ ଉଡିଯାଇଛି। ଅନେକ ଗଛଡାଳ ଭାଙ୍ଗିଯାଇଛି। ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବର୍ଷାପବନ କମିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ମରାମତି ଜାରି ରଖିଛନ୍ତି।

# ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା ଘଟଣା: ୮ ଗିରଫ

**ଧରାକୋଟ,୨୬।୫(ଡି.ଏନ.ଏ.)**

ଧରାକୋଟ ଥାନା ଅଞ୍ଚଳରେ ଶୁକ୍ରବାର ଅଲେଖ ନାହାକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିଲା। ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅଲେଖଙ୍କ ବାପା ଧରାକୋଟ ଥାନାରେ ଏତଲା ଦେବାପରେ ପୋଲିସ ନଂ. ୭୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ଏହି ଘଟଣାରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଯୁଧିଷ୍ଠିର ବେହେରା, ଚିତ୍ରସେନ ବେହେରା, ମହେଶ୍ୱର ବେହେରା, ଶିବରାମ ବେହେରା, ନିଶାକର ବେହେରା, ଗୋବିନ୍ଦ ବେହେରା, ଅଚ୍ୟୁତ ବେହେରା, ମୁନା ବେହେରା। ଅଭିଯୁକ୍ତମାନଙ୍କ ଠାରୁ ଲୁହାଛଡ଼ ଓ ଠେଙ୍ଗା ଜବତ କରାଯାଇଛି। ପୋଲିସର କହିବା ପ୍ରକାରେ, ଅଲେଖ ସମ୍ପୃକ୍ତ ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ୪/୫ ମାସ ହେଲା ମିଳାମିଶା କରୁଥିଲେ। ଏନେଇ ଝିଅଙ୍କ ପରିବାର ପକ୍ଷରୁ ଅଲେଖଙ୍କୁ ତାଗିଦ୍ କରାଯାଇଥିଲା। କିନ୍ତୁ ସେ ନ ମାନି ମିଳାମିଶା କରୁଥିଲେ। ଘଟଣାଦିନ ଗ୍ରାମରେ ଭାରତଲୀଳା ନାଟକ ଝିଅ ଘର ପରିବାର ଲୋକେ ଦେଖିବା ପାଇଁ ଯାଇଥିଲେ। ସମ୍ପୃକ୍ତ ନାବାଳିକା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଲେଖ ଝିଅ ଘରକୁ ଯାଇଥିଲେ। ଏହି ଖବର ଝିଅର ବାପା, ଦାଦା ଓ ଭାଇ ଜାଣିବା ପରେ ଅଲେଖଙ୍କୁ ତାଙ୍କ ଘରୁ ଡ଼ାକି ଆଣି ନିସ୍ଥୁକ ମାଡ଼ ମାରିଥିଲେ। ଅଲେଖଙ୍କ ବାପା ସେଠାରେ ପହଞ୍ଚି ପୁଅକୁ ମାଡ ମରାଯାଉଥିବା ଦେଖି ଧରାକୋଟ ଥାନାକୁ ଖବର ଦେଇଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ